R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୫
ତିଥି : ତୃତୀୟା
୨୮ ଅକ୍ଟୋବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
28 October 2026, Wednesday

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur



ତାଣ୍ଡବ ରଚିଲା ଅର୍ଣ୍ଣବ

- ୧୫୦ କିମି ବେଗରେ ସ୍ଥଳଭାଗ ଛୁଇଁଲା
- ୟାନାମ୍-ବାପ୍‌ଟଲା ଭିତରେ ପ୍ରବେଶ
- ୪ ଘଣ୍ଟା ଧରି ଦେଖାଇଲା କରାଳ ରୂପ
- ଉପକୂଳରେ ବର୍ଷା, ଆଜି ଦକ୍ଷିଣରେ ଭୀଷଣ
- ଦୁର୍ବଳ ସ୍ଥିତିରେ ମାଲକାନଗିରି ପ୍ରବେଶ କରିବ
- ୮୦ରୁ ୯୦ ମାଲକାନଗିରିରେ ବୋହିବ ପବନ

ଭୁବନେଶ୍ୱର, ୨୭ ।୧୦ (ସବ୍ୟୁ) : ଅତି ଭୀଷଣ ବାତ୍ୟା ରୂପ ନେଇ ସ୍ଥଳଭାଗ ଛୁଇଁଛି ଅର୍ଣ୍ଣବ । ଅର୍ଣ୍ଣବ ୧୫୦ କିମି ବେଗରେ ସ୍ଥଳଭାଗ ପ୍ରବେଶ କରିବା ସହ ନିଜର କରାଳ ରୂପ ଦେଖାଇଛି । ସମୁଦ୍ରର ଉଚ୍ଚ ଜୁଆର କୂଳ ଲଙ୍ଘି ରାସ୍ତା ଉପରେ ଲହଡ଼ି ମାରୁଛି । ଏହାର ପ୍ରଭାବରେ ବିରାଟକାୟ ଗଛମାନ ଉପୁଡ଼ିବା ସହ କଚ୍ଚାଘର ମାଟିରେ ମିଶିଛି । ଅବିଶ୍ରାନ୍ତ ବର୍ଷାରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବାବେଳେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଲାଗିରହିଛି । ଓଡ଼ିଶାର ବାକି ଜିଲ୍ଲାଗୁଡ଼ିକରେ ଝିପିଝିପି ବର୍ଷା ସାଙ୍ଗକୁ ମଝିରେ ମଝିରେ ବଡ଼ ବର୍ଷା ଜାରି ରହିଛି । ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ଓ ଓଡ଼ିଶାରେ ବିଶେଷ ଭାବେ ପ୍ରଭାବ ପକାଇଛି । ପ୍ରାୟ ୬୫ ଟ୍ରେନ୍ ବାତିଲ ହୋଇଥିବାବେଳେ ୨୧ଟି ବିମାନ ଚଳାଚଳକୁ ବାତିଲ କରିଦିଆଯାଇଛି । ଆନ୍ଧ୍ରରେ ରାତି ସୁଦ୍ଧା ୮୪,୩୯୪ ଲୋକଙ୍କୁ ୨୯୦ ଆଶ୍ରୟସ୍ଥଳରେ ଆଶ୍ରୟ ଦିଆଯାଇଛି ।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଅତି ଭୀଷଣ ବାତ୍ୟା "ଅର୍ଣ୍ଣବ' ଘଣ୍ଟା ପ୍ରତି ୧୮ କିମି ବେଗରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ମଙ୍ଗଳବାର ବିଳମ୍ବିତ ରାତି ୨ଟାରୁ ୪ଟା ମଧ୍ୟରେ ଆନ୍ଧ୍ରପ୍ରଦେଶ ଏବଂ ୟାନାମ ଉପକୂଳରୁ ବାପ୍‌ଟଲା ଏବଂ ବିଶାଖାପଟ୍ଟନମ୍ ମଧ୍ୟରେ ପ୍ରବେଶ କରିଥିବା ଜଣାପଡ଼ିଛି । ଅତି ଭୀଷଣ ବାତ୍ୟା ଅର୍ଣ୍ଣବ ଦକ୍ଷିଣ ୟାନମ୍ ନିକଟରେ ସ୍ଥଳଭାଗ ଛୁଇଁଥିବା ସୂଚନା ମିଳିଛି । ଏହି ସମୟରେ ପବନ ଘଣ୍ଟା ପ୍ରତି ୧୨୫ରୁ ୧୩୫ କିମି ଓ ଝଟ୍‌କା ୧୫୦ କିମି ଥିବା ଜଣାପଡ଼ିଛି ।

ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ ଲାଗି ବାରଣ କରାଯାଇଛି । ୨୮ ତାରିଖ ସକାଳୁ ଓଡ଼ିଶାରେ ପବନ ଘଣ୍ଟା ପ୍ରତି ୬୦ରୁ ୭୦ ଓ ଝଟ୍‌କା ପବନ ୮୦ କିମି ରହିବ । ଦକ୍ଷିଣ ଓଡ଼ିଶା ଉପକୂଳରେ ୨୯ ତାରିଖଠାରୁ ପବନର ବେଗ କମୁଥିଲେ ମଧ୍ୟ ଘଣ୍ଟା ପ୍ରତି ୫୦ରୁ ୬୦କିମି ଓ ଝଟ୍‌କା ୭୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଛତ୍ରପୁରରେ ସର୍ବାଧିକ ୬୧ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲିରେ ୪୧.୯ ମିମି, ଗୋପାଳପୁର ଓ ପୁରୀରେ ୪୦ ମିମି ବର୍ଷା ରେକର୍ଡ଼ ହୋଇଛି । ସେହିଭଳି ମଙ୍ଗଳବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ (୯ ପୃଷ୍ଠାରେ)

ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ, ନିଶ୍ଚିତ ରୁହନ୍ତୁ ଜନସାଧାରଣ : ରାଜସ୍ୱ ମନ୍ତ୍ରୀ

୮ଟି ଜିଲ୍ଲାରୁ ସମ୍ବେଦନଶୀଳ ଅଞ୍ଚଳରୁ ୪୮,୦୧୦ ଜଣ ସ୍ଥାନାନ୍ତର

ଭୁବନେଶ୍ୱର, ୨୭ ।୧୦ (ସବ୍ୟୁ): ବାତ୍ୟା ଅର୍ଣ୍ଣବର ମୁକାବିଲା ଓ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଜିଲ୍ଲା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ବାତ୍ୟା ସମୟରେ କୌଣସି ପ୍ରକାରେ ଜୀବନହାନି ନଘଟିବା ପାଇଁ ସରକାର ଜିରୋ କାଜୁଆଲଟି ନୀତି ଗ୍ରହଣ କରିଛନ୍ତି । ସ୍ଥିତିକୁ ଦୃଷ୍ଟିରେ ରଖି ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରହିବ । ସମସ୍ତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଗୁରୁତ୍ୱପୂର୍ଣ୍ଣ ଅଧିକାରୀମାନଙ୍କର ଛୁଟି ବାତିଲ କରାଯାଇ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କ ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି ।

ବାତ୍ୟା ଅର୍ଣ୍ଣବର ମୁକାବିଲା ନିମନ୍ତେ ରାଜୀବ ଭବନସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ଏସଆରସି ଓ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଯାଇଛି । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ବିଶେଷ ଭାବେ ପ୍ରଭାବିତ ହେବା ଥିବା ୮ଟି ଜିଲ୍ଲାକୁ ୧୯ କୋଟି ଟଙ୍କାର ସହାୟତା ପାଣ୍ଠିଜ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାରେ ୯ଟି ଓଡ୍ରାଫ୍, ୨ଟି (୯ ପୃଷ୍ଠାରେ)

୭ ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ



ବାତ୍ୟା ଅର୍ଣ୍ଣବକୁ ନେଇ କେନ୍ଦ୍ରାଞ୍ଚଳ ଆଇଜିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନ ସଚେତନତା ବାର୍ତ୍ତା ଜାରି କରାଯାଇଛି । ଜନସାଧାରଣଙ୍କ ସୁରକ୍ଷା ଓ ତ୍ୱରିତ ସହାୟତା ପାଇଁ କେନ୍ଦ୍ରାଞ୍ଚଳର ସମସ୍ତ ୭ ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ନାଗରିକମାନଙ୍କୁ ସତର୍କ ରହିବା, ଅଯଥା ଯାତାୟତରୁ ନିବୃତ ରହିବା ଏବଂ ସରକାରୀ ସୂଚନା ଓ ପରାମର୍ଶ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି । ଯେ କୌଣସି ଜରୁରୀକାଳିନ ପରିସ୍ଥିତିରେ ୧୨୨କୁ ଫୋନ୍ କରିବା ଲାଗି ଅନୁରୋଧ କରାଯାଇଛି ।

କୋଟିଆ ପ୍ରସଙ୍ଗରେ ନବୀନଙ୍କ ଚିଠିର ଜବାବ ଦେଲେ ମୁଖ୍ୟମନ୍ତ୍ରୀ

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର, ୨୭ ।୧୦ (ସବ୍ୟୁ) : କୋଟିଆ ପ୍ରସଙ୍ଗରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ୧୯ ତାରିକରେ ଲେଖିଥିବା ଚିଠିର ଜବାବ୍ ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୧୯୩୬ ମସିହାରୁ କୋଟିଆ ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି ଓ ରହିବ । ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ, ସାର୍ବଭୌମତ୍ୱ, ଭୌଗୋଳିକ ଅଖଣ୍ଡତା ଓ ନ୍ୟାୟ ସଂଗତ ସ୍ୱାର୍ଥ ରକ୍ଷା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କୌଣସି ଠୋସ୍ ଆଇନଗତ କିମ୍ବା ବାସ୍ତବବାଦୀ ସମାଧାନ ଉପରେ ନନେଇ କେବଳ ରାଜନୈତିକ ଦୃଷ୍ଟି କୋଣରୁ ଉପସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ସରକାର ସବୁବେଳେ ଆଇନଗତ ତଥା ସାମ୍ବିଧାନିକ ଉପାୟରେ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ ରକ୍ଷିବା ସହ କୋଟିଆ ଅଞ୍ଚଳର ବିକାଶକୁ ପ୍ରାଥମିକତା ଦେଉଛନ୍ତି । ସେଠାରେ ରହୁଥିବା ଲୋକମାନଙ୍କର ସମନ୍ୱିତ ବିକାଶ, ଉତ୍ତମ ଜୀବନ ଶୈଳୀ ଓ ସରକାରୀ ସେବା ଗୁଡିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଓ ପ୍ରଶାସିନକ ଅଧିକାରୀମାନେ ନିୟମିତ ଭାବେ କୋଟିଆ ଗ୍ରାମପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି । ଦୀର୍ଘ ଦିନରୁ ଏହି ଆନ୍ତଃରାଜ୍ୟ ବିବାଦ ଏକ ସମ୍ବେଦନଶୀଳ ପର୍ଯ୍ୟାୟରେ ଥିବାରୁ ସମସ୍ତ ପକ୍ଷ ଦାୟିତ୍ୱବାନ ହେବା ସହ ନ୍ୟାୟିକ ପ୍ରକ୍ରିୟାକୁ ସମ୍ମାନ ଦେବା ଉଚିତ । ଆମ ସରକାର ରାଜ୍ୟର ଭୌଗୋଳିକ, ସାର୍ବଭୌମତ୍ୱକୁ ବଞ୍ଚାଇ ରକ୍ଷିବାକୁ ପ୍ରତିଶ୍ରୁତି ବଦ୍ଧ । ଆଇନଗତ ଓ ସାମ୍ବିଧାନିକ ଫୋରମରେ ଏହା କରାଯିବ । ଆପଣଙ୍କ ପକ୍ଷରୁ କୌଣସି ଗଠନମୂଳକ ପ୍ରସ୍ତାବ ଆସିଲେ ତାହାକୁ ଗ୍ରହଣ କରିବି । ସୂଚନା ଯୋଗ୍ୟ କୋଟିଆରେ ଆନ୍ଧ୍ର ସରକାର ନିର୍ବାଚନ କରିବା ପ୍ରସଙ୍ଗରେ ବିରୋଧୀ ଦଳର ନେତା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ।

ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬

ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୭ ।୧୦ (ସବ୍ୟୁ) : ପୂର୍ବ ପରି ଶାସନ ଆଇଭରି ଟାୱାରରୁ ଚାଲୁ ନାହିଁ, ସରକାର ଲୋକଙ୍କ ପାଖକୁ ଯାଉଛନ୍ତି, ଲୋକଙ୍କ କଥା ଶୁଣୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅବସରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇ କହିଛନ୍ତି ।

ସେ କହିଥିଲେ ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ



ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି ।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇ କହିଥିଲେ ଯେ, ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ । ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ

ଦୁର୍ନୀତି ଅଭିଯୋଗରେ ୪୧ କର୍ମଚାରୀ ବହିଷ୍କୃତ

ଦଣ୍ଡବିଧାନ ହାର ୬୫%, ୯୧ ଅବସରପ୍ରାପ୍ତଙ୍କ ପେନ୍‌ସନ ବନ୍ଦ

ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ୍‌କୁ ଚ୍ୟାଲେଞ୍ଜ

ଅନୁମତି ନେଇ ଖବର ପ୍ରକାଶ କଲେ ନ୍ୟୁଜ୍ ରୁମ୍ ବନ୍ଦ ହେବ

ନୂଆଦିଲ୍ଲୀ, ୨୭ ।୧୦ : ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ, ୨୦୨୩ (ଡିପିଡିପି ଆକ୍ଟ)ର ବିଭିନ୍ନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଡିଜିଟାଲ୍ ନ୍ୟୁଜ୍ ପବ୍ଲିଶର୍ସ ଆସୋସିଏସନ୍ (ଡିଏନ୍‌ପିଏ) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହି ଆଇନ ଗଣମାଧ୍ୟମର ସ୍ୱାଧୀନତା ଓ ସାମ୍ବାଦିକତାର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରିପାରେ ବୋଲି ସଂଗଠନ ଆଶଙ୍କା ପ୍ରକାଶ କରିଛି । ମଙ୍ଗଳବାର ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି ।

ଡିଏନ୍‌ପିଏରେ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍', 'ଦ ହିନ୍ଦୁ', 'ଇଣ୍ଡିଆ ଟୁଡେ', ଟାଇମ୍ସ ଗ୍ରୁପ୍, ଜି, ଏନ୍‌ଡିଟିଭି ଓ ନେଟୱର୍କ ୧୮ ଭଳି ୨୧ଟି ପ୍ରମୁଖ ସମ୍ବାଦ ସଂସ୍ଥାର ଡିଜିଟାଲ୍ ବିଭାଗ ସାମିଲ ଅଛି । ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ



ଦାଖଲ ଏହି ଆବେଦନରେ ଡିପିଡିପି ଆଇନର ଧାରା ୭, ୧୭(୨), ୧୮, ୧୯, ୨୭, ୨୯, ୩୬, ୩୭ ଓ ୪୪(୩)କୁ ଅସାମ୍ବିଧାନିକ ଘୋଷଣା କରିବାକୁ ଦାବି କରାଯାଇଛି । ଏଥିସହ ଡିପିଡିପି ନିୟମାବଳୀ, ୨୦୨୫ର ନିୟମ ୧୬, ୧୭ ଓ ୨୩କୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି ।

ସାମ୍ବାଦିକତାର ସ୍ୱାଧୀନତା ପ୍ରଭାବିତ ହେବା ଆଶଙ୍କା

ଦିଲ୍ଲୀର ସ୍ୱାଧୀନ ଅନୁସନ୍ଧାନମୂଳକ ସାମ୍ବାଦିକ ୟୁକ୍ତା ମୁଦଗଲ ମଧ୍ୟ ଏହି ମାମଲାରେ ଆବେଦନକାରୀ ଅଛନ୍ତି ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ସମ୍ମୁଖରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମାଧବୀ ଦିୱାନ୍ ଯୁକ୍ତି ରଖି କହିଥିଲେ, "ଏହି ବ୍ୟବସ୍ଥା ଲାଗୁ ହେଲେ ନ୍ୟୁଜ୍‌ରୁମ୍ ବନ୍ଦ ହୋଇଯିବ ।" ଏହା ପାରମ୍ପରିକ ଗଣମାଧ୍ୟମ ପକ୍ଷରୁ ଦାଖଲ ହୋଇଥିବା ପ୍ରଥମ ବ୍ୟାପକ ଆଇନଗତ ଚ୍ୟାଲେଞ୍ଜ ବୋଲି ସେ କହିଥିଲେ ।

ଦିୱାନ୍ ଯୁକ୍ତି ଦର୍ଶାଇଥିଲେ ଯେ ଖବର ପ୍ରକାଶ କରିବା ପୂର୍ବରୁ ଯଦି ସାମ୍ବାଦିକମାନଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନୁମତି ଓ ସମ୍ମତି ନେବାକୁ ପଡ଼େ, ତେବେ ସାମ୍ବାଦିକତାର ମୂଳ ଉଦ୍ଦେଶ୍ୟ ପ୍ରଭାବିତ ହେବ । ଏହାଦ୍ୱାରା ଖବର ପ୍ରକାଶ ପୂର୍ବରୁ ଏକ (୯ ପୃଷ୍ଠାରେ)

ଆଇଏଏସ୍ ସ୍ତରରେ ଅଦଳବଦଳ

ସଂଗ୍ରାମ ମହାପାତ୍ର ଉତ୍ତରାଞ୍ଚଳ ଆରଡିସି

ଭୁବନେଶ୍ୱର, ୨୭ ।୧୦ (ସବ୍ୟୁ) : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ୮ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂଆ ନିଯୁକ୍ତି ଦେବା ସହ କିଛି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆଇଏଏସ୍ ଉମା ଟୁଡୁଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦକ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ କାନୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିଭଳି ଦକ୍ଷିଣାଞ୍ଚଳ ଆରବିସି ଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଉତ୍ତରାଞ୍ଚଳ ଡିଭିଜନ ବା ସମ୍ବଲପୁରର ଆରଡିସି ଭାବେ ବଦଳି କରାଯାଇଥିବା ବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଶୁଭମ୍ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ କରାଯାଇଥିବା ବେଳେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଗାଭିଲ ପରାଗ ହର୍ଷଦଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ବିଜୟ ଅମୃତା କୁଲାଙ୍ଗେଙ୍କୁ ବ୍ରହ୍ମପୁର ଆରଡିସି ଭାବେ ବଦଳି କରାଯାଇଛି । ସେହିଭଳି ଚକ୍ରବର୍ତ୍ତୀ (୯ ପୃଷ୍ଠାରେ)

ଇସ୍ରାଏଲ୍‌ରେ ସଂସଦ ନିର୍ବାଚନ : ନେତାନ୍ୟାହୁଙ୍କୁ କଡ଼ା ଟକ୍କର

ଇସ୍ରାଏଲ୍, ୨୭ ।୧୦ : ଇସ୍ରାଏଲ୍‌ରେ ନୂଆ ସଂସଦ ଗଠନ ପାଇଁ ଉଚ୍ଚସ୍ତରୀୟ ନିର୍ବାଚନରେ ମତଦାନ ଜାରି ରହିଛି । ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ପୂର୍ବତନ ସେନା ମୁଖ୍ୟ ଗାଦି ଆଇଜେନକୋଟ୍‌ଙ୍କ ସମେତ ବିରୋଧୀ ଦଳର ନେତାମାନେ କଡ଼ା ଟକ୍କର ଦେଉଛନ୍ତି । ଦେଶର ୨୬ତମ ସଂସଦ 'କ୍ନେସେଟ୍' ନିର୍ବାଚନରେ ୭୩ ଲକ୍ଷ ୩୧ ହଜାରରୁ ଅଧିକ ଭୋଟର ମତଦାନ କରିବାକୁ ଥିବାବେଳେ ଭାରତୀୟ ସମୟ ସକାଳ ୯ଟା ୩୦ରେ ଭୋଟଗ୍ରହଣ ଆରମ୍ଭ ହୋଇଛି । ଏହା ରାତି ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ ।

ମତଦାନ ଶେଷ ହେବା ପରେ ଏକଜିଟ୍ ପୋଲ୍ ମାଧ୍ୟମରେ ନିର୍ବାଚନ ଫଳାଫଳର ପ୍ରାରମ୍ଭିକ ଆକଳନ ମିଳିବା ଆଶା କରାଯାଉଛି । ଭୋଟ୍ ଗଣତି ପରେ ଚଳିତ ମାସ ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଉପଲବ୍ଧ ହେବାର ସମ୍ଭାବନା ରହିଛି । ନଭେମ୍ବର ୪ରେ ଏହାକୁ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯିବାର କାର୍ଯ୍ୟକ୍ରମ ରହିଛି ।

୨୦୨୩ ଅକ୍ଟୋବର ୭ରେ ହମାସ୍ ଦ୍ୱାରା ହୋଇଥିବା ଆକ୍ରମଣ ଏବଂ ଏହା ପରେ ଆରମ୍ଭ (୯ ପୃଷ୍ଠାରେ)

୨୦ ଇଞ୍ଚର କବକ ଠାବ



ବିଜ୍ଞାନୀମାନେ ଚୀନର ୟୁନ୍ନାନ୍ ପ୍ରଦେଶର ଜଙ୍ଗଲରେ 'ଡିଆନଜୁନସ ରେକ୍ସ' ନାମକ ଏକ ବିଶାଳକାୟ କବକ ବା ଫଙ୍ଗସ୍ ଆବିଷ୍କାର କରିଛନ୍ତି । ଏହି କବକ ୨୦ ଇଞ୍ଚ (୫୦ ସେଣ୍ଟିମିଟର) ଉଚ୍ଚ ଏବଂ ପ୍ରାୟ ୨.୨ କିଲୋଗ୍ରାମ ଓଜନର ବୋଲି ଆକଳନ କରାଯାଇଛି । ଏହାର ନାମ ପ୍ରସିଦ୍ଧ ଡାଇନୋସର ଟାଇରାନୋସରସ୍ ରେକ୍ସଙ୍କ ନାମାନୁସାରେ ରଖାଯାଇଛି । ସିଏନ୍‌ଏନ୍ ଅନୁଯାୟୀ, ୨୦୨୪ ଏବଂ ୨୦୨୫ ମସିହାରେ କବକ ବିବିଧତା ସର୍ବେକ୍ଷଣ ସମୟରେ ଏହି ଆବିଷ୍କାର କରାଯାଇଥିଲା । ଯାହାର ବିବରଣୀ ସେପ୍ଟେମ୍ବର ୨୮ ରେ 'ଫ୍ରଣ୍ଟିଅର୍ସ ଇନ୍ ଫଙ୍ଗାଲ୍ ବାୟୋଲୋଜି' ଜର୍ନାଲରେ ପ୍ରକାଶିତ ହୋଇଥିଲା । ଏହି କବକର ଫିକା ହଳଦିଆ ରଙ୍ଗର ଆଙ୍ଗୁଠି ଭଳି ଗଠନ ରହିଛି ଯାହାକୁ ଷ୍ଟ୍ରୋମାଟା କୁହାଯାଏ ଏବଂ ଏହା ବିମାନର କ୍ୟାରି-ଅନ୍ ସୁଟକେସ୍ ଉଚ୍ଚତା ବିଶିଷ୍ଟ । ଏହା 'ଆସ୍କୋମାଇକୋଟା' ସମୂହର ଅନ୍ତର୍ଭୁକ୍ତ, ଯାହା ପ୍ରାୟ ୬୫,୦୦୦ ପ୍ରଜାତିକୁ ନେଇ ଗଠିତ ସବୁଠାରୁ ବିବିଧ କବକ ସମୂହ ଅଟେ। ବିଜ୍ଞାନୀମାନଙ୍କ ଅନୁଯାୟୀ, ଏହା ଏହି ସମୂହର ସବୁଠାରୁ ବଡ଼ କବକ ଅଟେ, ଯାହା ପୂର୍ବରୁ କେନ୍ୟାରେ ମିଳୁଥିବା 'ଏଙ୍ଗଲରେ.ମା.ଇସେସ୍ ଗୋଏଟଜେଇ' କୁ ପଛରେ ପକାଇଛି । ଜଣେ ସ୍ଥାନୀୟ ବ୍ୟକ୍ତି ଏହି ଅସାଧାରଣ କବକର ଫଟୋ ଗବେଷକମାନଙ୍କୁ ପଠାଇବା ପରେ ଏହା ଚର୍ଚ୍ଚାକୁ ଆସିଥିଲା । ଚୀନର କୁନମିଂ ଇନଷ୍ଟିଚ୍ୟୁଟ୍ ଅଫ୍ ବଟାନିର ଆସୋସିଏଟ୍ ପ୍ରଫେସର ତଥା ଅଧ୍ୟୟନର ସହ - ଲେଖକ ଇୟୁନିଲ୍ ସେନାନାୟକଙ୍କ ସୂଚନା ଅନୁସାରେ ଲୋକମାନେ ପୂର୍ବରୁ ଏହାକୁ ଦେଖିଥିଲେ ମଧ୍ୟ ଏହାର ଗୁରୁତ୍ୱ ବୁଝିପାରି ନଥିଲେ । ଗବେଷଣାରୁ ଜଣାପଡ଼ିଛି ଯେ, ଡିରେକ୍ସ 'ଡିଆନଜୁନାସି' ନାମକ ଏକ ପୂର୍ବରୁ ଅଜ୍ଞାତ କବକ ପରିବାରର ଅଂଶ ଅଟେ । ଯାହା ପ୍ରାୟ ୬୬ ନିୟୁତ ବର୍ଷ ପୂର୍ବେ ଗ୍ରହାଣୁ ବିସ୍ଫୋରଣ ଯୋଗୁଁ ଘଟିଥିବା ଗଣବିଲୁପ୍ତିର ପ୍ରାୟ ୧ ନିୟୁତ ବର୍ଷ ପରେ ସୃଷ୍ଟି ହୋଇଥିଲା । ଯେଉଁ ସମୟରେ ଉଦ୍ଭିଦ ଆଲୋକସଶ୍ଳେଷଣ ହ୍ରାସ ପାଇଥିଲା ଏବଂ ପ୍ରଚୁର ମୃତ ମୃତ୍ତିକା ଓ ମୃତଦେହ ଜମା ହୋଇଥିଲା । ଯାହା ଏହି ପରିବାରର କବକଗୁଡ଼ିକୁ ବୃଦ୍ଧି ପାଇବାରେ ସାହାଯ୍ୟ କରିଥିଲା । ଏହି ଆବିଷ୍କାର ପୃଥିବୀରେ ଥିବା କବକ ବିବିଧତା ସମ୍ପର୍କରେ ଆହୁରି ଅନେକ କିଛି ଜାଣିବାର ବାକି ଅଛି ବୋଲି ଦର୍ଶାଉଛି ।

ସୋସିଆଲ କୋଟ୍ସ



କ୍ୟାରିୟର ଆରମ୍ଭରୁ ବଙ୍ଗାଳୀ ଥିଏଟରରେ କାମ କରିଥିଲି । ଏଥିରୁ ଅନେକ କିଛି ଶିଖିଛି । ସ୍ୱପ୍ନ ଥିଲା ଏନ୍‌ଏସ୍‌ଡିରେ ପଢିବି ।

ଶାହିଦୁର ରହମାନ, ଅଭିନେତା



ଜୀବନ ସବୁବେଳେ ସଂଘର୍ଷପୂର୍ଣ୍ଣ ରହିଛି । ବାପାଙ୍କୁ ହରାଇବା ଜୀବନର ସବୁଠାରୁ ଦୁଃଖ ଥିଲା । ତାଙ୍କ କଥା ଆଜି ବି ମନେପଡେ ।

ସୁନନ୍ଦା ଶର୍ମା, ସିଙ୍ଗର



ଶାହରୁଖ ଯେତେବେଳେ ଇଣ୍ଡଷ୍ଟ୍ରୀକୁ ଆସିଥିଲେ ସେତେବେଳେ ସମସ୍ତେ ତାଙ୍କୁ ଖୁବ ଭଲପାଇବା ଦେଇଥିଲେ` ଦୁଇବର୍ଷ ସେ ମୋ ସାଙ୍ଗରେ ରହିଛନ୍ତି ।

ବିବେକ ବସ୍ୱାନି, ଶାହରୁଖଙ୍କ ସାଙ୍ଗ

ଇତିହାସ

୧୭୦୯ - ଇଂଲଣ୍ଡ ଓ ନେଦରଲାଣ୍ଡ ଫ୍ରାନ୍ସ ବିରୋଧୀ ସନ୍ଧିରେ ହସ୍ତାକ୍ଷର କରିଥିଲେ ।

୧୮୫୯ - ସ୍ପେନ୍ ପକ୍ଷରୁ ଆଫ୍ରିକାର ଦେଶ ମୋରକ୍କୋ ବିରୋଧରେ ଯୁଦ୍ଧ ଘୋଷଣା କରାଯାଇଥିଲା ।

୧୮୮୬ - ଫ୍ରାନ୍ସ ବନ୍ଧୁତ୍ୱର ପ୍ରତୀକ ଭାବେ ଆମେରିକାକୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପ୍ରଦାନ କରିଥିଲା ।

୧୯୨୧ - ଆମ୍ଷ୍ଟର୍ଡମ୍‌ର ଟସ୍କିନସ୍କି ଫିଲ୍ମ ଥିଏଟରର ଉଦ୍‌ଘାଟନ ହୋଇଥିଲା ।

୧୯୫୫ - ଆମେରିକାନ କମ୍ପ୍ୟୁଟର ପ୍ରୋଗ୍ରାମର ଏବଂ ବ୍ୟବସାୟୀ ବିଲ୍‌ଗେଟ୍ସଙ୍କର ଜନ୍ମ ।

୧୯୬୭ - ଆମେରିକୀୟ ଅଭିନେତ୍ରୀ ଜୁଲିଆ ରୋବର୍ଟସଙ୍କର ଜନ୍ମ ।

୧୯୭୭ - ହଂକଂ ପୋଲିସ୍ ପକ୍ଷରୁ ଆଇସିଏସିର ମୁଖ୍ୟ କାର୍ଯ୍ୟାଳୟ ଉପରେ ଆକ୍ରମଣ ।

ଚର୍ଚ୍ଚିତ ପ୍ରେମ କାହାଣୀ



ଟିପ ଟିପ ବରଷା ପାଣି, ତୁ ଚିଜ ବଡି ହେ ମସ୍ତ ମସ୍ତ ଭଳି ସୁପରହିଟ୍ ଗୀତଗୁଡ଼ିକ ଜରିଆରେ ନବେ ଦଶକର ହିଟ ହିରୋଇନ ପାଲଟିଥିଲେ ରବୀନା ଟଣ୍ଡନ । ତେବେ ଭାରତରରେ ଅନେକଙ୍କର କ୍ରସ ଥିବା ରବିନାଙ୍କର କ୍ରସ ଥିଲେ ଅଭିନେତା ରିଷି କପୁର । ପିଲାଟି ଦିନରୁ ତାଙ୍କର ଅଭିନୟ ଦେଖି ବଢିଥିବା ରବୀନା ରିଷିଙ୍କୁ ଖୁବ ପସନ୍ଦ କରୁଥିଲେ । ଏପରିକି ରିଷି ଓ ନୀତୁଙ୍କର ବିବାହରେ ରବୀନାଙ୍କର ଖୁବ ମନଦୁଃଖ ହୋଇଥିଲା । ତେବେ ରବୀନାଙ୍କର ପ୍ରେମ ସମ୍ପର୍କକୁ ନେଇ ଅନେକ ଚର୍ଚ୍ଚା ହୋଇଥାଏ। ଅଜୟ ଦେବଗନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ଅନେକ ବିବାଦ ସେତେବେଳେ ଦେଖିବାକୁ ମିଳିଥିଲା । ତେବେ ଏହି ପ୍ରେମ ସମ୍ପର୍କ ବେଶି ଦିନ ରହିନଥିଲା, ଉଭୟଙ୍କର ବ୍ରେକ ଅପ ହୋଇଯାଇଥିଲା । ଏହା ପରେ ରବୀନା ଅକ୍ଷୟ କୁମାରଙ୍କ ସହ ନିର୍ବନ୍ଧ କରିଥିଲେ ଏବଂ ବିବାହ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଆଲୋଚନା ହୋଇଥିଲା । ତେବେ ଶେଷରେ ଏହି ସମ୍ପର୍କ ମଧ୍ୟ ଭାଙ୍ଗି ଯାଇଥିଲା । ଏହାପରେ ଚଳଚ୍ଚିତ୍ର ବିତରକ ଅନୀଲ ଥାଡ଼ାନୀଙ୍କୁ ଡେଟ କରିବା ସହ ତାଙ୍କୁ ହିଁ ବିବାହ କରିଥିଲେ ।

ଦୁବାଇର ସୁନା ରାସ୍ତା

ଦୁବାଇର ଗୋଲ୍ଡ ଡିଷ୍ଟ୍ରିକ୍ଟରେ ଖୁବଶୀଘ୍ର ୨୪ କ୍ୟାରେଟ୍ ସୁନାରେ ରାସ୍ତା ତିଆରି ହେବାକୁ ଯାଉଛି । ଯାହା ବିଶ୍ୱର ପ୍ରଥମ ଏବଂ ସବୁଠାରୁ ଦୀର୍ଘତମ ସୁନା ରାସ୍ତା ହେବ ଏବଂ ୨୦୨୬ ଶେଷ ହେବା ପୂର୍ବରୁ ଏହା ଖୋଲାଯିବାର ଆଶା କରାଯାଉଛି । ଏହି ରାସ୍ତାଟି ଏପରି ଏକ ଅଞ୍ଚଳରେ ଅଛି ଯେଉଁଠାରେ ୧,୦୦୦ରୁ ଅଧିକ ସୁନା ଏବଂ ଅଳଙ୍କାର ଦୋକାନ ରହିଛି । ଏହି ଅଞ୍ଚଳ ଚଳିତ ବର୍ଷ ଜାନୁଆରୀରେ ଆରମ୍ଭ ହୋଇଥିବା ଗୋଲ୍ଡ ଡିଷ୍ଟ୍ରିକ୍ଟର ଏକ ଅଂଶ ହୋଇଥିବାବେଳେ ସେଠାରେ ସୁନା ବ୍ୟତୀତ ପରଫ୍ୟୁମ୍, ପ୍ରସାଧନ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ମଧ୍ୟ ରହିଛି । ତେବେ ଏହି ରାସ୍ତାର ଦୈର୍ଘ୍ୟ, ନିର୍ମାଣ ଖର୍ଚ୍ଚ ଏବଂ ନିଶ୍ଚିତ ଉଦଘାଟନ ତାରିଖ ସମ୍ପର୍କରେ କୌଣସି ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ । ତେବେ ଏହା ବ୍ୟତୀତ ଦୁବାଇ ଆଉ ଏକ ରେକର୍ଡ କରିଛି । ଏଠାରେ ଏକ ଯୋଡ଼ା ସୁନା କାନଫୁଲ ପ୍ରଦର୍ଶିତ ହୋଇଛି ଯାହା ୧୬.୫ କିଲୋଗ୍ରାମ ଓଜନ ଏବଂ ପ୍ରାୟ ଚାରି ଫୁଟ ଦୈର୍ଘ୍ୟ ବିଶିଷ୍ଟ । ଏହି କାନଫୁଲଟି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ବିଶ୍ୱର ସବୁଠାରୁ ଭାରୀ ଏବଂ ବୃହତ୍ତମ କାନଫୁଲ ଭାବେ ସ୍ଥାନ ଅର୍ଜନ କରିଛି ।



ଚୀନର ହୁନାନ୍ ପ୍ରଦେଶରେ ଅବସ୍ଥିତ ଚାନ୍ ମୋଟରସାଇକେଲ କମ୍ପାନୀ ଜେଡଏକ୍ସମୋଟୋର ପ୍ରତିଷ୍ଠାତା ଝାଙ୍ଗ କୁଏ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି । ସେ ଏମଏକ୍ସ ୪୫୦ ନାମକ ଏକ ବିଶେଷ ମୋଟରସାଇକେଲରେ ସଡ଼କ ପରିବର୍ତ୍ତେ ନଦୀ ଜଳ ଉପରେ ୪୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିଛନ୍ତି । ଏହି ରାଇଡ କାରଣରୁ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ ହୋଇଛି । ସେ ତାଙ୍କ ବାଇକ୍‌ରେ ଏକ ସ୍ୱତନ୍ତ୍ର ସ୍କି' ଫିଟ୍ କରିବା ସହ ଇନ୍ଧନ ଟାଙ୍କିକୁ ବଡ଼ କରିଥିଲେ ଏବଂ ଏହାକୁ ପାଣିରୁ ରକ୍ଷା କରିବା ପାଇଁ ୱାଟରପ୍ରୁଫ୍ କରିଥିଲେ । ଯାହା ଦ୍ୱାରା ବାଇକ୍‌ଟି ଜମିରେ ଗତି ବୃଦ୍ଧି କରିବା ପରେ ପାଣି ଉପରେ ଭାସିଥାଏ। ସାମନାରେ ଥିବା ଏକ ସ୍କି' ଏହାକୁ ଚାଳନା କରିବାରେ ସାହାଯ୍ୟ କରୁଥିବା ବେଳେ ପଛ ଟାୟାର୍ ଆଗକୁ ବଢ଼ିବା ପାଇଁ ପାଣିକୁ ପଛକୁ ଠେଲିଥାଏ । ସେ ପ୍ରଥମେ ୨୦୦୯ ମସିହାରେ ପାଣିରେ ମୋଟରସାଇକେଲ ଚଳାଇବାକୁ ଚେଷ୍ଟା କରି ଚାରିଥର ପାଣିରେ ପଡ଼ିଯାଇଥିବାବେଳେ ମାତ୍ର ୨୦ ମିଟର ଅତିକ୍ରମ କରିପାରିଥିଲେ । ହେଲେ ଏହାର ପ୍ରାୟ ୧୭ ବର୍ଷ ପରେ ସେହି ସ୍ୱପ୍ନକୁ ସେ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପରିଣତ କରିଛନ୍ତି, ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।

ପାଣିରେ ବାଇକ ଚାଳନା




ଚୀନର ଗୁଇଝୋଉ ପ୍ରଦେଶର କ୍ଷିଆଓବାଙ୍ଗ ଗ୍ରାମରେ ମିଆଓ ସମ୍ପ୍ରଦାୟ ଦ୍ୱାରା ପ୍ରତିବର୍ଷ ଚୀନରେ ଅନୁକରଣ କରାଯାଉଥିବା ଚନ୍ଦ୍ର କ୍ୟାଲେଣ୍ଡରର ସପ୍ତମ ମାସରେ ଏକ ଅନନ୍ୟ ପରମ୍ପରା ପାଳନ କରାଯାଏ । ଯେଉଁଠାରେ ଏକ କୁକୁରକୁ ପାରମ୍ପରିକ ପୋଷାକ, ବାଘ-ମୁହଁ ଭଳି ଟୋପି ଏବଂ ରୂପା କଲାର ପିନ୍ଧାଇ ବାଉଁଶ ପାଲଙ୍କିରେ ବସାଇ ଗ୍ରାମରେ ଶୋଭାଯାତ୍ରାରେ ନିଆଯାଏ । ଯାହାକୁ ଜଣେ ପୂଜାରୀ ପାରମ୍ପରିକ ପ୍ରାର୍ଥନା କରିବା ସହ ଲୋକମାନେ ଢୋଲର ତାଳେ ତାଳେ ନାଚି ପରସ୍ପର ଉପରେ କାଦୁଅ ବୋଳିଥାନ୍ତି । ଏହି ରୀତିନୀତିଗୁଡ଼ିକ ଭଲ ବର୍ଷା ଓ ପ୍ରଚୁର ଫସଲ ପାଇଁ ପ୍ରାର୍ଥନା କରିବା ନିମନ୍ତେ କରାଯାଇଥାଏ । କାରଣ ଏହି ସମ୍ପ୍ରଦାୟ କୁକୁରକୁ ଜୀବନରକ୍ଷାକାରୀ ଭାବେ ବିଚାର କରେ ଯାହାଙ୍କ ପଛରେ ଏକ ପୁରାଣ ଅଛି । ଏକ ଭୟଙ୍କର ମରୁଡ଼ି ସମୟରେ ଜଣେ ବୃଦ୍ଧ ଗ୍ରାମବାସୀଙ୍କ ସ୍ୱପ୍ନରେ ଏକ ଦେବତା ଆସି କୁକୁରକୁ ପୂଜା କରିବାକୁ ପରାମର୍ଶ ଦେଇଥିଲେ, ଯାହା ଫଳରେ ବର୍ଷା ହୋଇଥିଲା । ଅନ୍ୟ ଏକ ବିଶ୍ୱାସ ଅନୁଯାୟୀ ଏକ କୁକୁର ସେମାନଙ୍କ ପୂର୍ବପୁରୁଷମାନଙ୍କୁ ପାଣିର ଏକ ଲୁକ୍କାୟିତ ଉତ୍ସ ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା ।



ବର୍ଷା ପାଇଁ କୁକୁର ପୂଜା

ହାଃହାଃ



ସାନ୍ତା- ସାଙ୍ଗ ମୋର ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି,

ବାନ୍ତା- ଏବେ ଡରୁଛୁ ନା କଣ ?

ସାନ୍ତା- ସମସ୍ତେ କହନ୍ତି କି ଦଶମ ପରୀକ୍ଷା ହିଁ ସବୁଠାରୁ ଅଧିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ,

ବାନ୍ତା- ଅଧିକା ଟେନସନ୍ ନେ ନି, ୧୦ମ ମାର୍କସିଟ୍ ତ ଖାଲି ଜନ୍ମତାରିଖ ଦେଖିବାର କାମରେ ଆସେ ।



ମେଷ: କର୍ମରେ ଆନନ୍ଦ, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୬୦ ପ୍ରତିଶତ, ଆରାଧନା- ଲକ୍ଷ୍ମୀନାରାୟଣ ।

ବୃଷ: ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ହାନି, ବ୍ୟବସାୟିକ କଷ୍ଟ, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ନୂତନ କର୍ମରେ ଆଗ୍ରହ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା- ୮, ଆରାଧନା- ମା' ବଗଳାମୁଖୀ ।

ମିଥୁନ: ଦ୍ରବ୍ୟଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଶତ୍ରୁ ପରାଜିତ, ନୂତନ କର୍ମପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମହାଲକ୍ଷ୍ମୀ ।

କର୍କଟ: ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ, ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତି ଲାଭ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

ସିଂହ: ବନ୍ଧୁ ସହଯୋଗ, ନୂତନ ବନ୍ଧୁଲାଭ, କର୍ମକ୍ଷେତ୍ରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ଅର୍ଥଲାଭ, ସନ୍ତାନ ଖୁସି, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଲୋକସମ୍ପର୍କ ବୃଦ୍ଧି, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଶ୍ରୀରାମ ।

କନ୍ୟା: ଆୟ ଅପେକ୍ଷା ବ୍ୟୟ ଅଧିକ, ଶରୀର ଅସୁସ୍ଥ, ମୋକଦ୍ଦମାରେ କଷ୍ଟ, କାର୍ଯ୍ୟ ସଫଳ, ବନ୍ଧୁ ମନାନ୍ତର, ବ୍ୟବସାୟରେ ଶତ୍ରୁତା, ପିଲାଙ୍କ ସମସ୍ୟା, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ ।

ତୁଳା: ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ଅର୍ଥ ସମସ୍ୟା ସମାଧାନ, ପୁରାତନ ବିବାଦ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟଲାଭ, କଚେରି ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କି, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା ।

ବିଛା: ଅର୍ଥ ସମସ୍ୟା, ଥଣ୍ଡାଜନିତ ରୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ଅଚାନକ ଖୁସି ଖବର, ଆଶା ପୂର୍ଣ୍ଣରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: ଆଭୂଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ତ, କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୧୨, ପ୍ରତିକାର-ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ ।

ମକର: ମନସ୍ତାପ, ଦୂରଯାତ୍ରା ଅସଫଳ, ଶରୀର ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ ।

କୁମ୍ଭ: ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବ୍ୟବସାୟ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମୋକଦ୍ଦମାରେ ବିଜୟ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

ମୀନ: ଆୟବୃଦ୍ଧି, ଦ୍ରବ୍ୟ ପ୍ରାପ୍ତି, ସନ୍ତାନ ସୁଖ, ଦୂରଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ସମସ୍ୟା ସମାଧାନ, ଶତ୍ରୁନାଶ, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା ସମାଧାନ, ବିଦ୍ୟାଲାଭ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

କାର୍ତ୍ତିକ କୃଷ୍ଣ ପକ୍ଷ ତୃତୀୟା
୨୮.୧୦.୨୦୨୬, ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୧୭୨୮୪୩୩୮

Ministry of Home Affairs
Government of India

ସମସ୍ତ ରାଷ୍ଟ୍ର ମଧ୍ୟରେ, ସବୁଠାରୁ ଗୌରବମୟ ହେଉଛି ଆମ ରାଷ୍ଟ୍ର

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ୍
ଏକତାର ବିଭିନ୍ନ ରୂପକୁ, ଏକ ସ୍ଥାନରେ ଦେଖନ୍ତୁ

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ
ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026

ସୂଚନା ପାଇବା ଏବଂ ରହିବା ବ୍ୟବସ୍ଥା ବୁକ୍ କରିବା ପାଇଁ ସ୍କାନ୍ କରନ୍ତୁ, ଅଥବା rashtriyaektadiwas.com ପରିଦର୍ଶନ କରନ୍ତୁ


ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ



CBC 19101/13/0021/2627

ଭୁବନେଶ୍ୱରରୁ ଗୁଜରାଟ'ର ଏକତା ନଗର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଶୁଭାରମ୍ଭ

ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଏହି ଅବସରରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପର୍କରେ ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରୁ ମୟୂରଭଞ୍ଜର ବାଦାମପାହାଡ଼ ପର୍ଯ୍ୟନ୍ତ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ନୂତନ ରେଳସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ—ଏହି ଛୋଟି ଜିଲ୍ଲା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ସମୁଦ୍ରକୂଳ ଥାନା ପୁଲିସର ବଡ଼ ସଫଳତା

ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ, (ସବ୍ୟୁ): ପୁରୀ ସମୁଦ୍ରକୂଳ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଡକାୟତି ଯୋଜନା କରୁଥିବା ୪ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହା ରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ୍ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଗତ ୨୭ ତାରିଖ ରାତି ପ୍ରାୟ ୪ଟା ସମୟରେ ସମୁଦ୍ରକୂଳ ଥାନାର ଏସ୍ଆଇ ନିବେଦିତା ସ୍ୱାଇଁ ନିଜ ଟିମ୍ ସହିତ ଚନ୍ଦନିଆ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ହାପି ହୋମ୍ ଛକ ନିକଟସ୍ଥ ହେଲିପ୍ୟାଡ୍ ଅଞ୍ଚଳରେ ୪ରୁ ୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ମାରଣାସ୍ତ୍ର ସହ ଏକାଠି ହୋଇଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂତ୍ରରୁ ଖବର ମିଳିଥିଲା।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ସନ୍ଦିଗ୍ଧମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେମାନେ ଖଣ୍ଡା, ଲୁହା ରଡ୍ ଓ ଛୁରି ଦେଖାଇ ପୁଲିସ କର୍ମଚାରୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ତେବେ ପୁଲିସ ଗୋଡ଼ାଇ ଚାରି ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳରାମ ବେହେରା (୨୫), ଶମ୍ଭୁ ରାୟ (୨୪), ଏମ୍. ଜଗା (୨୭) ଓ ପି. ସୁରେଶ (୨୫)। ସେମାନଙ୍କ ଘର ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏବଂ କଟକ ଜିଲ୍ଲାର ବାଙ୍ଗାଳି ସାହି ଅଞ୍ଚଳରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଫେରାର ଅଭିଯୁକ୍ତଙ୍କ ନାମ ଟୁନା ମହାପାତ୍ର (୩୬) ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ରାତିରେ ଏକ ନିର୍ଜନ ସ୍ଥାନରେ ଡକାୟତି କରିବାକୁ ଯୋଜନା କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୁଲିସ କହିଛି। ଏହି ଘଟଣାରେ ସମୁଦ୍ରକୂଳ ଥାନାରେ କେସ୍ ନମ୍ବର ୩୪୯/୨୦୨୬ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଅଭିଯୁକ୍ତ ଙ୍କ ଜାମିନ ନାମଞ୍ଜୁର କରିବାରୁ ପୋଲିସ ସେମାନଙ୍କୁ ଜେଲ କୁ ପଠାଇ ଦିଆଯାଇଛି।



ଚାମେଲି ଓଝାଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

ସରପଞ୍ଚ ପଦରେ ରହିବେ ନା ହରାଇବେ, ହାଇକୋର୍ଟଙ୍କ ରାୟ ଉପରେ ନଜର

କଟକ, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବହୁଚର୍ଚ୍ଚିତ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ମାମଲାରେ ଆଜି ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବ। ଏହି ରାୟ ଉପରେ ଚାମେଲି ଓଝା ସରପଞ୍ଚ ପଦରେ ରହିବେ ନା ପଦ ହରାଇବେ, ତାହା ନିର୍ଭର କରୁଛି।

ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଅଗଷ୍ଟ ୧୦ ଓ ୧୧ ତାରିଖରେ ଦୁଇ ଦିନ ଧରି ଏହି ମାମଲାର ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ହାଇକୋର୍ଟ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍‌ଗ୍ରହଣ ପାଇଁ ମଧ୍ୟବର୍ତ୍ତୀ ଅନୁମତି ଦେଇଥିଲେ। ତେବେ ଅଦାଲତଙ୍କ ଅନୁମତି ବିନା ଭୋଟ୍‌ର ଫଳାଫଳ ପ୍ରକାଶ କରାଯାଇପାରିବ ନାହିଁ ବୋଲି ରୋକ୍ ଲଗାଇଥିଲେ। ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରିଣୀ ଚାମେଲି ଓଝା ତାଙ୍କ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ଅନାସ୍ଥା ପ୍ରସ୍ତାବ ପୂର୍ବରୁ ତାଙ୍କୁ ରିଜୋଲ୍ୟୁସନ, ରିକ୍ୟୁଜିସନ ଓ ନୋଟିସ୍‌ର ନକଲ ପ୍ରଦାନ କରାଯାଇନଥିଲା। ଏହାଦ୍ୱାରା ତାଙ୍କ ଆଇନଗତ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ସେ ଅନାସ୍ଥା ପ୍ରସ୍ତାବକୁ ରଦ୍ଦ କରିବାକୁ ନିବେଦନ କରିଥିଲେ।

ଅନ୍ୟପକ୍ଷରେ, ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷମାନେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ଏଥିସହ ତଥ୍ୟଗତ ବିବାଦର ନିଷ୍ପତ୍ତି ରିଟ୍ ମାମଲାରେ ନିଆଯାଇପାରିବ ନାହିଁ ବୋଲି ଆଇନଗତ ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ଆବେଦନକାରିଣୀଙ୍କ ପକ୍ଷରୁ ତାଙ୍କ ଅଭିଯୋଗ ସମର୍ଥନରେ ହାଇକୋର୍ଟଙ୍କ ପୂର୍ବ ରାୟଗୁଡ଼ିକର ନଜିର ଦିଆଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କଠାରୁ ପ୍ରାପ୍ତ ନିର୍ଦ୍ଦେଶାବଳୀ ଏବଂ ପୂର୍ବ ରାୟର ନକଲ ଅଦାଲତରେ ଦାଖଲ କରାଯାଇଥିଲା। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଅଗଷ୍ଟ ୧୧ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ।

ବାତ୍ୟା 'ଅର୍ଣ୍ଣବ' ପାଇଁ ଆଜି ଜିଲ୍ଲାର ସବୁ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ରହିବ ବନ୍ଦ

କଟକ,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଆସନ୍ତାକାଲି ଅର୍ଥାତ ୨୮ ତାରିଖରେ ବନ୍ଦ ରଖିବାକୁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ବାତ୍ୟା ନେଇ ଗୁରୁତର ପାଣିପାଗ ସତର୍କତା ଜାରି କରାଯାଇଛି। ଏହାର ପ୍ରଭାବରେ କଟକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ଅଧିକ ବେଗରେ ପବନ ବହିବାର ଆଶଙ୍କା ରହିଛି। ଛାତ୍ରଛାତ୍ରୀ, ଶିକ୍ଷକ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସିନ୍ଦେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ, ଅଣସରକାରୀ, ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲ, କଲେଜ, ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ରେ ଉଲ୍ଲେଖ ରହିଛି। ତେବେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ରନ୍ଧା ଖାଦ୍ୟ ବଦଳରେ ହିତାଧିକାରୀଙ୍କୁ ଘରକୁ ନେବା ପାଇଁ ଶୁଖିଲା ରାସନ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ। ନିର୍ଦ୍ଦେଶ ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବାତ୍ୟା ଅର୍ଣ୍ଣବ ପାଇଁ ଅପରେସନ ମୁକାବିଲା

ଭୁବନେଶ୍ୱର, (ସବ୍ୟୁ) : ବାତ୍ୟା ଅର୍ଣ୍ଣବ ପାଇଁ ଅପରେସନ "ମୁକାବିଲା' ମାଧ୍ୟମରେ ଅଗ୍ନିଶମ ସେବା ବିଭାଗ ସମ୍ଭାବ୍ୟ ଜିଲ୍ଲାରେ ପ୍ରସ୍ତୁତ ଥିବା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ କହିଛନ୍ତି । ଅର୍ଣ୍ଣବର ମୁକାବିଲା ଏବଂ ଅଗ୍ନିଶମ କେନ୍ଦ୍ରଗୁଡିକର ପ୍ରସ୍ତୁତି ତଥା କାର୍ଯ୍ୟଦକ୍ଷତା ସମ୍ପର୍କରେ ଭୁବନେଶ୍ୱରସ୍ଥିତ ରାଜ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅଗ୍ନିଶମ ଅଧିକାରୀ ଓ ଅଗ୍ନିଶମ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ । ଉତ୍ତର, ଦକ୍ଷିଣ ଏବଂ କେନ୍ଦ୍ରୀୟ ରେଞ୍ଜ୍‌ରେ ନୂତନ ଭାବେ ପ୍ରତିଷ୍ଠିତ ହୋଇଥିବା ତିନୋଟି କମାଣ୍ଡ ସେଣ୍ଟରର ଇନଚାର୍ଜମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର କାର୍ଯ୍ୟ, ପାଣିପାଗ ଅବସ୍ଥା ଓ ଏନେଇ ଅଗ୍ନିଶମ କେନ୍ଦ୍ରଗୁଡିକର ପ୍ରସ୍ତୁତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ । ବାତ୍ୟା ସମୟରେ ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାଗୁଡିକରେ ୮୦କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହିସବୁ ଅଞ୍ଚଳର ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବିଶେଷ କରି ମାଲକାନଗିରି ଓ ଗଜପତି ଜିଲ୍ଲାର ସମ୍ଭାବ୍ୟ କ୍ଷତିକୁ ଆଖିଆଗରେ ରଖି ଅଧି ଅଗ୍ନିଶମ ଟିମ୍ ସହିତ ଦି-ଓ୍ୱାଟରିଂ ପମ୍ପ, ପାୱାର ବୋଟ୍ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସରଞ୍ଜାମ ପ୍ରସ୍ତୁତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତାରେ ଗଛପଡି ଯୋଗାଯୋଗ ବାଧାପ୍ରାପ୍ତ ହେଲେ ତାହାକୁ ତୁରନ୍ତ କାଟି ସଫା କରିବା ଏବଂ ରାସ୍ତା ଖୋଲିବା ପର୍ଯ୍ୟନ୍ତ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକତା ଅନୁଯାୟୀ ସହଯୋଗ ପାଇଁ ଅଧିକ ଦଳ ଓ ଯନ୍ତ୍ରପାତି ମୁତୟନ କରାଯିବ । ସମସ୍ତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଅଗ୍ନିଶମ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।



ଦୁଇଟି ସ୍ଥାନରୁ ୨୫୩ ଗ୍ରାମ୍ ହେରୋଇନ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅବକାରୀ ଟିମ୍ ଦୁଇଟି ସ୍ଥାନରେ ଚଢାଉ କରି ୨୫୨ ଗ୍ରାମ୍ ହେରୋଇନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗୋଟିଏ ସ୍ଥାନରୁ ୪୩ ଗ୍ରାମ୍ ଓ ଦ୍ୱିତୀୟ ସ୍ଥାନରୁ ୨୧୦ ଗ୍ରାମ୍ ହେରୋଇନ ଜବତ ହୋଇଥିବା ସୂଚନା ମିଳିଛି । ବଡଗଡ ଥାନା ଅନ୍ତର୍ଗତ ମଇଁଷିଆଖାଲ ବସ୍ତିରେ ଅବକାରୀ ଟିମ୍ ଚଢାଉ କରି ଏସ୍‌କେ ସାହିଲକୁ ଗିରଫ କରିବା ସହ ତା'ନିକଟରୁ ୪୩ ଗ୍ରାମ୍ ହେରୋଇନ ଜବତ କରିଛି । ସେହିପରି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାର ସାଇ ବନଫୁଲ ବସ୍ତିରେ ଚଢାଉ କରି ଗୁରୁବାରୀ ନାୟକ ନାମକ ଜଣେ ମହିଳାଙ୍କୁ ଗିରଫ କରିବା ସହ ତା'ନିକଟରୁ ୨୧୦ ଗ୍ରାମ୍ ହେରୋଇନ ଜବତ କରିଛି । ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଭତ୍ତା ଆଣିବାକୁ ଯାଇ ପଞ୍ଚାୟତ ଅଫିସ ନିକଟରେ ମୃତ୍ୟୁ

ବାରଙ୍ଗ (ସବ୍ୟୁ): ମଙ୍ଗଳବାର ସକାଳେ ନନ୍ଦନକାନନ ଥାନା ଅଞ୍ଚଳ ରଘୁନାଥପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି । ମୃତକ ହେଲେ ରଘୁନାଥପୁର ଗ୍ରାମ ମଠସାହିର ଝୁରିଆ ବେହେରା (୮୧) ।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବାର୍ଦ୍ଧକ୍ୟ ଭତ୍ତା ନେବା ପାଇଁ ଝୁରିଆ ଆଜି ସକାଳୁ ପଞ୍ଚାୟତ କାର୍ଯ୍ୟାଳୟ ଅଭିମୁଖେ ଆସୁଥିଲେ । କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ମାତ୍ରେ ହଠାତ ଅଚେତ ହୋଇ ତଳେ ପଡ଼ିଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକ ସହ ଅସନ୍ତୋଷ ବି ଦେଖାଦେଇଛି । ବୟସାଧିକ୍ୟ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା କୁହାଯାଉଥିଲେ ବି ସ୍ଥାନୀୟ ବାସିନ୍ଦାଙ୍କ ଦାବି, ବୟସ୍କ ହିତାଧିକାରୀଙ୍କ ପାଇଁ ଘରେ ବସି ଭତ୍ତା ପାଇବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାନଗଲେ ଆଗାମୀ ଦିନରେ ଏଭଳି ଘଟଣା ପୁଣି ଘଟିବ ବୋଲି ମତ ପ୍ରକାଶ ପାଇଛି ।

ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ଓଡ଼ିଶାର ଅସ୍ମିତା ଏବଂ ଅଭିମାନ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆର ସାମଗ୍ରିକ ବିକାଶ ସମ୍ପର୍କରେ ବିସ୍ତୃତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କୋଟିଆର ସର୍ବାଙ୍ଗୀନ ବିକାଶ ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଗୁରୁତ୍ୱାରୋପ କରି କୋଟିଆର ଜନସାଧାରଣଙ୍କ ପ୍ରତିଟି ସ୍ୱାର୍ଥ ରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାନ୍ୟବର ମନ୍ତ୍ରୀ କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା , ଅଛି ଏବଂ ରହିବ। ସୁତରାଂ ସୁପ୍ରିମକୋର୍ଟଙ୍କ ନିଷେଧାଦେଶକୁ ଅବମାନନା କରି କୋଟିଆରେ ନିର୍ବାଚନ କରାଇବା ପରିକା କାର୍ଯ୍ୟରୁ ଅନ୍ୟ ରାଜ୍ୟ କ୍ଷାନ୍ତ ରହିବା ଉଚିତ୍। ଓଡ଼ିଶାର ଅସ୍ମିତା ତଥା ଅଭିମାନ କୋଟିଆ ଗ୍ରାମପୁଞ୍ଜର ସ୍ୱାର୍ଥ ରକ୍ଷା ନିମନ୍ତେ ଏବଂ କୋଟିଆର ଜନସାଧାରଣଙ୍କ ପ୍ରତ୍ୟେକ ଦାବୀକୁ ଯଥାର୍ଥ ପୂରଣ କରିବା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ କୋଟିଆରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଗତ ଦୁଇ ବର୍ଷରେ କୋଟିଆର ବିକାଶ ସଂକ୍ରାନ୍ତରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଦୁଇ ବର୍ଷ ଭିତରେ କୋଟିଆର ସ୍ୱତନ୍ତ୍ର ବିକାଶ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ,ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ଆବାସ ଯୋଜନାରେ ୯୨୧ ବାସଗୃହ ପ୍ରଦାନ କରାଯାଇଥିଲା ବେଳେ ବେଳେ ୬୪୧ ଘର କାମ ଇତିମଧ୍ୟରେ ଶେଷ ହୋଇଛି। କୋଟିଆରେ ୨୦୭୦ ରାସନ କାର୍ଡ ବଣ୍ଟନ ହୋଇଥିବା ବେଳେ ମନରେଗା ଏବଂ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ ତୃଣମୂଳ ସ୍ତରରେ ଫହଁଚିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୪୧ କୋଟି ଟଙ୍କା ଖର୍ଚ୍ଚ ହୋଇ ୪୧ କିମି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ସ୍ୱାସ୍ଥ୍ୟ ବିଭାଗରେ ଉଲ୍ଲେଖନୀୟ ଭାବେ OPD ରୋଗୀ ସଂଖ୍ୟା ବୃଦ୍ଧି ହୋଇ କେବଳ ୨୦୨୫-୨୬ ବର୍ଷରେ ୧୧୮୬୨ରେ ପହଞ୍ଚିଛି । 140 ଟି ସଫଳ ପ୍ରସବ ହୋଇ ଶିଶୁ ଜନ୍ମ ସହ ମାତୃ ମୃତ୍ୟୁ ହାର ସମଗ୍ର କୋଟିଆରେ ସମ୍ପୂର୍ଣ୍ଣ ଶୂନ ରହିଛି । ୧୮ ଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ସୁନିଶ୍ଚିତ କରାଯାଇଛି । ୧୯ ଟି ସ୍କୁଲ, ୨ ଟି ଆଦର୍ଶ ବିଦ୍ୟାଳୟ, ୧୯୩୯ ଛାତ୍ର ଏବଂ ସଫଳ ରେଜଲ୍ଟ କୋଟିଆର ଉନ୍ନତ ଶିକ୍ଷା ବ୍ୟବସ୍ଥାର ପରିଚାୟକ ସାଜିଛି। ୭.୧୯କୋଟି ଟଙ୍କାର ସୋଲାର ବିଦ୍ୟୁତ୍ ପ୍ଲାନର ବ୍ୟବସ୍ଥା ମଧ୍ୟ ହୋଇଛି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଆଗକୁ ବଢୁଛି । ଆଗାମୀ ଦିନରେ ସମସ୍ତ ଘରମାନଙ୍କରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ରାଶି ପ୍ରଦାନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ଅଧୀନରେ ୨୪୯୯ଟି ପଟ୍ଟାରେ ୩୨୩୯ ଏକର ଜମି ବନ୍ଦୋବସ୍ତ ହୋଇଛି । ସିଏମ୍ କିଷାନ୍ ଅଧିନରେ ୬୯୩ ଏବଂ ପିଏମ୍ କିଷାନ୍ ଅଧୀନରେ ୨୦୪ ଜଣ ହିତାଧିକାରୀ ଅର୍ଥରାଶି ପାଇଛନ୍ତି। କୋଟିଆରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଆଦିର ବିକାଶ ସହ ଆର୍ଥିକ ଦୃଷ୍ଟିରୁ ଜନସାଧାରଣଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ରାଜ୍ୟସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। କୋଟିଆରେ ସାମାଜିକ ଏବଂ ସଂସ୍କୃତିକ ସମୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। କୋଟିଆ ବିକାଶ ପାଇଁ ଆଗାମୀ ଦିନର ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ସହଭାଗିତା କମିଟି ଗଠନ କରାଯାଇ କୋଟିଆବାସୀଙ୍କ ସମସ୍ତ ଦାବିକୁ ବିଚରା କରାଯାଇ ପୂରଣ କରାଯିବାକୁ ବୈଠକରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ କୋରାପୁଟରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ , କୋରାପୁଟ୍ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲା ବେଳେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପୋଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଏବଂ ବିଭିନ୍ନ ବିଭାଗର ସଚିବବୃନ୍ଦ ଉପସ୍ଥିତ ଥିଲେ। ଦକ୍ଷିଣାଞ୍ଚଳ ଆରଡିସି, କୋରାପୁଟ ଜିଲ୍ଲାପାଳ, ଏସପି ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।





ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରୁଛନ୍ତି ।

ନିଶା ବେପାରୀ ଗିରଫ : ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ

କଟକ, (ସବ୍ୟୁ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ବାଲିପାଟଣା ଥାନା ଅନ୍ତର୍ଗତ ଭାପୁର ଗ୍ରାମର ସରୋଜ କୁମାର ନାଥ (୨୯)। ତାଙ୍କ ନିକଟରୁ ୧୫୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୮୨ ହଜାର ଟଙ୍କା ହେବ। ମଙ୍ଗଳବାର ପୂର୍ବାହ୍ନରେ ଅଭିଯୁକ୍ତ ସରୋଜ ନିଶାଦ୍ରବ୍ୟ ଧରି ବାଲିପାଟଣା ପଦପଟଣା ଛକ ନିକଟସ୍ଥ ତ୍ରିବେଣୀଶ୍ୱର ମନ୍ଦିର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଅବକାରୀ ବିଭାଗର ଟିମ୍ ତାଙ୍କୁ ଚଢ଼ଉ କରି ଗିରଫ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଗତ କିଛି ଦିନ ହେବ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ କାରବାର କରୁଥିଲେ। କୋର୍ଟ ଚାଲାଣ ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଏସ୍‌ଆଇ ବିଜୟ କୁମାର ମଲ୍ଲିକ, ଅଜୟ ସାହୁ, ସୁମତି ମହାନ୍ତି, ମୀନକେତନ ମହାଲିକ, ଶୋଭିତା ମଲ୍ଲିକ, ଜଗନ୍ନାଥ ସାହୁ, ପବିତ୍ର ଦାଶ, ମୁନିରାମ ହାଁସଦା, ରଞ୍ଜିତ ସାହୁ ଓ ବିକାଶ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

ସମସ୍ତେ ମିଳିତ ଭାବେ ପ୍ରାକୃତିକ ଦୁର୍ବିପାକ "ବାତ୍ୟା ଅର୍ଣ୍ଣବ' ର ମୁକାବିଲା କରିବା: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା "ଅର୍ଣ୍ଣବ'ର ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ବାତ୍ୟାକୁ ନେଇ କେହି ମଧ ଭୟଭୀତ କିମ୍ବା ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ ସତର୍କତା ସୂଚନା ଏବଂ ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ରାଜ୍ୟବାସୀ ଏବଂ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରେସ ବିବୃତି ଜରିଆରେ ଶ୍ରୀ ସାମଲ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ତେଣୁ ସରକାର ଓ ପ୍ରଶାସନର



ନିର୍ଦ୍ଦେଶକୁ ମାନି ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ ହେବାରେ ସହଯୋଗ କରନ୍ତୁ। ବିଜେପିର ସମସ୍ତ କର୍ମୀ ଓ ପଦାଧିକାରୀମାନେ ନିଜ ନିଜ ଅଂଚଳରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇଦେବାରେ ପ୍ରଶାସନକୁ ସହଯୋଗ କରନ୍ତୁ। ଉଦ୍ଧାର କାର୍ଯ୍ୟ, ରିଲିଫ ବଂଟନ ଏବଂ ପ୍ରଭାବିତ ଲୋକଙ୍କୁ ସବୁପ୍ରକାରର ଜରୁରୀ ସହାୟତା ପହଂଚାଇବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଏହି ପ୍ରାକୃତିକ ଦୁର୍ବିପାକର ମୁକାବିଲା କରିବା ବୋଲି ଶ୍ରୀ ସାମଲ କହିଛନ୍ତି।

ଜନ ସମ୍ପର୍କ ପଦଯାତ୍ରାରେ ସରକାରଙ୍କ ଉପରେ ବର୍ଷିଲେ ସୁଜାତା

ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ଯୋଗୁ ଓଡିଶାର ଖଣି ଅଧିକାର କେନ୍ଦ୍ର ହାତକୁ ଟେକି ଦିଆଗଲା

ଭୁବନେଶ୍ୱର, (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଠାରେ ବିଜେଡି ପକ୍ଷରୁ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଦଯାତ୍ରାରେ ବରିଷ୍ଠ ବିଜେଡି ନେତ୍ରୀ ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ ଯୋଗ



ଦେଇଥିଲେ । ବିଶାଳ ଜନ ସମ୍ପର୍କ ପଦଯାତ୍ରା ଶିବ ମନ୍ଦିର ନିକଟରୁ ବାହାରି ବସ ଷ୍ଟାଣ୍ଡ ହୋଇ ସହର ପରିକ୍ରମା କରି ଆରଏମସି ଠାରେ ଶେଷ ହୋଇଥିଲା । ସେଠାରେ ଏକ ବିଶାଳ ଜନ ସଭାର ଆୟୋଜନ କରାଯାଇଥିଲା । ଡୁଙ୍ଗୁରିପାଲି ବ୍ଲକ ସଭାପତି ହିମାଂଶୁ ଶେଖର ବିଶାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀମତୀ ରାଉତ କହିଛନ୍ତି ଯେ, ଏମଏମଡିଆର ଆଇନ ଯୋଗେ ଓଡିଶାର ଖଣି ଅଧିକାରକୁ କେନ୍ଦ୍ର ସରକାରଙ୍କ ହାତକୁ ଟେକି ଦିଆଗଲା । କୋଟିଆ ପ୍ରସଙ୍ଗରେ ଚୁପ ରହି ଆନ୍ଧ୍ର ପ୍ରଦେଶ ସରକାରଙ୍କୁ କୋଟିଆ ସମର୍ପଣ କରି ଦେଇଛନ୍ତି । ମହାନଦୀ ଜଳ ମଧ ଛତିଶଗଡକୁ ଦେବାକୁ ବିଜେପି ସରକାର ଚକ୍ରାନ୍ତ ଚଳାଇଛନ୍ତି । ବିଜେପି ସରକାରଙ୍କ ଓଡିଆ ଅସ୍ମିତାକୁ ଓଡିଶାବାସୀ ଜାଣି ସାରିଲେଣି । ତାହାକୁ ହୃଦୟଙ୍ଗମ କରି ସାରିଲେଣି । ଓଡିଶାର ଜଳ, ଜଙ୍ଗଲ, ମାଟି ସବୁ ଲୁଣ୍ଠିତ ହେଉଛି । ବୃଦ୍ଧବୃଦ୍ଧାମାନେ ଭତ୍ତା ପାଇଲେ ନାହିଁ । ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ନାରୀ ସଶକ୍ତିକରଣ ହଜି ଯାଇଛି । ଠିକଣା ସମୟରେ ଏହାର ଜବାବ ରାଜ୍ୟ ବାସୀ ଦେବେ ବୋଲି କହିଛନ୍ତି ।

ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କ ସମାଗମରେ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଜନ ସମ୍ପର୍କ ପଦଯାତ୍ରା ଯୋଗେ ବିଜେଡି ଲୋକଙ୍କ ନିକଟରେ ପହଞ୍ଚି ବିଜେପି ସରକାରଙ୍କ ବିଫଳତା ଜଣାଇଥିଲେ । କେନ୍ଦ୍ର ସରକାର ଏମଏମଡିଆର ଆକ୍ଟ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି । ବିଜେପି ସରକାରରେ ଲୋକେ ପ୍ରତାରିତ ହେଉଛନ୍ତି । ଓଡ଼ିଶାବାସୀଙ୍କ ଭାଗ୍ୟ ଭବିଷ୍ୟତକୁ ବିଜେପି ସରକାର ଉପେକ୍ଷିତ କରିଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ କଳିକେଶ ନାରାୟଣ ସିଂହଦେଓ, ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା, ବିଧାୟକ ସୁଦର୍ଶନ ହରିପାଲ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟିକା ଦୀପାଳି ଦାସ ସମେତ ପଶ୍ଚିମ ଓଡ଼ିଶାର ଅନେକ ବିଧାୟକ, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ବାତ୍ୟା ଅର୍ଣ୍ଣବ ଲାଗି ନନ୍ଦନକାନନ ସଜାଗ

ବାରଙ୍ଗ ,(ସବ୍ୟୁ) :ସମ୍ଭାବ୍ୟ ବାତ୍ୟା "ଅର୍ଣ୍ଣବ'କୁ ନେଇ ନନ୍ଦନକାନନରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପଶୁପକ୍ଷୀଙ୍କ ସୁରକ୍ଷାଠାରୁ ଆରମ୍ଭ କରି ଜରୁରୀକାଳୀନ ମୁକାବିଲା ପର୍ଯ୍ୟନ୍ତ ସବୁ ଦିଗରେ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ୩୧ ତାରିଖ ଯାଏଁ ଜାରି ହୋଇଛି ସତର୍କତାମୂଳକ ନିର୍ଦ୍ଦେଶନାମା ।ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ତ%୦ବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ପର୍ଯ୍ୟଟକଙ୍କ ଯାତାୟାତ ପଥ ଓ ପଶୁପକ୍ଷୀଙ୍କ ଖୁଆଡ଼ ନିକଟରୁ ବିପଜ୍ଜନକ ଶୁଖିଲା ଓ ଝୁଲିଥିବା ଡାଳ କାଟି ଦିଆଯାଇଛି ।ପଶୁ ଖୁଆଡ଼, ପ୍ରାଚୀର, ଚେନ-ଲିଙ୍କ ଜାଲି ଓ ଫାଟକ ଯାଞ୍ଚ କରାଯାଇଛି । ପକ୍ଷୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ବାକ୍ସ ଏବଂ ଜାଲିର ବ୍ୟବସ୍ଥା କରାଯାଇଛି । ଜଳହସ୍ତୀ ଖୁଆଡ଼ର ସୁରକ୍ଷା ପାଇଁ ହ୍ରଦ କୂଳରେ ଅତିରିକ୍ତ ବାଡ଼ ନିର୍ମାଣ ହୋଇଛି ।ଜରୁରୀକାଳୀନ ଚିକିତ୍ସା ପାଇଁ ଔଷଧ, ଚିକିତ୍ସା ଉପକରଣ ଓ ଆଣ୍ଟିସ୍ନେକ ଭେନମ ମହଜୁଦ ରଖାଯାଇଛି । ଡିଜି ସେଟ, ପମ୍ପ ସେଟ ଓ ଇନ୍ଧନ ମଧ ପ୍ରସ୍ତୁତ ରଖାଯାଇଛି ।୬ଟି ମୋବାଇଲ ରେସ୍କ୍ୟୁ ଟିମ, ମୋବାଇଲ ପାଟ୍ରୋଲିଂ ଏବଂ ୩ଟି ଡଙ୍ଗାକୁ ଜରୁରୀକାଳୀନ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଥିବା ବେଳେ ପଶୁପକ୍ଷୀଙ୍କ ଖାଦ୍ୟ ମଧ ମହଜୁଦ କରାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ନେଇ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି ।

ଓଡ଼ିଶା ଜନତା କଂଗ୍ରେସର ଭୁବନେଶ୍ୱର ସାଂଗଠନିକ ବୈଠକ

ପ୍ରଶାନ୍ତ ଶତପଥୀ ସମନ୍ୱୟ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ୱାର୍ଡରୁ ଆସିଥିବା ସ୍ଥାନୀୟ ନେତୃବୃନ୍ଦ ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ । ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଏମସିର ବିଭିନ୍ନ ୱାର୍ଡରେ ଦଳୀୟ ସଂଗଠନକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ନିକଟରେ ଦଳର ବିଚାରଧାରା ଓ କାର୍ଯ୍ୟକ୍ରମ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଓଜେସି ସଭାପତି ମହମ୍ମଦ ମୋକିମ କହିଥିଲେ ଯେ, ଓଜେସି ଖୁବ କମ ସମୟ ମଧ୍ୟରେ ଭୁବନେଶ୍ୱର ବାସିନ୍ଦାଙ୍କର ଆସ୍ଥାଭାଜନ ହୋଇପାରିଛି। ଅଧିକ ପରିଶ୍ରମ କରି ଦଳକୁ ଆହୁରି ଲୋକାଭିମୁଖୀ କରିବା ନିମନ୍ତେ ସେ କର୍ମକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏହି ବୈଠକ ଭୁବନେଶ୍ୱରରେ ଓଡ଼ିଶା ଜନତା କଂଗ୍ରେସର ସାଂଗଠନିକ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ସହ ଆଗାମୀ ପୌର ନିର୍ବାଚନ ପୂର୍ବରୁ ୱାର୍ଡସ୍ତରରେ ସଂଗଠନର ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।

ଉକ୍ତ ବୈଠକରେ ରାଜ୍ୟ ସଭାପତି ମହମ୍ମଦ ମୋକିମ୍ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ୱାର୍ଡରେ ଓଜେସି ନେତୃତ୍ୱ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ଓଜେସି ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ଘୋଷଣା କରିଛନ୍ତି । ଏହି କମିଟିରେ ଆଇନଜୀବୀ ସଞ୍ଜିତ୍ ଚୌଧୁରୀ ସଂଯୋଜକ, ଓଜେସି ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏବଂ ଛାତ୍ରନେତା ତଥା ଆଇନଜୀବୀ ଆଦିତ୍ୟ ପରିଡ଼ା ସଭ୍ୟ ଭାବେ ସ୍ଥାନିତ ହୋଇଛନ୍ତି ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

ସତର୍କତା ସଚେତନତା ସପ୍ତାହ- ୨୦୨୬ ଅବସରରେ ୱାକାଥନ୍ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ "ୱାକାଥନ୍" ଆୟୋଜିତ ହୋଇଯାଇଛି। ଜନସାଧାରଣଙ୍କ ମଧ୍ୟରେ ସାଧୁତା, ସ୍ୱଚ୍ଛତା, ସଚ୍ଚୋଟତା ଏବଂ ନୈତିକ ଆଚରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ୱାକାଥନ୍ ସହୀଦ ନଗର ଦୁର୍ଗା ପୂଜା ମଣ୍ଡପରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ପୁନର୍ବାର ଦୁର୍ଗା ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ସଞ୍ଜିବ ରଞ୍ଜନ ସହାୟ, ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଉପ-ଆଞ୍ଚଳିକ ମୁଖ୍ୟ ଶଙ୍କର ହେମ୍ବ୍ରମ୍, ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ତୁଷାର କାନ୍ତ କରଙ୍କ ସମେତ କ୍ଷେତ୍ରୀୟ କାର୍ଯ୍ୟାଳୟ



ଓ ସ୍ଥାନୀୟ ଶାଖାର ବରିଷ୍ଠ ଅଧିକାରୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସତର୍କତାର ବାର୍ତ୍ତା ପ୍ରସାର କରାଯିବା ସହିତ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସଚ୍ଚୋଟତା, ସାଧୁତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏଥି ସହିତ ଦୁର୍ନୀତି ନିବାରଣ ଓ ସମାଜରେ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ମଧ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାଧୁତାକୁ ପ୍ରୋତ୍ସାହିତ କରିବା, ସତର୍କତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଥିଲା।

ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଖୋର୍ଦ୍ଧାର ୧୬୯ ତୀର୍ଥଯାତ୍ରୀ

୧୨୭ ଜଣଙ୍କୁ ନେଇ ଯାତ୍ରାର ଶୁଭାରମ୍ଭ, ସ୍ୱତନ୍ତ୍ର ଟ୍ରେନ୍‌ରେ ଯିବେ ଅବଶିଷ୍ଟ ଯାତ୍ରୀ

ଖୋର୍ଦ୍ଧା,(ସବ୍ୟୁ): ବରିଷ୍ଠ ନାଗରିକଙ୍କୁ ଦେଶର ପ୍ରମୁଖ ଧାର୍ମିକ ଓ ଆଧାତ୍ମିକ ସ୍ଥଳୀ ପରିଦର୍ଶନର ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ ତୀର୍ଥଯାତ୍ରୀ ବାରାଣସୀ ଓ ଅଯୋଧ୍ୟା ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଉପଖଣ୍ଡର ୧୨୭ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାତ୍ରାର ଶୁଭାରମ୍ଭ ହୋଇଥିବାବେଳେ ଅବଶିଷ୍ଟ ଯାତ୍ରୀ ବୁଧବାର ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରାରେ ସାମିଲ ହେବେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତଙ୍କ ଯାତ୍ରା ନିରାପଦ ଓ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତ ତୀର୍ଥଯାତ୍ରୀଙ୍କ ନିରାପଦ ଯାତ୍ରା ଓ ସୁସ୍ଥ ଭାବେ ପ୍ରତ୍ୟାବର୍ତ୍ତନ କାମନା କରିଥିଲେ। ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

ସମାରୋହରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ତୀର୍ଥଯାତ୍ରୀମାନଙ୍କ ସୁଖଦ ଓ ସୁରକ୍ଷିତ ଯାତ୍ରା କାମନା କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିବାବେଳେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଯାତ୍ରାରେ ସାମିଲ ହେବା ପୂର୍ବରୁ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ସେମାନଙ୍କୁ ୪ଟି ବସ ଯୋଗେ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ରାତ୍ରିଯାପନ କରିବା ପରେ ବୁଧବାର ଭୁବନେଶ୍ୱର ଉପଖଣ୍ଡର ୪୨ ଜଣ ତୀର୍ଥଯାତ୍ରୀଙ୍କ ସହ ଖୋର୍ଦ୍ଧା ଜିଲ୍ଲାର ମୋଟ ୧୬୯ ଜଣ ଯାତ୍ରୀ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ।

ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଆଶ୍ୱସ୍ତି

ପଦାବନତି ଆଦେଶ ଉପରେ ହାଇକୋର୍ଟଙ୍କ ରୋକ୍

କଟକ, (ସବ୍ୟୁ) : ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ପୁଣି ମୂଳ ପଦକୁ ଫେରାଇ ଦେବା ଆଦେଶ ଉପରେ ରୋକ୍ ଲଗାଇଛନ୍ତି ଓଡ଼ିଶା ହାଇକୋର୍ଟ। ଏହି ନିର୍ଦ୍ଦେଶ ଫଳରେ ସମ୍ପୃକ୍ତ କର୍ମଚାରୀଙ୍କୁ ଆଶ୍ୱସ୍ତି ମିଳିଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ୨୦୨୬ ଅକ୍ଟୋବର ୩ ତାରିଖରେ ଜାରି କାର୍ଯ୍ୟାଳୟ ଆଦେଶର କାର୍ଯ୍ୟକାରିତା ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରୋକ୍ ଲଗାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୪ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କାର୍ଯ୍ୟରତ ଏମ୍‌ପିଏଚ୍‌ଡବ୍ଲ୍ୟୁ (ପୁରୁଷ), ଏମ୍‌ପିଏଚ୍‌ଡବ୍ଲ୍ୟୁ (ମହିଳା) ଏବଂ ଓଏଚ୍ଇ ଆଣ୍ଡ ସି କ୍ୟାଡରର କର୍ମଚାରୀଙ୍କ ପଦୋନ୍ନତିକୁ ନେଇ ଏହି ମାମଲା ହୋଇଛି। ଆବେଦନକାରୀ ବାସନ୍ତୀ ସେଠୀ ଓ ଅନ୍ୟ ଜଣେ ୨୦୨୬ ଅଗଷ୍ଟ ୭ ତାରିଖରେ ବିଭାଗ ପକ୍ଷରୁ ଜାରି ଚିଠିକୁ ଚାଲେଞ୍ଜ କରି ହାଇକୋର୍ଟରେ ରିଟ୍ ପିଟିସନ୍ ଦାୟର କରିଥିଲେ। ଜଣିକିଆ ପୀଠଙ୍କ ୨୦୨୬ ଜାନୁଆରୀ ୨୨ ତାରିଖର ରାୟ ଅନୁସାରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବା ପୁନର୍ବିଚାର ଡିପିସି ବୈଠକ ଆୟୋଜନ ପାଇଁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଆବେଦନକାରୀମାନେ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ପୁନର୍ବିଚାର ଡିପିସି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ଅନ୍ତରୀଣ ସୁରକ୍ଷା ଲୋଡ଼ିଥିଲେ। ତେବେ ଏହି ଆବେଦନ ବିଚାରାଧୀନ ଥିବା ବେଳେ ବିଭାଗ ପୁନର୍ବିଚାର ଡିପିସି ଆୟୋଜନ କରି ଅକ୍ଟୋବର ୩ ତାରିଖରେ ଆବେଦନକାରୀଙ୍କୁ ସେମାନଙ୍କ ମୂଳ ପଦକୁ ଫେରାଇ ଦେବାକୁ ଆଦେଶ ଜାରି କରିଥିଲା। ଖଣ୍ଡପୀଠ ମାମଲାର ଶୁଣାଣି କରି ଅକ୍ଟୋବର ୩ ତାରିଖର ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରୋକ୍ ଲଗାଇଛନ୍ତି।

୧୨୭ ଜଣ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରାରେ

ପୁରୀ (ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲା ରୁ ଆଜି ଅପରାହ୍ନ ରେ ୧୨୭ ଜଣ ବରିଷ୍ଠ



ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି ।ସେମାନେ ମଙ୍ଗଳବାର ଭୁବନେଶ୍ୱର ରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ରେ ଯାତ୍ରା କରିବେ ।ଏହି ବରିଷ୍ଠ ନାଗରିକ ମାନେ ବାରାଣସୀ ଅଯୋଧ୍ୟା ପରିଭ୍ରମଣ କରିବା ସହ ନଭେମ୍ବର ମାସ ୨ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି ।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ ସାଥିରେ ଯାଇଛନ୍ତି । ସଂସ୍କୃତି ଭବନ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ ।ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରୂପେଶ କୁମାର ରାଉତ, ଦେବସ୍ମିତା ମହାନ୍ତି ଓ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀ ଙ୍କୁ ସହଯୋଗ ପ୍ରଦାନ କରିଥିଲେ । ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀ ଙ୍କୁ ଅନୁରୋଧ କରା ଯାଇଥିଲା ।

ବାତ୍ୟା 'ଅର୍ଣ୍ଣବକୁ' ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର, (ସବ୍ୟୁ): ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ' ଯୋଗୁଁ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଶାଖାପାଟଣା, କିରଣ୍ଡୁଲ, ଜଗଦଲପୁର, ରାଉରକେଲା, ହାୱଡ଼ା, ଭୁବନେଶ୍ୱର ଓ କୋରାପୁଟ ଆଦିକୁ ସଂଯୋଗ କରୁଥିବା କେତେକ ଏକ୍ସପ୍ରେସ୍ ଓ ପାସେଞ୍ଜର୍ ଟ୍ରେନ୍ ସେବା ୨୭ ଅକ୍ଟୋବରରୁ ୫ ନଭେମ୍ବର ୨୦୨୬ ମଧ୍ୟରେ ବିଭିନ୍ନ ତାରିଖରେ ବାତିଲ୍ କିମ୍ବା ନିୟନ୍ତ୍ରିତ କରାଯିବ।

ବାତିଲ୍ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ହେଲା ଟ୍ରେନ୍ ନଂ ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୧୦୭ ରାଉରକେଲା–ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୧୦୮ ଜଗଦଲପୁର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍: ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୦୦୫ ହାୱଡ଼ା–ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୦୦୬ ଜଗଦଲପୁର–ହାୱଡ଼ା ସମଲେଶ୍ୱରୀ



ଏକ୍ସପ୍ରେସ୍: ଅକ୍ଟୋବର ୨୮ରୁ ୩୧ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୩୮ ବିଶାଖାପାଟଣା–କୋରାପୁଟ ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୩୭ କୋରାପୁଟ–ବିଶାଖାପାଟଣା ପାସେଞ୍ଜର୍: ଅକ୍ଟୋବର ୨୮ରୁ ୩୧ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୫୧୨ ବିଶାଖାପାଟଣା–କୋରାପୁଟ ଏକ୍ସପ୍ରେସ୍: ଅକ୍ଟୋବର ୩୦ ତାରିଖରେ। ଟ୍ରେନ୍ ନଂ ୧୮୫୧୧ କୋରାପୁଟ–ବିଶାଖାପାଟଣା ଏକ୍ସପ୍ରେସ୍: ଅକ୍ଟୋବର ୩୧ ତାରିଖରେ। ଟ୍ରେନ୍ ନଂ ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୨୭୦୪ ସିକନ୍ଦରାବାଦ–ହାୱଡ଼ା ଫାଲକନୁମା ଏକ୍ସପ୍ରେସ୍: ଅକ୍ଟୋବର ୨୭ ତାରିଖରେ। ଟ୍ରେନ୍ ନଂ ୧୨୭୦୩ ହାୱଡ଼ା–ସିକନ୍ଦରାବାଦ ଫାଲକନୁମା ଏକ୍ସପ୍ରେସ୍: ଅକ୍ଟୋବର ୨୯ ତାରିଖରେ। ଟ୍ରେନ୍ ନଂ ୧୭୦୧୬ ସିକନ୍ଦରାବାଦ–ଭୁବନେଶ୍ୱର ନୂଆ ବିଶାଖା ଏକ୍ସପ୍ରେସ୍: ଅକ୍ଟୋବର ୨୭ ତାରିଖରେ। ଟ୍ରେନ୍ ନଂ ୧୭୦୧୫ ଭୁବନେଶ୍ୱର ନୂଆ–ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍: ଅକ୍ଟୋବର ୨୯ ତାରିଖରେ। ଟ୍ରେନ୍ ନଂ ୨୦୮୧୦ ନାନ୍ଦେଡ୍–ସମ୍ବଲପୁର ନାଗାବଳୀ ସୁପରଫାଷ୍ଟ ଏକ୍ସପ୍ରେସ୍: ଅକ୍ଟୋବର ୨୭ ତାରିଖରେ। ଟ୍ରେନ୍ ନଂ ୨୦୮୦୯ ସମ୍ବଲପୁର–ନାନ୍ଦେଡ୍ ନାଗାବଳୀ ସୁପରଫାଷ୍ଟ ଏକ୍ସପ୍ରେସ୍: ଅକ୍ଟୋବର ୩୦ ତାରିଖରେ। ଟ୍ରେନ୍ ନଂ ୨୨୮୮୨ ଭୁବନେଶ୍ୱର–ପୁଣେ ସୁପରଫାଷ୍ଟ ଏକ୍ସପ୍ରେସ୍: ଅକ୍ଟୋବର ୨୭ ତାରିଖରେ। ଟ୍ରେନ୍ ନଂ ୨୨୮୮୧ ପୁଣେ–ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍: ଅକ୍ଟୋବର ୨୯ ତାରିଖରେ। ଟ୍ରେନ୍ ନଂ ୧୭୨୪୪ ରାୟଗଡ଼ା–ଗୁଣ୍ଟୁର ଏକ୍ସପ୍ରେସ୍: ଅକ୍ଟୋବର ୨୮ ତାରିଖରେ। ଟ୍ରେନ୍ ନଂ ୧୭୨୪୩ ଗୁଣ୍ଟୁର–ରାୟଗଡ଼ା ଏକ୍ସପ୍ରେସ୍: ଅକ୍ଟୋବର ୨୭ ତାରିଖରେ।

ଟ୍ରେନ୍ ନଂ ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍: ୨୭ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ରାୟଗଡ଼ାରେ ଯାତ୍ରା ସମାପ୍ତ କରିବ। ଟ୍ରେନ୍ ନଂ ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍: ୨୮ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଏହି ଟ୍ରେନ୍ ଜଗଦଲପୁର ପରିବର୍ତ୍ତେ ରାୟଗଡ଼ାଠାରୁ ଯାତ୍ରା ଆରମ୍ଭ କରିବ। ଯାତ୍ରୀମାନଙ୍କୁ ନିଜର ଯାତ୍ରା ଯୋଜନା କରିବା ସମୟରେ ଉପରୋକ୍ତ ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ । ଟ୍ରେନ୍ ଚଳାଚଳ ସମ୍ପର୍କିତ ସର୍ବଶେଷ ସୂଚନା ପାଇଁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା (NTES) କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ଯାଞ୍ଚ କରି ଯାତ୍ରା ଆରମ୍ଭ କରିବାକୁ ପରାମର୍ଶ ଦିଆଯାଉଛି।

ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ

୧୧୦ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପ୍ରଶାସନ ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ 'ର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ରହିଛି । ଜିଲ୍ଲାରେ ଚବିଶ ଘଣ୍ଟା ନିରୀକ୍ଷଣ, ଉଦ୍ଧାର ଦଳ ପ୍ରସ୍ତୁତ, ଆଶ୍ରୟସ୍ଥଳୀ ପ୍ରସ୍ତୁତ ଓ ଉପକୂଳ ଅଞ୍ଚଳର ଲୋକଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା, ବ୍ଲକ, ତହସିଲ ଓ ନଗରପାଳିକା ସ୍ତରରେ କଣ୍ଟ୍ରୋଲ ରୁମ୍ ଚାଲୁ ରହିଛି । ଜିଲ୍ଲା ଜରୁରୀକାଳୀନ ଅପରେସନ୍ ସେଣ୍ଟର ଫୋନ୍ ନମ୍ବର ହେଉଛି ୦୬୮୧୧-୨୬୩୯୭୮ ଜନସାଧାରଣଙ୍କ ଅବଗତ ନିମନ୍ତେ ଦିଆଯାଇଛି । ନଦୀ ଓ ଡ୍ୟାମର ଜଳସ୍ତର ଉପରେ ନଜର ରଖିବା ପାଇଁ ଆଦେଶ ଜାରି ହୋଇଛି । ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛ । ଲାଉଡ୍ ସ୍ପିକର ମାଧ୍ୟମରେ ଜନଜାଗରଣ କରାଯାଉଛି । ସମୁଦ୍ରକୁ ଯିବା ବନ୍ଦ କରାଯାଇଛି । ଉପକୂଳ ତହସିଲଦାର, ମତ୍ସ୍ୟ ଅଧିକାରୀ ଓ ସାମୁଦ୍ରିକ ଥାନା ପୋଲିସ ସ୍ଥିତି ଉପରେ ନଜର ରଖୁଛନ୍ତି । ବିଶେଷ ରିଲିଫ୍ କମିଶନର ପକ୍ଷରୁ ଗଞ୍ଜାମ ପାଇଁ ୩ଟି ଓଡ୍ରାଫ୍ ଦଳ ଓ ୨ଟି



ଏନଡିଆରଏଫ୍ ଦଳ ନିୟୋଜିତ ହୋଇଛି । ବ୍ରହ୍ମପୁର ନଗରନିଗମ ଓ ପାତ୍ରପୁରରେ ଓଡ୍ରାଫ୍ ଦଳ ରହିଛି । ବ୍ରହ୍ମପୁର ଓ ଆସିକାରେ ଏନଡିଆରଏଫ୍ ଦଳ ମଧ୍ୟ ରହିଛନ୍ତି । ୨୪ଟି ଫାୟାର୍ ସର୍ଭିସ୍ ଦଳ ପ୍ରସ୍ତୁତ ରହିଛି । ୪ଟି ପାଓ୍ୱାର୍ ବୋଟ୍ ମଧ୍ୟ ରହିଛି । କଳିଙ୍ଗଘାଟି ଅଞ୍ଚଳରେ ସବ୍-କଲେକ୍ଟର ଭଞ୍ଜନଗର ନଜର ରଖୁଛନ୍ତି । ଆବଶ୍ୟକ ହେଲେ କଳିଙ୍ଗ ଘାଟ ରାସ୍ତା ବନ୍ଦ ହେବ । ଜିଲ୍ଲାରେ ୧୧୦ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ଅଛି । ସେଥିରେ ବିଜୁଳି, ପାନୀୟ ଜଳ ଓ ପରିଷ୍କାର ବ୍ୟବସ୍ଥା ଅଛି । କଲେକ୍ଟର ନିଜେ ଆଶ୍ରୟସ୍ଥଳୀ ଯାଇ ଦେଖିଛନ୍ତି । ୧,୦୨୯ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ ହୋଇଛି । ୯୨୨ଟି ବାତ୍ୟା ପ୍ରବାହବିତ ଗ୍ରାମ ଚିହ୍ନଟ ହୋଇଛି । ପ୍ରତି ଆଶ୍ରୟସ୍ଥଳୀ ପାଇଁ ଜଣେ ନୋଡାଲ୍ ଅଧିକାରୀ ରହିଛନ୍ତି । ବ୍ରହ୍ମପୁରରେ ଜଳନିଷ୍କାସନ କାମ ଚାଲିଛି । ଖୋଡାସିଙ୍ଗି ବ୍ରିଜ୍, ଗଜପତି ନଗର, ବାହାନା ନାଳା, ସୂର୍ଯ୍ୟ ନାଳା ଓ ଅନ୍ୟ ସ୍ଥାନରେ ପରିଷ୍କାର କାମ ହେଉଛି । ସେହିପରି ୩୨୪.୧ କ୍ୱିଣ୍ଟାଲ୍ ଚୁଡା, ୩୩୨.୨ କ୍ୱିଣ୍ଟାଲ୍ ଗୁଡ଼ ଓ ୧୪,୨୦୦ ରୋଲ୍ ପଲିଥିନ୍ ମହଜୁଦ ଅଛି । ୧,୬୩୬ଟି ନୌକା ଗଣନା ହୋଇଛି (୧୩୫୪ ମୋଟର ଚାଳିତ ଓ ୨୮୨ ଅଣ-ମୋଟର ଚାଳିତ) । ଗୋପାଳପୁର ବନ୍ଦରରେ ଆନ୍ଧ୍ରପ୍ରଦେଶର ୩୦ଟି ଟ୍ରଲର୍ ଆଶ୍ରୟ ନେଇଛି । ପାରାଦୀପରୁ ଆଉ ୪ଟି ଟ୍ରଲର୍ ଆସୁଛି । ୧୫ ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ୧,୨୬୨ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୮୮ ଜଣଙ୍କୁ ମା ଗୃହ ବା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ୧୧୭ଟି ପ୍ରସବ ହୋଇସାରିଛି । ଏପର୍ଯ୍ୟନ୍ତ ୬୭୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି (ପୁରୁଷ ୨୪୦, ମହିଳା ୨୬୮, ଶିଶୁ ୧୭୦) । ୪୨ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି ଓ ୨୪ଟି ମାଗଣା ରୋଷେଇ ଚାଲୁ ଅଛି ।

ଧରାକୋଟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

୨୨ ଆଶ୍ରୟ ସ୍ଥଳୀ, ୪୮୩ ଲୋକ ସ୍ଥାନାନ୍ତର

ଧରାକୋଟ, (ସବ୍ୟୁ) : ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ଅଣ୍ଟା ଭିଡିଛି ଧରାକୋଟ ବ୍ଲକ ପ୍ରଶାସନ । ବିଡିଓ ଲିପିନା ଦାସଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ବ୍ଲକର ସମସ୍ତ କର୍ମଚାରୀଙ୍କୁ ୨୨ ଗୋଟି ଆଶ୍ରୟ ସ୍ଥଳୀର ତଦାରଖ ପାଇଁ ନିୟୋଜିତ କରାଯାଇଛି । ଏବିଡିଓ ସୁଶାନ୍ତ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ବିଏସଏସ ଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା ପ୍ରମୁଖ ସମସ୍ତ ଅଞ୍ଚଳ ପରିଦର୍ଶନ କରି ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ।



ବ୍ଲକ ସ୍ତରରେ ୮୦ ଗୋଟି ଆଶ୍ରୟ ସ୍ଥଳୀ ଚିହ୍ନଟ କରାଯାଇଥିବା ବେଳେ ମଙ୍ଗଳବାର ଦିନ ୨୨ ଗୋଟି ଆଶ୍ରୟ ସ୍ଥଳୀକୁ ଚାଳଘର, ଛାତରୁ ପାଣି ଗଳୁଥିବା, ଜରାଜୀର୍ଣ୍ଣ ଗୃହ ଓ ତଳିଆ ଅଂଚଳରେ ଥିବା ୪୮୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ବିଡିଓ ଲିପିନା ଦାସ ଓ ଏଇଇ ଜ୍ଞାନ ରଞ୍ଜନ ପ୍ରଧାନ, ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବାହାରପୁର ପଞ୍ଚାୟତରେ ଦୁଇଟି, ବଳରାମ ପୁରରେ ଗୋଟିଏ, ଢ଼ଉଗାଁରେ ଗୋଟିଏ, ଝାଡବନ୍ଧରେ ତିନୋଟି, ଝରପାଡିରେ ଚାରିଟି, ମଚ୍ଛାକୋଟ ଗୋଟିଏ, ମାଣିକପୁର ଗୋଟିଏ, ମୁଣ୍ଡମରାଇରେ ଗୋଟିଏ, ଓଳମ୍ପାରେ ତିନିଟି, ରୁଗୁମୁରେ ଗୋଟିଏ, ସାବାରେ ତିନିଟି ଓ ସିଙ୍ଗିପୁରରେ ଗୋଟିଏ ଆଶ୍ରୟ ସ୍ଥଳୀରେ ଦୁଇ ଓଳି ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇ ୮୯୮୪୯୨୭୯୦୦ ଜରୁରୀ ନମ୍ବର ରେ ସହାୟତା ପାଇଁ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଛି । ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ଗଞ୍ଜାମ ଜିଲ୍ଲାରେ ୩୦୪.୪ ମି.ମି. ବର୍ଷା ରେକର୍ଡ

ଛତ୍ରପୁରରେ ସର୍ବାଧିକ ୬୧.୪ ମି.ମି.

ବ୍ରହ୍ମପୁର, (ସବ୍ୟୁ) : ବାତ୍ୟା ଅର୍ଣ୍ଣବ'ର ପ୍ରଭାବରେ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି । ଜିଲ୍ଲାର ବିଭିନ୍ନ ରେନ୍ ଗେଜ୍ ଷ୍ଟେସନରୁ ମିଳିଥିବା ତଥ୍ୟ ଅନୁସାରେ, ଛତ୍ରପୁରରେ ସର୍ବାଧିକ ୬୧.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

ଏହା ପରେ ଚିକିଟିରେ ୪୩.୬ ମି.ମି., ଗୋପାଳପୁର ଏନଏସିରେ ୪୦ ମି.ମି. ଏବଂ ଗଞ୍ଜାମରେ ୩୯.୪ ମି.ମି. ବର୍ଷା ହୋଇଥିବା ଜିଲା ପ୍ରସାଶନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାର ଆଜି ଅପରାହ୍ନ ସୁଦ୍ଧା ହାରାହାରି ବର୍ଷା ୧୨.୧୮ ମି.ମି. ରହିଥିବା ବେଳେ ସମୁଦାୟ ବର୍ଷା ୩୦୪.୪ ମି.ମି. ରେକର୍ଡ ହୋଇଛି । କିଛି ଅଞ୍ଚଳରେ ବର୍ଷା ହୋଇନଥିବା ବେଳେ ଅନ୍ୟ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଜିଲାର ଛତ୍ରପୁରରେ : ୬୧.୪ ମି.ମି. ବର୍ଷା ହୋଇଥିବା ବେଳେ ଗଞ୍ଜାମ : ୩୯.୪ମି.ମି., ପୁରୁଷୋତ୍ତମପୁର: ୪ମି.ମି., କବିସୂର୍ଯ୍ୟନଗର: ୬ ମି.ମି.ଖଲ୍ଲିକୋଟ: ୫ମି.ମି., ହିଞ୍ଜିଳି: ୩ମି.ମି..ରଙ୍ଗେଇଲୁଣ୍ଡା: ୯ମି.ମି. କୁକୁଡ଼ାଖଣ୍ଡି: ୨ମି.ମି., ଚିକିଟି: ୪୩.୬ମି.ମି., ପାତ୍ରପୁର: ୧୦ମି.ମି. ସନଖେମୁଣ୍ଡି: ୭ମି.ମି., ଦିଗପହଣ୍ଡି: ୨୦ମି.ମି., ଆସ୍କା: ୦.୪ମି.ମି ସୋରଡ଼ା: ୩ମି.ମି., ଗୋପାଳପୁର ଏନଏସି: ୪୦ମି.ମି., ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଗାନ୍ଧୀନଗର: ୧୮.୬ମି.ମି. ଓ ବ୍ରଜନଗର: ୧୭ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି ।

ସେହିପରି ପୋଲସରା, କୋଡ଼ାଲା, ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ବୁଗୁଡ଼ା ଧରାକୋଟ ଓ ଶେରଗଡ଼ରେ ବର୍ଷା ହୋଇନଥିବା ପ୍ରସାଶନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାରେ ମୋଟ ୩୦୪.୪ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି: ୧୨.୧୮ ମି.ମି. ବର୍ଷା ରେକର୍ଡ ହୋଇଛି ।

ବାତ୍ୟା ମୁକାବିଲା ଓ ଜନସୁରକ୍ଷାକୁ ଗୁରୁତ୍ୱ

ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ଉପଜିଲ୍ଲାପାଳ

ଭଞ୍ଜନଗର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଆଜି ବେଲଗୁଣ୍ଠା ବ୍ଲକ୍, ଭଞ୍ଜନଗର ବ୍ଲକର ବାଇବେଲି ପଞ୍ଚାୟତ ଅନ୍ତର୍ଗତ ତଡମା ଗ୍ରାମ ଏବଂ ଜଗନ୍ନାଥପ୍ରସାଦ ବ୍ଲକ୍ ଓ ଏନ୍ଏସିର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବାତ୍ୟା ମୁକାବିଲା ପ୍ରସ୍ତୁତି, ଜନସାଧାରଣଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା ଓ ଆଶ୍ରୟସ୍ଥଳୀରେ ଉପଲବ୍ଧ ସୁବିଧାର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସମ୍ପୃକ୍ତ ବ୍ଲକର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ବେଲଗୁଣ୍ଠା ବ୍ଲକର ଉଡରା ଓ ବାଣଠୁମ୍ବ ଗ୍ରାମ ପରିଦର୍ଶନ କରି ସେଠାରେ ଚାଲିଥିବା ଜନସ୍ଥାନାନ୍ତରଣ ପ୍ରକ୍ରିୟାର ତଦାରଖ କରିଥିଲେ । ବିପଦପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ସମୟୋଚିତ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସେହିପରି ଭଞ୍ଜନଗର ବ୍ଲକର ବାଇବେଲି ପଞ୍ଚାୟତ ଅନ୍ତର୍ଗତ ତଡମା ଗ୍ରାମ ପରିଦର୍ଶନ କରି ଉପଜିଲ୍ଲାପାଳ ସେଠାକାର ସ୍ଥିତି ଓ ବାତ୍ୟା ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଦୃଷ୍ଟିରୁ ବିପଦପ୍ରବଣ ଅଞ୍ଚଳର ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ସ୍ଥାନାନ୍ତରଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବାକୁ ସେ ସମ୍ପୃକ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଜଗନ୍ନାଥପ୍ରସାଦ ବ୍ଲକର ଆଞ୍ଚଳିକ କଲେଜ ଓ କଲ୍ୟାଣମଣ୍ଡପ ଠାରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ ପରିଦର୍ଶନ କରି ସେଠାରେ ଉପଲବ୍ଧ ବ୍ୟବସ୍ଥାର ସମୀକ୍ଷା କରିଥିଲେ ଉପଜିଲ୍ଲାପାଳ।

ଆଶ୍ରୟସ୍ଥଳୀ ଗୁଡ଼ିକରେ ପାନୀୟ ଜଳ, ଖାଦ୍ୟ, ଆଲୋକ, ପରିମଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଏବଂ ଆବଶ୍ୟକ ସମୟରେ ତୁରନ୍ତ ରିଲିଫ୍ ଓ ଉଦ୍ଧାର ସହାୟତା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜନସାଧାରଣ ଭୟଭୀତ ନହୋଇ ପ୍ରଶାସନର ନିର୍ଦ୍ଦେଶ ଓ ପରାମର୍ଶ ପାଳନ କରିବା ସହ ନିଜର ତଥା ପରିବାରର ସୁରକ୍ଷା ପାଇଁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଥିଲା ।

ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମଙ୍ଗଳବାର ବେଲଗୁଣ୍ଠା ବ୍ଲକ, ଭଞ୍ଜନଗର ବ୍ଲକ୍ର ବାଇବାଲି ପଞ୍ଚାୟତ ଅନ୍ତର୍ଗତ ତଡମା ଗ୍ରାମ ଏବଂ ଜଗନ୍ନାଥପ୍ରସାଦ ବ୍ଲକ୍ ଓ ଏନ୍ଏସିର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବାତ୍ୟା ମୁକାବିଲା ପ୍ରସ୍ତୁତି, ଜନସାଧାରଣଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା ଓ ଆଶ୍ରୟସ୍ଥଳୀରେ ଉପଲବ୍ଧ ସୁବିଧାର ସମୀକ୍ଷା କରିଥିଲେ ।

ଷ୍ଟାରଲିଙ୍କଙ୍କୁ ଅନୁମତି ନଦେବାକୁ ଦାବି

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ୱଦେଶୀ ଜାଗରଣ ମଞ୍ଚର ଦାବିପତ୍ର

ବାରିପଦା, (ସବ୍ୟୁ) : ଭାରତର ଜାତୀୟ ସୁରକ୍ଷା, ତଥ୍ୟ ସାର୍ବଭୌମତ୍ୱ, ନାଗରିକଙ୍କ ଗୋପନୀୟତା ଓ ସ୍ୱଦେଶୀ ଟେଲିକମ୍ ଶିଳ୍ପର ସ୍ୱାର୍ଥ ରକ୍ଷା ଦାବିରେ ଆମେରିକାର ଷ୍ଟାରଲିଙ୍କ କମ୍ପାନୀକୁ ଭାରତରେ ଉପଗ୍ରହଭିତ୍ତିକ ଇଣ୍ଟରନେଟ୍ ସେବା ପ୍ରଦାନ ପାଇଁ ଅନୁମତି ନ ଦେବାକୁ ସ୍ୱଦେଶୀ ଜାଗରଣ ମଞ୍ଚ, ମୟୂରଭଞ୍ଜ ପକ୍ଷରୁ ଦାବି କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଂଯୋଜକ ବିଜୟ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

ମଞ୍ଚର ମତ ଅନୁଯାୟୀ, ଷ୍ଟାରଲିଙ୍କଙ୍କୁ ଭାରତରେ ଇଣ୍ଟରନେଟ୍ ସେବା ପ୍ରଦାନ ପାଇଁ ଅନୁମତି ଦିଆଗଲେ ଦେଶର ଜାତୀୟ ସୁରକ୍ଷା ଓ ରଣନୈତିକ ସାର୍ବଭୌମତ୍ୱ ପ୍ରତି ସମ୍ଭାବ୍ୟ ବିପଦ ସୃଷ୍ଟି ହୋଇପାରେ । ଏଥିସହ ନାଗରିକଙ୍କ ତଥ୍ୟ ସୁରକ୍ଷା ଓ ଗୋପନୀୟତା ପ୍ରଭାବିତ ହେବା ସହ ବିଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ଦେଶର ନିର୍ଭରଶୀଳତା ବୃଦ୍ଧି ପାଇବାର ଆଶଙ୍କା ରହିଛି । ବର୍ତ୍ତମାନ ଦେଶରେ ଇଣ୍ଟରନେଟ୍ ସେବା ଉପଲବ୍ଧ ଥିବାବେଳେ ଏକ ବିଦେଶୀ କମ୍ପାନୀକୁ ଏହି କ୍ଷେତ୍ରରେ ଅଧିକ ସୁଯୋଗ ଦେବା ଦ୍ୱାରା ସ୍ୱଦେଶୀ ଟେଲିକମ୍ ଶିଳ୍ପ ଓ ଜନସାଧାରଣଙ୍କ ଦୀର୍ଘମିଆଦୀ ସ୍ୱାର୍ଥ ପ୍ରଭାବିତ ହୋଇପାରେ ବୋଲି ମଞ୍ଚ ପକ୍ଷରୁ ମତପ୍ରକାଶ କରାଯାଇଛି ।

ରାଜଧାନୀରେ ଦର୍ଶକଙ୍କ ମନ ଜିଣିଲା ବାରିପଦାର ନାଟକ 'ପରେ କହିବି'

ବାରିପଦା, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ବାରିପଦାର ୭୫ ବାସ୍ତବ ଗ୍ରୁପ୍ର ବରିଷ୍ଠ ନାଗରିକ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ ପରେ କହିବି ଦର୍ଶକଙ୍କ ମନ ଜିଣିଛି। ଆମେ ବାରିପଦାର ମିଳିତ ସହଯୋଗରେ ମଞ୍ଚସ୍ଥ ଏହି ନାଟକର ଭାବପ୍ରବଣ କାହାଣୀ, ଉଚ୍ଚକୋଟୀର ସଂଳାପ ଓ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିବା ସହ ଭାବବିହ୍ୱଳ କରିଥିଲା । ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଲେଖକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ନାଟକର ରଚନା ଓ ନିର୍ଦ୍ଦେଶନା ସହ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଥିଲେ ।



ଅନ୍ୟ କଳାକାରଙ୍କ ମଧ୍ୟରେ ଇଞ୍ଜିନିୟର ପ୍ରଦୀପ କିଶୋର ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ, ରବୀନ୍ଦ୍ର ମହାପାତ୍ର, ଅରୁଣ କୁମାର ପାତ୍ର, ସର୍ବତୋଷ ଦାଶ, ଶାନ୍ତନୁ ପାଢ଼ୀ, କାମିନୀକାନ୍ତ ମାଲାକାର, ନନ୍ଦଲାଲ ମିଶ୍ର, ଶିଶିର କୁମାର ଲେଙ୍କା ଓ ଜୟନ୍ତ ସେନାପତି ନିଖୁଣ ଅଭିନୟ କରିଥିଲେ । ବିଶେଷ କରି ମିଠି ଚରିତ୍ରରେ ଶିଶୁ କଳାକାର ସୁଶ୍ରୀ ଲତାଶା ଖୁରାନାଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା ।

ନରସିଂହ ବାରିକ ମଞ୍ଚସଜ୍ଜା ଓ ଦୁର୍ଗାଚରଣ ପାତ୍ର ସଙ୍ଗୀତ ଦାୟିତ୍ୱ ତୁଲାଇଥିବା ବେଳେ ସୁଧୀର ମହାନ୍ତି, ପ୍ରଦୀପ ସରଘରିଆ ଓ ବିଶ୍ୱଜିତ ପରିଡ଼ା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ରାଜୀବ କୁମାର ପାତ୍ର ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ମେଜର ଡାକ୍ତର କଳ୍ପନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଟକଟି ସଫଳତାର ସହ ମଞ୍ଚସ୍ଥ ହୋଇଥିଲା ।

୨୫ କେଜିରୁ ଅଧିକ ଗଞ୍ଜେଇ ଜବତ, ଜଣେ ଗିରଫ

ଭଞ୍ଜନଗର, (ସବ୍ୟୁ) : କନ୍ଧମାଳ ଜିଲ୍ଲାର ସୀମାନ୍ତ ବଦାଙ୍ଗୀ ନିକଟସ୍ଥ ଜାମବଣିଆ ରାସ୍ତାରୁ ତାରାସିଂ ଥାନା ପୁଲିସ ୨୫ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉକ୍ତ ସୂଚନା ଆଧାରରେ ପୁଲିସ ବାହିନୀ ବଦାଙ୍ଗୀ ସୀମାନ୍ତ ଜାମ ବଣିଆ ରାସ୍ତାରେ ଜଗି ରହିଥିଲେ । ଆଉ ସେହି ରାସ୍ତାରେ ଯାଉଥିବା ଏକ ବାଜାଜ୍ ସିଟି ୧୦୦ ମଟରସାଇକେଲକୁ ଅଟକାଇ ଯାଞ୍ଚ କଲାବେଳେ ଗାଡ଼ିରେ ଏକ ବସ୍ତା ଦେଖି ପଚରାଉଚରା ଏବଂ ତଲାସୀ ପରେ ସେହି ବସ୍ତାରୁ ୨୫ କେଜି ୧୧୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା । ଏନେଇ ତାରା ସିଂ ପୁଲିସ ପକ୍ଷରୁ ମାମଲା ରୁଜୁ କରି ରାଇକିଆ ଥାନା ଅନ୍ତର୍ଗତ ସର୍ବପଙ୍ଗା ଗାଁ ର ନରେଶ ପ୍ରଧାନ (୪୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି ।

ନାବାଳିକାଙ୍କୁ ବଳାତ୍କାର, ବନ୍ଧାହେଲେ ଯୁବକ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରର ୧୫ ବର୍ଷର ନାବାଳିକା ଅପହରଣ କରି ହାଇଦ୍ରାବାଦରେ ରଖି ବଳାତ୍କାର ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଟିଲୁ ଦାସ (୨୦) । ପୋଲିସ ଆଜି ଉଭୟଙ୍କ ଡାକ୍ତରୀ ମଇନା କରିଛ । ସେହିପରି ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ପରେ ତାଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି । ଅଭିଯୁକ୍ତ ଟିଲୁଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗତ ୨୩ ତାରିଖ ରାତି ପ୍ରାୟ ୮ଟା'ରେ ନାବାଳିକା ଜଣଙ୍କ ବଜାରକୁ ଯାଇଥିବା ବେଳେ ସେ ଆଉ ଘରକୁ ଫେରି ନଥିଲେ । ପରଦିନ ଅର୍ଥାତ ୨୪ ତାରିଖରେ ତାଙ୍କ ମା' ଙ୍କ ମୋବାଇଲ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା । ତାଙ୍କ ଝିଅ ହାଇଦ୍ରାବାଦରେ ଥିବା ଫୋନକର୍ତ୍ତା ଜଣାଇଥିଲେ । ଏନେଇ ମହିଳା ଜଣଙ୍କ ଗତ ୨୫ ତାରିଖରେ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ହାଇଦ୍ରାବାଦରୁ ଆସିଥିବା ଫୋନ ନମ୍ବର ଟ୍ରାକ କରି ପୀଡିତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରି ଯୁବକଙ୍କୁ କାବୁ କରିଥିଲା । ପୋଲିସ ଅଭିଯୁକ୍ତ ଟିଲୁ ଦାସଙ୍କୁ ବଳାତ୍କାର ମାମଲାରେ ଗିରଫ କାରି କୋର୍ଟ ଚାଲାଣ କରିଛି ।

ଜାତୀୟ ଏକତା ଦିବସରେ ଯୋଗଦେବା ପାଇଁ ବ୍ରହ୍ମପୁରରୁ

ସ୍ୱତନ୍ତ୍ର ଟ୍ରେନ୍ରେ ଗଲେ ୧୫୦ରୁ ଊର୍ଦ୍ଧ୍ୱ ନାଗରିକ, ଗଞ୍ଜାମରୁ ୫୨



ବ୍ରହ୍ମପୁର, (ସବ୍ୟୁ) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ୧୫୦ରୁ ଉର୍ଦ୍ଧ୍ୱର୍ ନାଗରିକ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି । ଏଥିରେ ଗଞ୍ଜାମ ଜିଲ୍ଲାରୁ ୫୨ ଜଣ ନାଗରିକ ସାମିଲ ହୋଇଛନ୍ତି । ଏକତାନଗର ଅଭିମୁଖେ ଯାଉଥିବା ସ୍ୱତନ୍ତ୍ର ଟ୍ରେନକୁ ରାଜ୍ୟର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ, ଦେଶର ଏକତା ଓ ଅଖଣ୍ଡତା ରକ୍ଷା ଦିଗରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଚିରସ୍ମରଣୀୟ । ଜାତୀୟ ଏକତା ଦିବସର ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ନାଗରିକମାନେ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଫେରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଚାରପ୍ରସାର କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ୟମ ଓ ନେତୃତ୍ୱରେ ଭାରତ ଆଜି ନକ୍ସଲ ମୁକ୍ତ ହୋଇପାରିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଆଇଜି (ଦକ୍ଷିଣାଞ୍ଚଳ) ଜୟନାରାୟଣ ପଙ୍କଜ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍ପି ଅଭିନବ ସୋନକର, ଗଞ୍ଜାମ ଏସ୍ପି ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ସୁନୀଲ କେରକେଟା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦାମ କୁମାର ସ୍ୱାଇଁ ଏବଂ ବ୍ରହ୍ମପୁର ରେଳ ଷ୍ଟେସନ ପରିଚାଳକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ବିପଦସଂକୁଳ ଅବସ୍ଥାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ହରିବଳଦେବ ଜୀଉ ମନ୍ଦିର

ନାଗରାବାଡ଼ି, ନୂତନ ନାଗରାବାଡ଼ି ପାଇଁ ଚାଲିଛି ଡିପିଆର ପ୍ରସ୍ତୁତି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ସହର ବାରିପଦାର ଧାର୍ମିକ ଓ ସାଂସ୍କୃତିକ ପରିଚୟ ସହ ଜଡ଼ିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରର ନାଗରାବାଡ଼ି ଏବେ ବିପଦସଂକୁଳ ଅବସ୍ଥାରେ ରହିଛି । ମନ୍ଦିରର ପାରମ୍ପରିକ ପୂଜାବିଧି ଓ ଦୈନନ୍ଦିନ ରୀତିନୀତି ସହ ଜଡ଼ିତ ଏହି ସ୍ଥାନର ଦୟନୀୟ ଅବସ୍ଥାକୁ ନେଇ ଭକ୍ତ ଓ ଐତିହ୍ୟପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଅନ୍ୟପକ୍ଷରେ, ନୂତନ ନାଗରାବାଡ଼ି ନିର୍ମାଣ ପାଇଁ ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀଙ୍କ ଗସ୍ତ ସମୟରେ ପ୍ରକାଶ କରାଯାଇଥିଲା । ତେବେ ଏହି ପ୍ରକଳ୍ପ କେବେ ବାସ୍ତବ ରୂପ ନେବ ଏବଂ ଐତିହାସିକ ନାଗରାବାଡ଼ିର ସୁରକ୍ଷା ପାଇଁ କେବେ ଠୋସ୍ ପଦକ୍ଷେପ ନିଆଯିବ, ତାହାକୁ ନେଇ ଆଲୋଚନା ହେଉଛି । ବାରିପଦାର ବଡ଼ ଜଗନ୍ନାଥ ମନ୍ଦିର କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଏହା ମୟୂରଭଞ୍ଜର ଧାର୍ମିକ ଭାବନା, ପରମ୍ପରା ଓ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ। ଏହି ମନ୍ଦିର ସହ ଜଡ଼ିତ ବିଭିନ୍ନ ପରମ୍ପରା ଓ ରୀତିନୀତି ପିଢ଼ି ପରେ ପିଢ଼ି ଧରି ଚାଲିଆସିଛି । ଏହି ପରମ୍ପରାରେ ନାଗରାବାଡ଼ିର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଠାରେ ମହାପ୍ରଭୁଙ୍କ ଦୈନନ୍ଦିନ ରୀତିନୀତି ସମୟରେ ନାଗରା ବଜାଯାଇଥାଏ । ନାଗରାର ଧ୍ୱନି ମନ୍ଦିର ପରିବେଶକୁ ଆଧ୍ୟାତ୍ମିକ ଭାବଧାରାରେ ଭରିଦେବା ସହ ଦୀର୍ଘଦିନର ଧାର୍ମିକ ପରମ୍ପରାକୁ ଜୀବନ୍ତ ରଖିଆସିଛି। ମାତ୍ର ଆଜି ଏହି ନାଗରାବାଡ଼ିର ଅବସ୍ଥା ଚିନ୍ତାଜନକ ହୋଇପଡ଼ିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହାର ସ୍ଥିତିକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଐତିହାସିକ ଓ ଧାର୍ମିକ ମହତ୍ତ୍ୱ ବହନ କରୁଥିବା ଏଭଳି ଏକ ସ୍ଥାନର ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । କୌଣସି ଅଘଟଣ ଘଟିବା ପୂର୍ବରୁ ଏହାର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ନାଗରାବାଡ଼ିର ଏଭଳି ଅବସ୍ଥା ଲାଗି ରହିଲେ ଆଗାମୀ ଦିନରେ ମହାପ୍ରଭୁଙ୍କ ନୀତିକାନ୍ତି ସମୟରେ ନାଗରା ବଜାଇବା ପାଇଁ ଉପଯୁକ୍ତ ସ୍ଥାନ ରହିବ କି ନାହିଁ, ତାହା ଏକ ବଡ଼ ପ୍ରଶ୍ନ । ଯେଉଁ ନାଗରାର ଧ୍ୱନି ମନ୍ଦିରର ଧାର୍ମିକ ପରିବେଶକୁ ମୁଖରିତ କରୁଛି, ସେହି ପରମ୍ପରାର ସୁରକ୍ଷା ପାଇଁ ନାଗରାବାଡ଼ିର ସୁରକ୍ଷିତ ଭିତ୍ତିଭୂମି ଅତ୍ୟନ୍ତ ଜରୁରୀ। ଏହା କେବଳ ଏକ କୋଠାର ମରାମତି ପ୍ରସଙ୍ଗ ନୁହେଁ ବରଂ ଏହା ସହ ଜଡ଼ିତ ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷାର ପ୍ରଶ୍ନ।

ସୂଚନାନୁସାରେ, ମାନ୍ୟବର ଗୃହନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମନ୍ଦିର ଗସ୍ତ ସମୟରେ ନୂତନ ନାଗରାବାଡ଼ି ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତି କରାଯାଉଥିବା କୁହାଯାଇଥିଲା। ଏହା ଆଶା ସୃଷ୍ଟି କରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟର ପରବର୍ତ୍ତୀ ପଦକ୍ଷେପ, ଅନୁମୋଦନ ଓ କାର୍ଯ୍ୟାରମ୍ଭ ସମ୍ପର୍କରେ ସ୍ପଷ୍ଟତା ଜରୁରୀ । ଡିପିଆର ପ୍ରସ୍ତୁତି ପରେ ପ୍ରକଳ୍ପ କେତେ ଶୀଘ୍ର ଆଗେଇବ ଏବଂ ସେ ପର୍ଯ୍ୟନ୍ତ ବର୍ତ୍ତମାନର ନାଗରାବାଡ଼ିର ସୁରକ୍ଷା ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯିବ, ତାହା ଗୁରୁତ୍ୱ ବହନ କରୁଛି । ତେଣୁ ମନ୍ଦିର ପ୍ରଶାସନ ଓ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ନୂତନ ନାଗରାବାଡ଼ି ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବର୍ତ୍ତମାନର ଢାଞ୍ଚାର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବା ଦରକାର ।



ମୟୂରଭଞ୍ଜର ଏହି ଐତିହାସିକ ମନ୍ଦିରର ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ଏବଂ ଆଗାମୀ ପିଢ଼ି ପାଇଁ ଏହି ଐତିହ୍ୟକୁ ସୁରକ୍ଷିତ କରିବା ନିମନ୍ତେ ସମୟୋଚିତ ପଦକ୍ଷେପ ଅପରିହାର୍ଯ୍ୟ ।

ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଆନ୍ଦୋଳନରେ କଂଗ୍ରେସ



ଅନୁଗୋଳ, (ସବ୍ୟୁ) : ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ ବିଜେପି ଦଳର କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନକମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ସି ପି ମିତ୍ତଲ କହିଛନ୍ତି ।

ସେ ଆହୁରି ମଧ କହିଥିଲେ ଯେ, ଅବୈଧ ଏସଆଇଆର ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକାକୁ ସଂଶୋଧନ, None selectednned by Gmail ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ବିଶ୍ୱାସନୀୟତା ସୁନିଶ୍ଚିତ କରିବା ଉଚିତ। ଆନୁପାତିକ ପ୍ରତିନିଧି ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ହ୍ରାସ ଆଦିକୁ ପ୍ରାଥମିକତା ଦେବାକୁ ଶ୍ରୀ ମିତ୍ତଲ ଦାବି କରିଥିଲେ ।

ବିଶେଷକରି ମୁଖ୍ୟନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପାଇଁ ଆଜି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତର ଗଣତନ୍ତ୍ର ବିପଦରେ । କେହି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । କେହି ବି ଜାଣିନାହାନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ଥିବ କି ନାହିଁ? ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇଆରରେ ସମ୍ପୂର୍ଣ୍ଣ ସଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରକାଶ କରିଥିଲେ । ପ୍ରଦେଶ କଂଗ୍ରେସ ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ ହଳଧର ସେଠୀ, ପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲାପ୍ରଭାରୀ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ପିସିସି ସମ୍ପାଦକ ଆଦିତ୍ୟ ଦିବ୍ୟସିଂହ, ସୁଦୀପ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ମିଳିତ ସଂଗ୍ରାମର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପାଠ କରିବା ସହ ସେବା ଦଳ ତରଫରୁ ଜିଲ୍ଲା ଅଧ୍ୟକ୍ଷ ସୌମ୍ୟ ସଞ୍ଜିତ ମିଶ୍ର ଓ ରାଜ୍ୟ ସେବା ଦଳ ସମ୍ପାଦକ ସଞ୍ଜିବ ନାଏକଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା ।

ଉକ୍ତ ସମ୍ମିଳନୀରେ ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ଦିଗାମ୍ବର ଗଡନାୟକ, ତପନ ପ୍ରଧାନ, ଦାଶରଥି ସାହୁ, ଗୋବିନ୍ଦ ନାଏକ, ଟିକନ ବେହେରା, ପ୍ରଫୁଲ୍ଲ ଦାସ, କଣିହାଁ ବ୍ଲକ ସଭାପତି ମାନସ ରଞ୍ଜନ ପ୍ରଧାନ, ଛେଣ୍ଡିପଦା ବ୍ଲକ ସଭାପତି ଅଜୟ ବେହେରା, ନଗର ମହିଳା ସଭାନେତ୍ରୀ କସିଦା ଖାନ, ଭଜମନ ଦାସ, ସୁବାସ ସାହୁ, ଅଳକା ରାଣୀ ମହାପାତ୍ର, ମାନିନୀ ପ୍ରଧାନ, ସଂଗ୍ରାମ ବେହେରା, ପଦ୍ମିନୀ ଗଡ଼ନାୟକ, ଅରୁପ ସାମଲ, ଅରୁଣ ଦାସ, ଅବିନାଶ ଦଳବେହେରା, ଜିତେନ୍ଦ୍ର କୁମାର ସାହୁ, ମନୋଜ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସାଧୁତା ଶପଥ ପାଠ

ଅନୁଗୋଳ, (ସବ୍ୟୁ) : ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରି କରିବାକୁ ନେଇ ଅକ୍ଟୋବର ୨୬ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଚଳିତ ବର୍ଷର ବାର୍ଷା ହେଉଛି ସାଧୁତାରୁ ସମୃଦ୍ଧି ।

ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୁଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତି କରିବା ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକସେବା ଭବନରେ ଭିଡିଓ କନଫରେନସ ମାଧ୍ୟମରେ ଆଜି ପୂର୍ବାହ୍ଣରେ ଶପଥ ପାଠ କରାଇଥିଲେ । ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଓସଓ୍ୱାନ ହଲ ଠାରେ ଉତ୍ତର କେନ୍ଦ୍ରାଞ୍ଚଳ ଡି ଆଇ ଜି ଆଶିଷ କୁମାର ସିଂହ ଓ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅତର ଯୋଗ ଦେଇ ଶପଥ ପାଠ କରିଥିଲେ ।

ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅବକାରୀ ଅଧିକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି , ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ସୁକାନ୍ତ ସାହୁ,ଡେପୁଟି କଲେକ୍ଟର ଜୟଜିତ ଧଳ, ନିଜାରତ ଅଧିକାରୀ ମନ୍ମଥ ଦାଶଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ,ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକରେ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

ବିଦ୍ୟୁତ୍ ଫାଶରେ ଦନ୍ତା ମୃତ, ୩ ଶିକାରୀ ଗିରଫ



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ରେଞ୍ଜ ର ଝିଲ୍ଲୀମୁଣ୍ଡା ଗ୍ରାମ୍ୟ ଜଙ୍ଗଲ ରେ ସୋମବାର ରାତରେ ବାଗହା ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ ଫାଶ ରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି । ଉକ୍ତ ହାତୀର ବୟସ ୧୦ ବର୍ଷ ହେବ ବୋଲି ବନ ବିଭାଗ ଆକଳନ କରିଛି । ଏହି ଶିକାରରେ ସମ୍ପୃକ୍ତ ଥିବା ୪ ଜଣ ଶିକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ସୋମବାର ବିଳମ୍ବିତ ରାତରେ୩ ଜଣ ଶିକାରୀଙ୍କୁ ଗିରଫ କରିଛି । କାଳେ ତଦନ୍ତରେ ବାଧା ସୃଷ୍ଟି ହେବ ସେ ନେଇ ସେମାନଙ୍କର ନାମ ବନ ବିଭାଗ ଗୋପନ ରଖିଛି । ଘଟଣାରୁ ଜଣା ପଡିଛି ଯେ ଝିଲ୍ଲୀମୁଣ୍ଡା ଦେଇ ପାଇକସାହି ଅଞ୍ଚଳ କୁ ବଇଣ୍ଡା ଠାରୁ ୧୧ କେଭିବିଦ୍ୟୁତ ତାର ଯାଇଛି । ହେଲେ ଏହି ତାରରେ ପ୍ରତ୍ୟେକ ଦିନ ଫାଶ ବସାଇ ବାରହା ଶିକାର କରାଯାଉଛି । ବନ ବିଭାଗ ର ଶୀତଳତା ଯୋଗୁଁ ଶିକାରୀ ମାନେ ନିର୍ଭୟ ରେ ଶିକାର କରୁଥିବା ବେଳେ ସୋମବାର ସକାଳେ ଉକ୍ତ ୪ ଜଣ ଶିକାରୀ ଝିଲ୍ଲୀମୁଣ୍ଡା ଜଙ୍ଗଲ ରେ ୧୧ କେଭିବିଦ୍ୟୁତ ତାରରୁ ହୁକ ପକାଇ ବାରହା ଶିକାର କରିବା ପାଇଁ ବିଦ୍ୟୁତ ଫାଶ ବସାଇଥିଲେ । ଏହି ବାଟ ଦେଇ ଆସୁଥିବା ଦନ୍ତା ହାତୀ ଟି ଉକ୍ତ ବାରହା ଫାଶ ରେ ପଡିମୃତ୍ୟୁ ହୋଇଛି ।

ଏହି ଖବର ଜଣା ପଡିବା ପରେ ଆଠମଲ୍ଲିକ ଡିଏଫଓ ସନ୍ତୋଷ କପୁଲା ,ହଣ୍ଡପା ରେଞ୍ଜର ମିନତୀ ନାୟକ , ଫରେଷ୍ଟର ଆଲୋକ ମିଶ୍ର , ଲିଙ୍ଗରାଜ ବେହେରା , ଅଞ୍ଜଳି ବେହେରା , ଅନୁପମା ନାୟକ , ପି ପ୍ରିତିଶ ରଞ୍ଜନ , ଅନ୍ତର୍ଯ୍ୟାମି ସାହୁ ଙ୍କ ସହ ଏକ ଟିମ ଉକ୍ତ ସ୍ଥାନ କୁ ଯାଇ ମୃତ ହାତୀ ର ଶବ ଜବତ କରିଥିଲେ । ପରେ କିଶୋରନଗର ବ୍ଲକ ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ବିଜ୍ଞ ବୈଦେନ୍ତି, ଆଠମଲ୍ଲିକ ବ୍ଲକ ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ସରିତା ବେହେରା, ଠାକୁରଗଡ଼ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଲିପ୍ସା ଲିନା ତ୍ରିପାଠୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ହାତୀର ମୃତଦେହ କୁ ବ୍ୟବଚ୍ଛେଦ କରିବା ସହ ନିକଟରେ ପୋତିଦିଆଯାଇଛି । ଗିରଫ ଶିକାରୀଙ୍କୁ ହଣ୍ଡପା ରେଞ୍ଜ କାର୍ଯ୍ୟଳୟକୁ ନେଇ ତଦନ୍ତ ଚଳାଇଛନ୍ତି ।

ବାଇକ୍‌କୁ ଧକ୍କା ଦେଲା ସରକାରୀ ବସ୍ : ଜଣେ ମୃତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଆମ୍ବପଳାଶ ମଧୁବନ ଛକ ମଶାଣି ନିକଟରେ ସରକାରୀ ବସ୍ ମୋଟର ସାଇକେଲକୁ ଧକ୍କା ଦେବା ଫଳରେ ମୋଟର ସାଇକେଲ ଚାଳକ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ଜଣାପଡି ଅଛି ।

ଖବର ନେବାରେ ଜଣାପଡିଛି ଯେ କେନ୍ଦୁଝରରୁ ତେଲକୋଇ ପରଜଙ୍ଗ ଦେଇ ଭୁବନେଶ୍ୱର ଯାଉଥିବା ଓଏସଆରଟିସି ବସ୍ ନଂ ଓଡି୩୩ଏଭି ୮୬୦୩ ପ୍ରତିଦିନ ଯାତାୟତ କରୁଛି । ଆଜି କେନ୍ଦୁଝରରୁ ଭୁବନେଶ୍ୱର ଆସୁଥିବା ବେଳେ ପୂର୍ବାହ୍ନ ୯ ଟା ୩୦ ମିନିଟ ସମୟରେ ଆମ୍ବପଳାଶ ମଧୁବନ ଛକ ମଶାଣି ନିକଟରେ ମୋଟର ସାଇକେଲ ଯୋଗେ ମଧୁବନ ଛକରୁ ଘରକୁ ଫେରୁଥିବା ମଦ୍ଧୁର ସାହୁଙ୍କ ପୁଅ ସୁନିଲ ସାହୁ(୩୧)ଙ୍କୁ ପଛରୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ସୁନିଲ ସାହୁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟିବା ପରେ ଖବର ପାଇ ପରଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ପୋଲିସ ବସକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି । ଏ ସମ୍ବନ୍ଧେ ପରଜଙ୍ଗ ଥାନାରେ ଏକ କେଶ୍ ରୁଜ୍ କରାଯାଇଛି ।

ତାଳଚେର କିଶୋର କ୍ଲବର କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ତାଳଚେର, (ସବ୍ୟୁ) : ସର୍ବପୁରାତନ କିଶୋର କ୍ଲବର ଶାରଦୀୟ ୬୧ତମ କ୍ରିଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା କ୍ଲବ ପରିସରରେ ଉଦଯାପିତ ହୋଇଯାଇଛି ।ଛଅ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମାହାନ୍ତି ଯୋଗଦେଇ ବହୁ ପୁରାତନ ଏହି କ୍ଲବ ସାରା ରାଜ୍ୟରେ କ୍ରିଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବହନ କରଛି, ଏଠାରୁ ବହୁ ପ୍ରତିଭାବାନ ଖେଳାଳି ଦେଶ ଓ ରାଜ୍ୟରେ ନିଜର ପାରଦର୍ଶିତା ଦେଖାଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଅନୁଗୋଳ କଲେଜର ଅଧ୍ୟାପକ ତଥା ଚଳଚ୍ଚିତ୍ର ଅଭିନେତା ଡଃ ଗୋବିନ୍ଦ ଚନ୍ଦ୍ର ଥମ୍ବ, ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ,ତାଳଚେର ପଟ୍ଟାୟତ ଶୈଳେନ୍ଦ୍ର ଚନ୍ଦ୍ର ଦେବ ସିନେ ଅଭିନେତ୍ରୀ ରୋଜା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ, ଏହି ଅବସରରେ ଅତିଥି ମାନଙ୍କଦ୍ୱାରା ବିଭିନ୍ନ ବରିଷ୍ଠ ସାମ୍ବାଦିକ ବିମଳ କୃଷ୍ଣ ଥମ୍ବ, ରାଣୀ ଶୁକଦେଇ ବାହିନୀ ତଥା ତାଳଚେର ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଶୋଭାଗିନୀ ଦେବୀ, ବିଶିଷ୍ଟ ଆୟୁର୍ବେଦୀକି ଓ ଜଡ଼ିବୁଟି ପାଇଁ ଗଣେଶର ସ୍ୱାଇଁ ଜାତୀୟ ସ୍ତରୀୟ ଟେନିସ କ୍ରିକେଟ ଖେଳାଳୀ ସୂର୍ଯ୍ୟାଂଶୁ ସତପଥି ଙ୍କୁ ମୁଖ୍ୟ ଅତିଥି ମାନଙ୍କଦ୍ୱାରା ସମ୍ମାନିତ କରାଯାଇଥିଲା, ସେହିପରି ଅଜୟ ଭୂତିଆ ରାଜ୍ୟସ୍ତରୀୟମହିଳା କାବାଡି ପ୍ରତିଯୋଗିତାରେ ଚମ୍ପିୟାନ ସମ୍ବଲପୁର ଦଳ ଓ ରନର୍ସ ଦଳ ଭାବେ ଆସ୍କାକୁ ସିଲ କପ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟ କ୍ରମକୁ କ୍ଲବର କାର୍ଯ୍ୟ କାରୀ ସଭାପତି ପେସ୍କାର ଗଡ଼ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଦୟାସାଗର ମିଶ୍ର ଅତିଥି ପରିଚୟ ସମ୍ପାଦକ ଦିପକ ଥମ୍ବ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅନ୍ୟତମ କାର୍ଯ୍ୟକାରୀ ସଭାପତି ଧୂରେନ ସତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଗୋଳ ଜିଲ୍ଲାର ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇ ଥିବା ବେଳେ ଦେଢ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା ।

ବହୁ ଆଡ଼ମ୍ବରରେ ଚାଲିଛି ଇନ୍ଦିପୁର ଗଜଲକ୍ଷ୍ମୀ ପୂଜା

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମରେ ମା ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡମ୍ବରରେ ପାଳିତ ହେଉଛି । କୁମାର ପୂର୍ଣ୍ଣିମା ଦିନ ମାଙ୍କ ପ୍ରତିମୂର୍ତ୍ତିରେ ପୁରୋହିତ ଜୀବନନ୍ୟାସ ଦେଇ ମା'ଙ୍କୁ ଧରାପୃଷ୍ଠ ଆସିବାକୁ ଆମନ୍ତ୍ରଣ କରିବାର ଦେଖିବାକୁ ମିଳିଛି। ଇନ୍ଦିପୁର ଗ୍ରାମରେ ୨୪ ଟି ମଣ୍ଡପରେ ମା ଧନଦାତ୍ରୀ ପୂଜା ପାଉଛନ୍ତି । ଏହି ପୂଜା ନଅ ଦିନ ଧରି ଇନ୍ଦିପୁରରେ ଚାଲୁଥିବାରୁ ପ୍ରତ୍ୟେକ ଘରେ ବନ୍ଧୁ ବାନ୍ଧବ ଥିବାର ଦେଖିଯାଏ । ଆଲୋକ ମାଳାରେ ସର୍ଜିତ ହୋଇ ଇନ୍ଦିପୁର 'ଇନ୍ଦ୍ରପୁର' ପାଲଟି ଯାଏ। ଯିଏ ଆସେ ସିଏ ୯ ଦିନ ପର୍ଯ୍ୟନ୍ତ ଯିବାକୁ ଇଚ୍ଛା କରେନି ।

ମା'ଙ୍କ ମେଲାଣି ବିସର୍ଜନ ନଭେମ୍ବର ୩ ମଙ୍ଗଳବାର ଦିନ ହେବାକୁ ସ୍ଥିରୀକୃତ ହୋଇଛି । ପୂଜାରେ ଦୋଳି, ମିକି ମାଉଚ,ପାଣି ବୋଟ, ଫାଷ୍ଟଫୁଡ, ଆଇସ୍କ୍ରିମ ଖାଇ ପୂଜାର ମଜ୍ଜା ନେଉଥିବାବେଳେ ମିନାବଜାରରୁ ଜିନିଷ କିଣି ଘରକୁ ନେଉଥିବାର ଦେଖିବାକୁ ମିଳିଛି । ଗୁଣ୍ଡିଚାପଡା, କାଣ୍ଡବିନ୍ଧା,ବଳରାମପୁରରୁ ଯାତ୍ରା ଦେଖିବାକୁ ଆସିଲେ ପ୍ରଥମେ ଲୁଣି ବଡଦାଣ୍ଡ ସାହି, କଲେଜ ଛକ, ହାଇସ୍କୁଲ ଛକ, କୁଆଁଙ୍ଗସାହି,ଶାସନ ସାହି, ବସଷ୍ଟାଣ୍ଡ, ଉପରସାହି ବଦର୍ସ କ୍ଲବ, ଗୋଲ୍ଡେନଷ୍ଟାର, ଶବରସାହି, କଂସାରୀସାହି, ତେରଘରିଆ, ରାଜପୃଷ୍ଠି ପୂଜା ଅନୁଷ୍ଠାନ, ବଉଳଛକ, ସର୍ଜନସାହି, ଶାନ୍ତିଛକ, ତନ୍ତିସାହି, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ବଡ଼େଇସାହି,ମେଳା ସାହି ଆଦି ପୂଜା ମଣ୍ଡପ ବୁଲି ମଣିଆ ପୋଖରୀ ଓ ବସଷ୍ଟାଣ୍ଡରେ ପଡ଼ିଥିବା ବିଭିନ୍ନ ଷ୍ଟଲରେ ଖାଇବାର ମଜ୍ଜା ନେଉଥିବା ଦେଖିବାକୁ ମିଳିଛି ।

ନୂଆଗାଁରେ ଭାଜପା ବୈଠକ, ସଂଗଠନ ସୁଦୃଢ଼ କରିବାକୁ ଆଲୋଚନା

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ନୂଆଗାଁ ଗ୍ରାମବାସୀଙ୍କୁ ନେଇ ମାନଜୋର ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଭାରତୀୟ ଜନତା ପାର୍ଟି ଭାଜପା ର ସଂଗଠନକୁ ଆଗାମୀ ଦିନରେ ଅଧିକ ସୁଦୃଢ଼ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଦୀପ ବେହେରା, ଉଦ୍ଧବ ମାଝୀ, ସୁବଳ ସାହୁ ଓ ଉପେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ବନ୍ଧୁମିଳନରେ ୭୦ରୁ ଉର୍ଦ୍ଧ୍ୱ ପରିବାରର ସଦସ୍ୟ ଯୋଗଦେଇଥିଲେ । ବୈଠକରେ ଦଳୀୟ ସଂଗଠନକୁ ଗ୍ରାମସ୍ତରରେ ଅଧିକ ମଜଭୁତ କରିବା, ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଆଗାମୀ ଦିନରେ ଏକଜୁଟ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଯୁବନେତା ପ୍ରତ୍ୟୁପ୍ନ ପ୍ରଧାନ, ସୁଶାନ୍ତ ହୋତା, କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଓ ଯତୀନ୍ଦ୍ର ପ୍ରଧାନ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ସାହୁ, ସରୋଜ ସାହୁ, ପ୍ରସନ୍ନ ବିଶ୍ୱାଳ, ପ୍ରସାଦି ବିଶ୍ୱାଳ, ବିନୋଦ ସାହୁ, କୁଳମଣି ସାହୁ ଓ ସଦାନନ୍ଦ ମେହେରଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

ଖଣ୍ଡହତା-ପିପଳବାହାଳ ଗଜଲକ୍ଷ୍ମୀ ପୂଜା

ମନ ମୋହୁଛି ରାବଣ ଦରବାର



ଠାକୁରଗଡ, (ସବ୍ୟୁ) : ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ ଖଣ୍ଡହତା –ପିପଳବାହାଳ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହୋଇଛି ରାବଣ ଦରବାର କାର୍ଯ୍ୟକ୍ରମ । ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଧନୁଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ଯାଏଁ ଚାଲିବ ।

ପ୍ରଥମ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ରାଜ ଅତିଥି ଭାବେ କିଶୋରନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ, ଧଉରାପାଲି ସରପଞ୍ଚ ଜ୍ୟୋସ୍ନାରାଣୀ ଦେହୁରୀ, ଖଣ୍ଡହତା ଗ୍ରାମ ସଭାପତି କିଶୋର ଚନ୍ଦ୍ର ପ୍ରଧାନ , ପୂଜା କମିଟି ସଭାପତି ପ୍ରଦୀପ ପ୍ରଧାନ ଓ ସଂପାଦକ ରାକେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଦରବାରରେ ଅନୁଷ୍ଠିତ ହୋଇଥିଲ। ରାମ ବନବାସ ଗୀତିନାଟ୍ୟ ।

ପ୍ରତ୍ୟହ ରାଜ ଦରବାରରୁ ମହାରାଜ ରାବଣଙ୍କ ସଚେତନତା ବାର୍ତ୍ତା ଦର୍ଶକଙ୍କ ମନରେ ବିଶେଷ ପ୍ରଭାବ ପକାଉଥିବାର ଲକ୍ଷ୍ୟ କରାଯାଉଛି । ରାଜନର୍ତ୍ତକୀ ତଥା ସ୍ଥାନୀୟ ଆମ୍ବପାଳ ଛାତ୍ରାବାସ କଳାକାରମାନଙ୍କ ମନୋଜ୍ଞ ନୃତ୍ୟ ପରିବେଷଣ ବେଶ ଉପଭୋଗ୍ୟ ହୋଇପାରିଥିଲା । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ ।

ଲକ୍ଷ୍ମୀ ପୂଜା ଅବସରରେ ପୌରାଣିକ ତଥ୍ୟ ଆଧାରରେ ମନୋଜ୍ଞ କାର୍ଯ୍ୟକ୍ରମମାନ ଦର୍ଶକଙ୍କୁ ବାନ୍ଧିରଖି ପାରିଛି । ମହାରାଜ ରାବଣଙ୍କ ଦରବାରରେ ପ୍ରତ୍ୟହ ବିଶିଷ୍ଟ ଅତିଥି ମାନେ ସାମିଲ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ଓ ଅନ୍ନପ୍ରସାଦ ବ୍ୟବସ୍ଥା ଅଛି ବୋଲି ପୂଜା କମିଟିର ସମ୍ପାଦକ ରାକେଶ କୁମାର ପ୍ରଧାନ , ସଭାପତିପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଜଣାଇଛନ୍ତି । ରାବଣ ଦରବାର ଦେଖିବାପାଇଁ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି ।

ଅଜଣା ଗାଡି ଧକ୍କାରେ ୨ ମୃତ, ଜଣେ ଗୁରୁତର

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର କାମାକ୍ଷାନଗର ଥାନା ଅଧୀନରେ ଥିବା ମୁକ୍ତାପଶି ଗ୍ରାମ ନିକଟରେ ଜାତୀୟ ରାଜପଥ ୪୯ ନଂ ଉପରେ ଅଜଣା ଗାଡି ଧକ୍କାରେ ୨ ଜଣ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଅଛି । ଖବର ନେବାରୁ ଜଣା ପଡିଅଛି ଯେ ପରଜଙ୍ଗ ବ୍ଲକର ପଥର ଖମ୍ବ ଗ୍ରାମର ଅଜିତ ନାଏକ(୨୨),ଅନିଲ ନାଏକ(୨୦) ଏବଂ ଶିବା ନାଏକ(୨୦) ଏକ ମୋଟର ସାଇକେଲ ଯୋଗେ କାମାକ୍ଷାନଗର ପାଖରୁ ପରଜଙ୍ଗ ଆଡକୁ ଆସି ମୁକ୍ତାପଶି ମେଡିକାଲ ଛକ ନିକଟରେ ବାମ ପାର୍ଶ୍ୱରୁ ଡାହାଣ ପାର୍ଶ୍ୱକୁ ନିଜ ଗ୍ରାମ ପଥରଖମ୍ବ କୁ ଯିବା ପାଇଁ ଯାଉଥିଲେ। ବିଳମ୍ବିତ ରାତ୍ରି ପ୍ରାୟ ଗୋଟାଏ ସମୟରେ କାମାକ୍ଷାନଗର ପାଖରୁ ପରଜଙ୍ଗ ଆଡ଼କୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ମୁହାଁମୁହିଁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇ ଯାଇଥିଲା ।

ଘଟଣା ସ୍ଥଳରେ ଅଜିତ ନାଏକ ଓ ଅନିଲ ନାଏକଙ୍କ ମୃତ୍ୟୁ ଘଟିଥିବା ବେଳେ ଶିବା ନାଏକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ବଜାର ଲୋକ ଆମ୍ବୁଲାନସ୍‌କୁ ଖବର କରିବା ସହ କାମାକ୍ଷାନଗର ପୋଲିସକୁ ଜଣାଇଥିଲେ । ଘଟଣା ସ୍ଥଳରେ କାମାକ୍ଷାନଗର ପୋଲିସ ପହଞ୍ଚିତଦନ୍ତ କରିବା ସହ ଆହତ ଶିବା ନାଏକଙ୍କୁ ଚିକିତ୍ସା ନିମନ୍ତେ କଟକ ପଠାଇଛନ୍ତି । ଅଜଣା ଗାଡି ଧକ୍କାରେ ୨ ମୃତ,ଜଣେ ଗୁରୁତର । ଏ ସମ୍ବନ୍ଧେ ଏକ କେଶ୍ ରୁଜୁ କରାଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇଥିବା ଗାଡ଼ିଟିର କୌଣସି ସନ୍ଧାନ ମିଳିନାହିଁ ତଦନ୍ତ ଜାରି ରହିଅଛି ।

ଘଣ୍ଟପଡ଼ାରେ ୧୮ ମଣ୍ଡପରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମରେ ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ୬୬ତମ ପୂଜା ମହୋତ୍ସବ। ଗ୍ରାମର ୧୮ଟି ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିବା ବେଳେ ସମଗ୍ର ଗ୍ରାମ ଭକ୍ତିମୟ ପରିବେଶରେ ଉତ୍ସବ ମୁଖର ହୋଇଉଠିଛି । ଗ୍ରାମର ସ୍କୁଲ ସାହି, ବର ସାହି, ବାଲି ସାହି, ଶବର ସାହି, ମଣ୍ଡପ ସାହି, ତିଅର ସାହି, ବଉଳ ଛକ, ମହାନ୍ତି ସାହି, ସାମନ୍ତ ସାହିର ଦୁଇଟି, ମହାପାତ୍ର ସାହି, ମଣ୍ଡପ ସାହି ବଡ଼ ସାହିର ତିନୋଟି ମଣ୍ଡପ, ନାକଟି ସାହି, ଭାଗବତ ସାହି, ଗୋଛାୟତ ସାହି ଓ ଢାବା ମାର୍କେଟ ଆଦି ସ୍ଥାନରେ ଗ୍ରାମର ଥିବା ବିଭିନ୍ନ ପୋଖରୀରୁ ଜଳ କଳସ ଆଣି ମା'ଙ୍କ ପୂଜା ଆୟୋଜିତ ହେଉଛି । ପ୍ରତ୍ୟେକ ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜାଯାଇଛି । ନିଜ ନିଜ ସାହିର ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ମଧ୍ୟରେ ଏକ ପ୍ରକାର ସୁସ୍ଥ ପ୍ରତିଯୋଗିତା ଦେଖିବାକୁ ମିଳୁଛି ।

ଦଶଦିନ ଧରି ଚାଲିଥିବା ଏହି ପୂଜା ମହୋତ୍ସବରେ ମା' ଲକ୍ଷ୍ମୀଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ନିକଟରେ କାକରା ପିଠା, କ୍ଷୀରି, ଜିଲାପି, ଆରିସା ପିଠା ଓ ଅନ୍ନପ୍ରସାଦ ଭୋଗ ଲାଗି କରାଯାଉଛି । ପରେ ଏହି ପ୍ରସାଦ ଭକ୍ତମାନଙ୍କୁ ବଣ୍ଟନ କରାଯାଉଛି । ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ପୂଜା ମଣ୍ଡପ ସମ୍ମୁଖରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଥିବାରୁ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ମା' ଲକ୍ଷ୍ମୀଙ୍କ ଆରାଧନା, ଆଲୋକସଜ୍ଜା ଓ ପାରମ୍ପରିକ ଭୋଗରାଗରେ ଘଣ୍ଟପଡ଼ା ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି ।

ଦିୱାଲୀ ଓ ଧନତେରେସ ଉପଲକ୍ଷେ ମାଲାବାର ଜୁଏଲାରୀ ପକ୍ଷରୁ ସ୍ୱତନ୍ତ୍ର ସମ୍ଭାର



ଅନୁଗୋଳ, (ସବ୍ୟୁ) : ଅଗ୍ରଣୀ ଗହଣା ସୋ 'ରୁମ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଧନତେରସ ଓ ଦିୱାଲୀ ଉପଲକ୍ଷେ ଅଫର ଜାରି କରାଯାଇଛି । ଅନୁଗୋଳ ଜିଲ୍ଲା। ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇ ମୁଖ୍ୟ ଅତିଥି ଭାବେ ଏହି ଅଫରର ଶୁଭାରମ୍ଭ କରିଥିଲେ । ଏ ଅବସରରେ ମନହାରି, ଚିତ୍ରାଙ୍ଗି, ଯୁଲ ଆଦି ଫେଷ୍ଟିଭ କଲେକ୍ସନର ଗହଣା ପ୍ରଦର୍ଶିତ ହୋଇଥିଲା ।

ପୂଜା ଅବସରରେ ମାଲାବାର ପକ୍ଷରୁ ସୁନା ଗହଣା, ହୀରା ଗହଣାର , ରୁପା ଗହଣା ଏବଂ ମୂଲ୍ୟବାନ ଜେମ ଷ୍ଟୋନ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ରହିଥିବା ସୋ ରୁମ ପକ୍ଷରୁ ଘୋଷଣା କରାଯାଇଛି ।

ସେହିଭଳି ଧନତେରସ ପାଇଁ ଗହଣା ଅଗ୍ରୀମ ବୁକିଂର ମଧ ସୁବିଧା ରହିଛି । ଗ୍ରାହକ ମାନେ ଏହାର ନେବା ପାଇଁ ସୋ'ରୁମ ପକ୍ଷରୁ କୁହାଯାଇଛ । ମାଲାବାରର ଅଧ୍ୟକ୍ଷ ଏମ.ପି ଅହମଦ କହିଛନ୍ତି କି ମାଲାବାରର ଗହଣା ଶତ ପ୍ରତିଶତ ଶୁଦ୍ଧ ଓ ଏହାର ଗଢ଼ଣ ଶୈଳୀ ବେଶ ଆକର୍ଷଣୀୟ ଯାହା ସବୁ ବର୍ଗର ଗ୍ରାହକ ମାନଙ୍କୁ ଆକର୍ଷିତ କରିବ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୋ 'ରୁମର ମ୍ୟାନେଜର ଯୁନୁସ ଘାନୀ, ମାର୍କେଟିଙ୍ଗ ବିଭାଗର ମୁଖ୍ୟ ଦେବୀ ପ୍ରସାଦ ରାମ, ମଡେଲ ଗଣ, ଗ୍ରାହକ ଓ ଷ୍ଟୋରର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

କୁଣ୍ଢେଇବିରାଙ୍କ ତୃତୀୟ ବିଶ୍ୱ ଶାନ୍ତି ମହାଯଜ୍ଞ

ପାଲଲହଡା, (ସବ୍ୟୁ) : ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପାଲଲହଡାର ଅଧିଷ୍ଠାତ୍ରୀ ଗ୍ରାମାଦେବୀ ମାଆ କୁଣ୍ଢେଇବିରାଙ୍କର ତୃତୀୟ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞ ୨ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି । ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ମାଆଙ୍କ ପୂଜା ପାଇଁ ଏକ ବିରାଟ କଳସ ଯାତ୍ରାର ଆୟୋଜନ କରାଯାଇଥିଲା । ମାକୁଣ୍ଢେଇବୀରା ଉନ୍ନୟନ ପରିଷଦ ପକ୍ଷରୁ ପ୍ରତିବର୍ଷଭଳି ଚଳିତ ବର୍ଷ ମଧ ଦୁଇଦିନ ଧରି କୁମାର ପୁର୍ଣିମା ଉତ୍ସ ପାଳନ କରାଯିବା ସହିତ ପ୍ରାୟ ଦଶ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା ।

ଏକ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ମାଙ୍କ ଘଟ ସହର ପରିକ୍ରମା କରଥିଲା ।ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କ ମନ୍ଦିର ଆସି ପୂଜାର୍ଚ୍ଚନା କରିବା ସହିତ କୃପା ଲାଭ କରି ଥିଲେ । କାକଟପୁର ମାଆ ମଙ୍ଗଳାଙ୍କ ମନ୍ଦିରର ଅଭିଜ୍ଞ ବରିଷ୍ଠ ପଣ୍ଡିତ ମାନଙ୍କ ମନ୍ତ୍ରରେ ସମଗ୍ର ସହର ମାଆଙ୍କ ମନ୍ତ୍ରରେ ପ୍ରକମ୍ପିତ ହୋଇ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଯାଇଥିଲା । ବିଶ୍ୱ ଶାନ୍ତି ମହାଯଜ୍ଞରେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ପ୍ରାକ୍ତନ ବିଧାୟକ ମୁକେଶ କୁମାର ପାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଆଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିବାସହିତ ପାଲଲହଡାବାସୀଙ୍କ ମଙ୍ଗଳ କାମନା କରିଥିଲେ। ପାଲଲହଡା ଯୁବରାଜ ଓ ଯୁବାରାଣୀ ଯଜ୍ଞରେ ଯଥାକ୍ରମେ କର୍ତ୍ତା ଓ କର୍ତ୍ତୀ ଆକାରରେ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ମାଆ କୁଣ୍ଢେଇବିରା ଉନ୍ନୟନ ପରିଷଦର ସମସ୍ତ କର୍ମକର୍ତା ଏଥିରେ ସହଯୋଗ କରିଥିଲେ ।

ପାଲଲହଡା କପ : ସମ୍ବଲପୁରକୁ ହରାଇ ସେମିରେ ସୁନ୍ଦରଗଡ଼

ପାଲଲହଡା, (ସବ୍ୟୁ) : ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସ୍ଥାନୀୟ ଷ୍ଟାଡିଅମ ପରିସରରେ ଆଜିଠାରୁ ସମ୍ମାନଜନକ ପାଲଲହଡା କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଆଜିର ଏହି ଉଦଘାଟନୀ ମ୍ୟାଚରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଏଂ ସୁନ୍ଦରଗଡ଼ ବାଗେବ୍ରଦର୍ଶ ଏଫ ସି ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଖେଳ ସଂଘର୍ଷପୂର୍ଣ ଥିଲାବେଳେ ସୁନ୍ଦରଗଡ଼ ଏଫସି ଦଳ ଦୁଇ ଶୂନ ଗୋଲରେ ସମ୍ବଲପୁର ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରି ସିଧାସଳଖ ପ୍ରଥମ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି । ସୁନ୍ଦରଗଡ଼ର ଆର ଏନ ଟୀଗା ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଜିର ଅତିଥି ସ୍ଥାନୀୟ ପୋଲିସ ଉପଖଣ୍ଡ ଅଧିକାରୀ କୈଳାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରେନ୍ଦ୍ର କୁମାର ଦାଶ, ଅନଗୁଳ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ଢେଙ୍କାନାଳ ସଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଜେପିର ପ୍ରାକ୍ତନ ମଣ୍ଡଳ ସଭାପତି ପଞ୍ଚାନନ ସାହୁ. ପ୍ରମୁଖ ଯୋଗ ଦେଇ ଥିଲେ । ଆଜିର ଖେଳକୁ ରାଜ୍ୟ ସ୍ତରୀୟ ଅମ୍ପୟାର ଶିବ ଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ସଲିଲ ବେହେରା ଖେଳ ପରି ଚାଳନା କରି ଥିଲେ ।

କାଠବୋଝେଇ ଭ୍ୟାନ ଜବତ : ୨ ଫେରାର



ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜ ତଥା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ-ଭାଲିଆଡିହା ରାସ୍ତାର ମଶିଣାଶୋଳ ଠାରେ ଚଢ଼ାଉକରି ଚୋରା କାଠବୋଝେଇ ପିକଅପ ଭ୍ୟାନ ଜବତ କରିବାରେ ବେତନଟୀ ବନବିଭାଗ ସଫଳ ହୋଇଛି। ସୂଚନା ମୁତାବକ ମଶିଣାଶୋଳ- କେନ୍ଦୁଛାଟିଆ ରାସ୍ତାପାର୍ଶ୍ୱରୁ ବେଆଇନ ଭାବରେ ମୂଲ୍ୟବାନ ଶାଳଗଛ ଗୁଡିକୁ କାଟି ଚୋରା ଚାଲାଣ କରାଯାଉଥିବା ଖବରପାଇ ବେତନଟୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତିଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ବନରକ୍ଷୀ ସନ୍ତୋଷ କୁମାର ନାଏକ, ପାରା ବନକର୍ମଚାରୀ ଏବଂ ଗଜସାଥୀ ପ୍ରମୁଖ ସଦଳବଳେ ମସିଣାଶୋଳ ଠାରେ ଚଢ଼ାଉକରି କରିଥିଲେ। ବନବିଭାଗର ଟିମକୁ ଦେଖି ପିକଅପ ଚାଳକ ଓ କାଠମାଫିଆମାନେ ଜଙ୍ଗଲ ଭିତରେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ କାଳୀମନ୍ଦିର ସାହି ୱାର୍ଡନଂ ୧୦ ଅଞ୍ଚଳର ବଳରାମ ସାହୁଙ୍କ ପୁଅ ସୋମନାଥ ସାହୁଙ୍କ ନାମରେ ପଞ୍ଜିକୃତ ଓଆର-୧୧ସି-୦୦୨୯ ନମ୍ବର ବିଶିଷ୍ଟ ଚୋରା ଶାଳକାଠ ପିକଅପ ଭ୍ୟାନକୁ ଜବତ କରି କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡ଼କୁ ଅଣାଯାଇଛି। ଜବତ ପିକଅପ ଭ୍ୟାନରେ ବିଭିନ୍ନ ମୋଟେଇର ୧୮ ଖଣ୍ଡ କାଠଗଣ୍ଡି ଥିବାବେଳେ ଏହାର ପରିମାଣ ୭୪.୭୦ ସିଫ୍ଟ ରହିଛି। ଯାହାର ଆନୁମାନିକ ବଜାରମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି।

ଆଦିବାସୀ ମହିଳା ଠକେଇର ଶିକାର : ସାଂସଦଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ

ନୀଳଗିରି,(ସବ୍ୟୁ):ଟିପଚିହ୍ନ ନେଲୋ।ସର୍ଭରଡାଉନ୍ କହି ୨ଜଣ ହିତାଧିକାରୀଙ୍କୁ ପରେ ଆସି ଟଙ୍କା ଉଠାଣ କରିବାକୁ କହି ଫେରାଇ ଦେଇଥିଲେ ନରଣପୁର କିଓସ୍କ ବ୍ୟାଙ୍କର ଶାଖାପରିଚାଳିକା। ପରବର୍ତ୍ତୀ ସମୟରେ ଟଙ୍କା ଉଠାଣକରିବାକୁ ଆସି ଉକ୍ତ ଦୁଇଜଣ ଆଦିବାସୀ ମହିଳା ହିତାଧିକାରୀ ସେମାନଙ୍କର ଏକାଉଣ୍ଟରେ ଟଙ୍କା ନଥିବା ଦେଖି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ନରଣପୁର ଗ୍ରାମରେ। ତେବେ ସଂପୃକ୍ତ ଆଦିବାସୀ ମହିଳା ସାଂସଦଙ୍କ ଠାରେ ଫେରାଦ ହେବାପରେ ହରଡଘଣାରେ ପଡ଼ିଛନ୍ତି ଶାଖାପରିଚାଳିକା। ନରଣପୁର ଗ୍ରାମର ମିନତି ସାହୁଙ୍କ ନାମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ କିଓସ୍କଶାଖା ରହିଥିବା ବେଳେ ଉକ୍ତ ଅଞ୍ଚଳର ଶହଶହ ହିତାଧିକାରୀ ଏହି ଶାଖାରେ ଟଙ୍କା ନେଣଦେଣ କରିଥାନ୍ତି। ସଂପୃକ୍ତ ଶାଖାପରିଚାଳିକା ମିନତୀ ସାହୁ ସୁଲଭ ଖାଉଟି ଦୋକାନ (ରିଟଲାର), ସିଆରପି, କିଓସ୍କ ବ୍ୟାଙ୍କ ଭଳି ସରକାରଙ୍କ ଏକାଧିକ ଜନକଲ୍ୟାଣକାରୀ ଯୋଜନାର ଫାଇଦାନେଇ ଲୋକଙ୍କୁ ଠକିବାର ନଜିର ରହିଥିବା ବେଳେ ଏବେ ଏହିଦୁଇଜଣ ଗରୀବ ଆଦିବାସୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପକରିଥିବା ଅଭିଯୋଗପାଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ପରେ ବରହମପୁର ପୋଲିସ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡିଛି। ସୂଚନା ମୁତାବକ ନରଣପୁର ପଞ୍ଚାୟତ ଡାହିସାହି ଗ୍ରାମର ବିଧବାମହିଳା ଗୌରୀ ମାଝୀ ସୁଭଦ୍ରା ଯୋଜନାରେ ୫ହଜାର ପାଇଥିବା ବେଳେ ଗତ ସେପ୍ଟେମ୍ବର ୧୧ତାରିଖରେ ଟଙ୍କା ଉଠାଣପାଇଁ ଯାଇ ଟିପଚିହ୍ନ ଦେଇଥିଲେ ହେଁ ସର୍ଭର ଡାଉନ୍ ଥିବାକହି ମିନତୀ ସାହୁ ଫେରାଇ ଦେଇଥିଲେ। ମାତ୍ର ସଂପୃକ୍ତ ମହିଳା ଗୌରୀ ମାଝୀ ଅପାଠୁଆ ଥିବାରୁ ତାଙ୍କ ଝିଅ ଘରକୁ ଫେରିବାପରେ ଅକ୍ଟୋବର ୧୦ତାରିଖ ଆକାଉଣ୍ଟ ବହି ଅପଡେଟ୍ କଲାପରେ ଆକାଉଣ୍ଟ ଖାଲିଥିବା ଜାଣିବାକୁ ପାଇଥିଲେ।ପରବର୍ତ୍ତୀ ସମୟରେ ସଂପୃକ୍ତ ପରିଚାଳିକାଙ୍କୁ ପଚାରିବାରୁ ତମେ ଟଙ୍କା ଉଠାଇନେଇଛ କହି ପରିଚାଳିକା ଏବଂ ତାଙ୍କ ସ୍ୱାମୀ ଗଜେନ୍ଦ୍ର ସାହୁ ମିଶି ପାଲଟା ଗାଳିଗୁଲଜ କରିବାସହିତ ମାରଧର କରିବାକୁ ଗୋଡାଇଥିଲେ। ଅନୁରୂପ ଭାବେ ଉକ୍ତ ଗ୍ରାମର ସୀତା ଟୁଡୁ ନାମ୍ନୀ ମହିଳା ଉକ୍ତ ଶାଖାରେ ଅକ୍ଟୋବର ୧୫ତାରିଖରେ ୨୮ହଜାର ଟଙ୍କା ଜମା କରିଥିଲେ। ଏବଂ ଜମାଟଙ୍କାର ରସିଦ ମଧ ପାଇଥିଲେ। ପରେ ଟଙ୍କା ଆବଶ୍ୟକ ହେବାରୁ ଅକ୍ଟୋବର ୨୦ତାରିଖରେ ୫ହଜାର ଟଙ୍କା ଉଠାଣକରି ଜମାଖାତାରେ କେତେ ଟଙ୍କା ରହିଲାବୋଲି ଜାଣିବାକୁ ଚାହିଁବାରୁ ୪ହଜାର ୮ଶହ ୭୮ଟଙ୍କା ଜମାରହିଥିବା ପରିଚାଳିକା କହିଥିଲେ। ପରବର୍ତ୍ତୀ ସମୟରେ ପରିଚାଳିକା ମିନତୀକୁ କାହିଁକି ଟଙ୍କା ଜମାହୋଇନାହିଁ ପଚାରିଥିଲେ। ଭୁଲରେ ଜମା ହୋଇନଥିବା କହି ୨୨ତାରିଖରେ ୨୦ହଜାର ଟଙ୍କା ଡିପୋଜିଟ୍ କରିଦେଇଥିଲେ। ତେବେ ସନ୍ଦେହ ହେବାରୁ ଆକାଉଣ୍ଟ ଅପଡେଟ୍ କରିବା ପରେ ୨୮ହଜାର ବଦଳରେ ୨୦ହଜାର ଜମା ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ହେରଫେର ହୋଇଥିବା ନେଇ ଗତ ୨୩ତାରିଖ ଉଭୟ ପୀଡ଼ିତା ମହିଳା ବରହମପୁର ଥାନାରେ ଅଭିଯୋଗ କରିବାସହିତ ବରହମପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖାପରିଚାଳକଙ୍କୁ ଅବଗତ କରିଥିଲେ। ମାତ୍ର ଉଭୟ ବ୍ୟାଙ୍କଶାଖା ପରିଚାଳକ ଏବଂ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇନଥିବାରୁ ବାଧହୋଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତୁରନ୍ତ ସାଂସଦ ସଂପୃକ୍ତ ବିଭାଗୀୟ ଅଧିକାରୀ, ପୋଲିସ ଅଧୀକ୍ଷକ, ବ୍ୟାଙ୍କ ଅଧିକାରୀ , ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଅବଗତକରି ଗରୀବ ଅସହାୟ ଆଦିବାସୀ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ବଜାରରେ ପ୍ରବେଶ କଲା ହୁଣ୍ଡାଇ କମ୍ପାନୀର ବାୟୋନ୍

ବାଲେଶ୍ୱର,(ସବ୍ୟୁ):ହୁଣ୍ଡାଇ କମ୍ପାନୀର ହୁଣ୍ଡାଇ ବାୟୋନ୍ ଏକ ନୂଆ ମଡେଲର ଅତ୍ୟାଧୁନିକ କାର୍ ଆଜି ବାଲେଶ୍ୱର ବଜାରରେ ପ୍ରବେଶ କରିଛି । ଏହି ଉପଲକ୍ଷେ ବାମପଦା ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପ୍ରିମିୟର ହୁଣ୍ଡାଇ ସୋରୁମ୍ ପରିସରରେ ଆୟୋଜିତ ଉତ୍ସବରେ ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପରେଶ କୁମାର ରାଉତ ଆନୁଷ୍ଠାନିକ ଭାବରେ ଏହାର ଶୁଭାରମ୍ଭ କରିଥିଲେ । ଏହାର ପ୍ରାରମ୍ଭିକ ମୂଲ୍ୟ ୯ଲକ୍ଷ ୯୯ ହଜାର ୯ଶହ ରଖାଯାଇଛି । ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ଦୈନନ୍ଦିନ ବହୁମୁଖୀ ବ୍ୟବହାରର ଏକ ସହଜ ସମନ୍ୱୟ ଚାହୁଁଥିବା ଆଧୁନିକ ଗ୍ରାହକମାନଙ୍କ ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ହୁଣ୍ଡାଇ ବାୟୋନ ଏକ ସ୍ମାର୍ଟ ଗତିଶୀଳତାର ଅନୁଭୂତି ପ୍ରଦାନ କରିବା ପାଇଁ ଭବିଷ୍ୟତରେ ଗମନାଗମନ, ଉନ୍ନତ ସୁରକ୍ଷା ପ୍ରଣାଳୀ, ଆରାମ ଦାୟକ ଏବଂ ଶକ୍ତିଶାଳୀ କାର୍ଯ୍ୟକ୍ଷମତାକୁ ଏକାଠି କରିଥାଏ ବୋଲି ପ୍ରିମିୟର ହୁଣ୍ଡାଇର ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ । ବାୟୋନ୍ କେବଳ ଏକ ନୂଆ ଏସୟୁଭି ନୁହେଁ ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୃଜନଶୀଳତା, ଉନ୍ନତ ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ଏବଂ ଆଧୁନିକ ଡିଜାଇନ୍‌କୁ ଏପରିଭାବରେ ଏକାଠି ଆଣିଛି ଯାହା ଜୀବନକୁ ଆହୁରି ସହଜ କରିବ ବୋଲି ସେ କହିଥିଲେ । ପ୍ରିମିୟର ହୁଣ୍ଡାଇର ନିର୍ଦ୍ଦେଶକ ଅଙ୍କିତ ପୋଦାର ମଧ୍ୟ ଯୋଗଦେଇ ବାୟୋନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଂଚଳିକ ପ୍ରବନ୍ଧକ ମଧୁସୂଦନ ଦତ୍ତ, ଓଡ଼ିଶା ପ୍ଲାଷ୍ଟିକର ସିଇଓ ପି.କେ. ଡ଼ାଭେ, ୟୁକୋ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସତ୍ୟ କର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରିମିୟର ହୁଣ୍ଡାଇର କୁମୁନ୍ଦ ରଂଜନ ପତି (ଜିଏମ୍ ସେଲ୍ସ) ,ଚିତ୍ତରଂଜନ ପଣ୍ଡା (ଜିଏମ୍ ଆଣ୍ଡମିନ୍) ,ସଂଜୟ କୁମାର ବାରିକ (ସେଲ୍ସ ମେନେଜର), ସୁଶ୍ରୀ ଦିପ୍ତୀମୟୀ ବାରିକ, ସୁଶ୍ରୀ ଅସିମା ଘୋଷ, ଭରତ ରଂଜନ ସାହୁ, ଆକାଶ ଦାସମହାପାତ୍ର (ସର୍ଭିସ ମେନେଜର) ଏବଂ ପ୍ରିମିୟର ହୁଣ୍ଡାଇ ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ସନ୍ଦେହ ଘେରରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଶୁଣ୍ଡିରା ପଞ୍ଚାୟତ ଅଧୀନ ଚାନ୍ଦଗୋଛି ଗ୍ରାମର ପ୍ରଭାତୀ ଖଟୁଆ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ବାପଘର ପକ୍ଷରୁ ପ୍ରଭାତୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରାଯିବା ପରେ ଖଇରା ପୋଲିସ ତଦନ୍ତ ଆରମ୍ଭ କରିଛି । ଅନ୍ୟୁନ ୬ବର୍ଷ ତଳେ ଚାନ୍ଦଗୋଛି ଗ୍ରାମର ଉଦୟ ଖଟୁଆଙ୍କ ପୁଅ ହିମାଂଶୁର ବାହାଘର ନୁଆସାହି ଗ୍ରାମର ଜୟଦେବ ବେହେରାଙ୍କ ଝିଅ ପ୍ରଭାତୀ ସହ ହୋଇଥିଲା ।

ମିଳିତ ଚଢ଼ାଉ, ମଦ ଜବତ

ଠାକୁରମୁଣ୍ଡା, (ସବ୍ୟୁ):ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସୁନାରୀପୋଷି ଠାରେ ଆଜି ଅବକାରୀ ଓ ପୋଲିସର ମିଳିତ ଚଢ଼ାଉ କରାଯାଇଛି।କରଞ୍ଜିଆ ରେଞ୍ଜ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଷ୍ଟାଫ, ଯଶିପୁର ଅବକାରୀ ଷ୍ଟାଫ, ଠାକୁରମୁଣ୍ଡା ପୋଲିସ ଷ୍ଟାଫ ଓ ଠାକୁରମୁଣ୍ଡା ଅବକାରୀ ଷ୍ଟାଫଙ୍କ ମିଳିତ ଉଦ୍ୟମରେ ଏହି ଚଢ଼ାଉ ହୋଇଥିଲା।ଏହି ଚଢ଼ଉରେ ମୋଟ ୧୫୦ ଲିଟର ଦେଶୀ ମଦ ଏବଂ ୪୫୦୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି।ଏ ନେଇ କେସ ନଂ ୧୩୭/୨୦୨୬-୨୭ ରୁଜୁ କରାଯାଇଛି। ଏହି ଚଢ଼ଉରେ ଏସଆଇ ରଶ୍ମିରଂଜନ ନାୟକ,, ରଞ୍ଜନ କୁମାର ସାହୁ, ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାଏକ, ଫୁଲମଣୀ ନାଏକ, କନେଷ୍ଟବଳ ଚନ୍ଦ୍ରକାନ୍ତି ମୁହୁଲି, ସସ୍ମିତା ବେହେରା, ମକର ସର୍ଦ୍ଦାର, ସୀତା ମୁର୍ମୁ, ସୁଜ୍ଞାନ ଶେଖର ମହାକୁଡ଼, ଅଂଶୁମାନ ପରିଡା, ବିକାଶ କୁମାର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

ସମୟର ଚକ୍ର ଶାରଦୀୟ ସାରସ୍ୱତ ସାଂସ୍କୃତିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ) ମାସିକ ସମ୍ବାଦ ଭିତ୍ତିକ ପତ୍ରିକା 'ସମୟର ଚକ୍ର'ର ଶାରଦୀୟ ସାରସ୍ୱତ ସାଂସ୍କୃତିକ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଓ ସମ୍ପାଦିକା ସତ୍ୟଭାମା ଜେନାଙ୍କ ପରିଚାଳନାରେ ମଙ୍ଗଳବାର ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଅଭୟ ଦାସଙ୍କ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡଃ ପଙ୍କଜ କୁମାର ଜେନା ,ମୁଖ୍ୟ ବକ୍ତା ଭାବେ ଯୁବ ନେତା ସମାଜସେବୀ ବିକ୍ରମ ପଣ୍ଡା ,ବରେଣ୍ୟଭାବେ ଅତିଥି ଡ଼ ଘନଶ୍ୟାମ ବିଶ୍ୱାଳ କବି ବ୍ରଜେନ୍ଦ୍ର ନାଥ ଗିରି,ଯୁବ ନେତା ବିକାଶ ପାଢ଼ୀ ଅଧ୍ୟାପକ ଗୋରାଙ୍ଗ ପଣ୍ଡା ସମାଜସେବୀ ପ୍ରତିମା ପଣ୍ଡା ସମାଜସେବୀ ସତ୍ୟେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ସମ୍ପାଦକ ସର୍ବେଶ୍ୱର ଜେନା ଓ ସହଯୋଗୀ ସମ୍ପାଦିକା ସତ୍ୟଭାମା ଜେନାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଶାନ୍ତନୁ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବରିଷ୍ଠ ସାହିତ୍ୟିକ କବି ବ୍ରଜେନ୍ଦ୍ରନାଥ ଗିରି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ସାହିତ୍ୟ ପରିଷଦର ,ସମ୍ପାଦକ ଡଃ ରତ୍ନାକର ସିଂହ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମାଜସେବୀ ଶ୍ରୀକାନ୍ତ ମହାପାତ୍ର,କବି ଭରତ ଚନ୍ଦ୍ର ଦାସ,କବି ମଧୁସୂଦନ ଦାସ,କବି ଗଗନ ସେଠୀ,ଗଛ ମଣିଷ ରବିନ୍ଦ୍ର ବେହେରା ମନୋଜ କୁମାର ନାୟକ ପ୍ରବୀର କାମିଲା ସୁବ୍ରତା ମହାନ୍ତି ରତିକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ବାଲେଶ୍ୱର ଏହି ପତ୍ରିକା ଆଗାମୀ ଦିନରେ ଅଧିକ ସମ୍ପ୍ରସାରିତ ହେଉ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୪ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ ୧୦୦ପ୍ରତିଯୋଗୀ ନୃତ୍ୟ ସଙ୍ଗୀତ ପ୍ରତି ଯୋଗିତାରେ ଭାଗ ନେଇଥିଲେ ସେମାନଙ୍କ ମଧ୍ୟରୁ ୨୪ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ୨୨ଜଣ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଶେଷରେ ସମ୍ପାଦକ ସର୍ବେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ବେଆଇନ ବାଣ ଜବତ

ଆଗରପଡ଼ା,(ସବ୍ୟୁ):ଦୀପାବଳି ପୂର୍ବରୁ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ବହୁ ପରିମାଣରେ ବେଆଇନ ବାଣ ଜବତ୍ କରିଛନ୍ତି। ଏହି ସଂପର୍କରେ ଥାନା କେସ ନଂ ୨୩୩/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପୁରୁଷଣ୍ଡ ସ୍ଥିତ ଚାରିଘରିଆ ଗ୍ରାମର ଜନୈକ ଯୁବକଙ୍କ ଘରୁ ଏହି ବାଣ ଜବତ୍ ହୋଇଛି।

ଛେଳିକୁ ଗିଳି ଦେଲା ଅଜଗର

ଆନନ୍ଦପୁର,(ସବ୍ୟୁ) : ଆନନ୍ଦପୁର ବ୍ଲକ ବେଲବାହାଳି ନିକଟରେ ଛେଳିକୁ ଏକ ଅଜଗର ଗିଳି ଦେଇଥିବାପରିଏକ ଅଭାବନୀୟ ଦୃଶ୍ୟଦେଖିବବାକୁ ମିଳିଛି ।ବେଲବାହାଳି ଗ୍ରାମର ରଙ୍କନିଧି ବେହେରା ନିଜର ଛେଳି ଛାଡି ଗଛ ମୂଳେ ବିଶ୍ରାମ ନେଉଥିଲେ । ହଠାତ୍ ଛେଳିର ଚିତ୍କାର ଶୁଣି ପହଞ୍ଚିବାରୁ ଏକ ବିରାଟ ଅଜଗର ଗୋଟିଏ ଛେଳିକୁ ଅଧା ଗିଳି ଦେଇଥିବା ଦେଖିବାକୁ ପାଇଥିଲେ । ରଙ୍କନିଧି ଠେଙ୍ଗା ଆଣିବାକୁ ଯାଇ ନିକଟରେ ଥିବା ଲୋକଙ୍କୁ ଡାକିଥିଲେ । ତେବେ ଲୋକ ପହଞ୍ଚିବା ବେଳକୁ ଅଜଗର ଛେଳିକୁ ଛାଡି ନିକଟରେ ଥିବା ଛୋଟ ଜଙ୍ଗଲ ମଧ୍ୟକୁ ପଳାଇଥିଲା। କିଛି ସମୟ ମଧ୍ୟରେ ଛେଳିଟି ମରି ଯାଇଥିଲା ।

ବସ ଧକ୍କାରେ ସାଇକେଲ ଚାଳକ ମୃତ

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ଦାନ୍ତିଆମୁହାଁ ଛକର ୧୮ନଂ ଜାତୀୟରାଜପଥ ଉପରେ ଏକ ଦ୍ରୁତଗାମୀ ବସ ଧକ୍କାରେ ରାସ୍ତା ଅତିକ୍ରମ କରୁଥିବା ସାଇକେଲ ଆରୋହୀ ଜଣେ ଯୁବକଙ୍କର ସୋମବାର ସନ୍ଧ୍ୟାରେ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଦାନ୍ତିଆମୁହାଁ ଉପକଣ୍ଠ ନୁଆସାହି ଗ୍ରାମର ଜଗମୋହନ ସିଂଙ୍କ ପୁଅ ସୋମନାଥ ସିଂ(୩୫)। ସୋମନାଥ ସାଇକେଲ ଯୋଗେ ଦାନ୍ତିଆମୁହାଁ ଛକରେ ୧୮ନଂ ଜାତୀୟରାଜପଥ ଅତିକ୍ରମ କରୁଥିବା ସମୟରେ ଭୁବନେଶ୍ୱରରୁ ବାରିପଦା ଫେରୁଥିବା ଏକ ଘରୋଇ ବସ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ସୋମନାଥଙ୍କୁ ଉଦ୍ଧାର କରି ଏକ ଅଟୋଯୋଗେ ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଧକ୍କା ଦେଇଥିବା ବସକୁ ଜବତକରି ପୁଲିସ ତଦନ୍ତ ଆରମ୍ଭ କରିଛି ।

ପଥର ବୋଝେଇ ଡମ୍ଫର ଜବତ

ସୋର,(ସବ୍ୟୁ):ସୋର ଥାନା ବାଗୁଡ଼ି ଖାଦାନରେ ମଙ୍ଗଳବାର ସକାଳେ ଜିଲ୍ଲା ଖଣି ଅଧିକାରୀ ରୋହିତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ଏହି ସମୟରେ ମାଫିଆ ମାନେ ଖବର ପାଇ ଛତ୍ରଭଙ୍ଗ ଦେଇଥିବା ବେଳେ ଖାଦାନ ରାସ୍ତାରୁ ଓଡି ୦୧ ବିବି ୧୦୭୯ ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।ଏହି ଚଢ଼ାଉରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସସ୍ମିତ କୁମାର ମଣି ସାମିଲ ଥିଲେ।

ମହିଳାଙ୍କ ଆପତ୍ତିଜନକ ଫଟୋ ଭିଡିଓ ଭାଇରାଲ : ତଦନ୍ତ ଆରମ୍ଭ

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କ ସହିତ ବନ୍ଧୁତାସ୍ଥାପନ ପୂର୍ବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଆପତ୍ତିଜନକ ଫଟୋ, ଭିଡିଓ ସଂଗ୍ରହକରି ଭାଇରାଲ କରିବାର ଧମକ ଦେଇ ଆସୁଥିବା ବେଳେ ପରବର୍ତ୍ତି ସମୟରେ ଆପତ୍ତିଜନକ ଫଟୋ, ଭିଡିଓ ଭାଇରାଲ ହେବା ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ। ଏତଲାକାରିଣୀ ପୀଡ଼ିତାଙ୍କ ଅଭିଯୋଗ ମୁତାବକ ତାଙ୍କର ସ୍ୱାମୀ ବାହାରେ ରହି କାମ କରୁଥିବା ବେଳେ ୫-୬ମାସ ବ୍ୟବଧାନରେ ଘରକୁ ଆସିଥାଆନ୍ତି। ଇତିମଧ୍ୟରେ ସ୍ୱାମୀଙ୍କ ଅନୁପସ୍ଥିତିରେ ବେତନଟୀ ଉପକଣ୍ଠ ଭୋଗବାଟୀ ଅଞ୍ଚଳର ବାପୁ ଓରଫ ପ୍ରଦୀପ୍ତ ପଣ୍ଡା ତାଙ୍କ ଘରକୁ ଯିବା ଆସିବା କରୁଥିବା ବେଳେ ପୀଡ଼ିତାଙ୍କ ସହିତ ବନ୍ଧୁତା ସ୍ଥାପନ ପୂର୍ବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ମହିଳାଙ୍କର କିଛି ଆପତ୍ତିଜନକ ଫଟୋ ଏବଂ ଭିଡିଓ ମୋବାଇଲରେ ସଂଗ୍ରହକରି ରଖିନେଇଥିଲେ। କିଛି ବର୍ଷ ପୂର୍ବରୁ ପ୍ରଦୀପ୍ତ ପଣ୍ଡା ଓରଫ ବାପୁ ମହିଳାଙ୍କ ଘରକୁ ଯାଇଥିବା ସମୟରେ ସ୍ୱାମୀଙ୍କ ହାବୁଡ଼ରେ ପଡିଯିବାରୁ ସ୍କୁଟି ଛାଡି ଦୌଡ଼ି ପଳାଇଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି। ପରେ ମହିଳା ଜଣକ କଥାବାର୍ତ୍ତା ବନ୍ଦ କରିଦେଇଥିବା ବେଳେ ରାସ୍ତା ଘାଟରେ ଦେଖିଲେ ମୋବାଇଲରେ ଥିବା ଆପତ୍ତିଜନକ ଫଟୋ, ଭିଡିଓ ଭାଇରାଲ କରିବାର ଧମକ ଦେଇ ଆସୁଥିବା ନେଇ ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରଦୀପ୍ତ ପଣ୍ଡାଙ୍କ ସ୍ତ୍ରୀଙ୍କ ସହିତ ମଧ ପୀଡିତାଙ୍କ ସାନ ଭଉଣୀଙ୍କର କଥା କଟାକଟି ହୋଇଥିବା ବାବଦରେ ମଧ ଏତଲାରେ ଉଲ୍ଲେଖ କରାଯାଇଛି। ମାତ୍ର ୪-୫ଦିନ ପୂର୍ବରୁ ଫଟୋ, ଭିଡିଓ ଭାଇରାଲ ହୋଇଥିବାର ଶୁଣି ପୀଡ଼ିତାଙ୍କ ସ୍ୱାମୀ ବେତନଟୀ ବଜାରରେ ଥିବା ଏକ ଚା'ଦୋକାନକୁ ଯାଇ ସମ୍ପୃକ୍ତ ଦୋକାନୀଙ୍କୁ ପଚାରିଥିଲେ। ତେବେ ଉକ୍ତ ଆପତ୍ତିଜନକ ଭିଡିଓଟି ବାହାନଡ଼ା ଅଞ୍ଚଳର ଜନୈକ ଯୁବକ ତାଙ୍କୁ ଦେଇଥିବା ନେଇ ଚା'ଦୋକାନୀ ଜଣକ ପୀଡ଼ିତାଙ୍କ ସ୍ୱାମୀଙ୍କୁ କହିଥିଲେ। ଫଳରେ ଏନେଇ ପୀଡ଼ିତାଙ୍କ ଏତଲାମୂଳେ ବେତନଟୀ ପୁଲିସ ୪୧୮ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା ବିଜେଡି, କଂଗ୍ରେସ ଓ ସିପିଏମର ଜଳେଶ୍ୱର ୧୨ ଘଣ୍ଟିଆ ବନ୍ଦ ସମ୍ପୂର୍ଣ୍ଣ ସଫଳ

ଜଳେଶ୍ୱର,(ସବ୍ୟୁ):ଜଳେଶ୍ୱରରେ ନାବାଳିକା ଅପହରଣ, ଦୁଷ୍କର୍ମ ଓ ହତ୍ୟା ଘଟଣାର ନ୍ୟାୟ ଦାବିରେ ଆଜି ବିଜୁ ଜନତା ଦଳ, କଂଗ୍ରେସ ଓ ସିପିଏମ ଦଳ ପକ୍ଷରୁ ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ନାବାଳିକାକୁ ଦୁଷ୍କର୍ମ ଓ ଜଘନ୍ୟ ହତ୍ୟାକାଣ୍ଡର ପ୍ରତିବାଦ ଏବଂ ମୃତ ନାବାଳିକାକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ ପାଳନ କରାଯାଇଛି । କଂଗ୍ରେସ ପକ୍ଷରୁ ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହା ସହ ସିପିଏମ ମଧ୍ୟ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଇଛି । ବନ୍ଦ ଫଳରେ ଦୋକାନ,ଦୈନିକ ବଜାର, ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ, ଜୀବନବୀମା,ଡାକଘର, ଦୋକାନ,ବଜାର, ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ନାବାଳିକାକୁ ନ୍ୟାୟ ଦାବିରେ ବିଜେଡି ଓ କଂଗ୍ରେସ ଦଳ ମୃତ ନାବାଳିକା ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରାଯାଇଛି। ବିଜେଡ଼ି ଦଳ ପକ୍ଷରୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ନଗରପାଳ ପ୍ରଦୀପ କୁମାର ପ୍ରଧାନ, ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ,ଟାଉନ ସଭାପତି ସୁରଜିତ ଘୋଷ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭସ୍ମିତା ମାଝୀ, ସୁରଜ ଚୌରାସିଆ, ଆନନ୍ଦ କର, ବିଜୟ କାମିଲା,ଭରତ ଦତ୍ତ,କଂଗ୍ରେସ ଦଳର ସୁଦର୍ଶନ ଦାସ, ହେମନ୍ତ ଗିରି, ଜଗଦୀଶ ନନ୍ଦୀ, ସୌଭିକ ଜେନା, ସୁଦାମ ପାତ୍ର, ଗୋପାଳ କୃଷ୍ଣ ଜେନା, ସିପିଏମ ଦଳର ସୀତାଂଶୁ ସେନାପତି, ଦିଲ୍ଲୀପ ଗିରି, ରବୀନ୍ଦ୍ର ବାରିକ, ବସନ୍ତ ଦାସ, ଦିଲ୍ଲୀପ ପରିଡ଼ା, ସବିତା ଭୂୟାଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

କାଣୀ ନଦୀ ମୁହାଣ ବନ୍ଦ ଘଟଣା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଦୋବଲ,(ସବ୍ୟୁ) : କାଣୀ ନଦୀର ମୁହାଣରେ ପଥର ପ୍ୟାକିଂ କାର୍ଯ୍ୟକୁ ନେଇ ଧାମନଗର ଅଂଚଳରେ ଅସନ୍ତୋଷ ଜାରି ରହିଛି। ଏହାର ପ୍ରତିବାଦରେ ମଙ୍ଗଳବାର ଅଂଚଳବାସୀ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ପାଇଁ କାଣୀ ନଦୀର ମୁହାଣରେ ପଥର ପକାଇ ଜଳପ୍ରବାହକୁ ଅବରୋଧ କରାଯାଉଥିବାରୁ ଭଦ୍ରକ ଜିଲ୍ଲାର ଧାମନଗର ଓ ଚାନ୍ଦବାଲି ଅଂଚଳରେ ବନ୍ୟା ବିପଦ ବଢ଼ିବା ଆଶଙ୍କା ରହିବା ସହ କାଣୀ ନଦୀର ମୁହାଣକୁ ପୂର୍ବଭଳି ରଖିବା ଏବଂ ଚାଲୁରହିଥିବ ପଥର ପ୍ୟାକିଂ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ବନ୍ୟା ସମୟରେ କାଣୀ ନଦୀ ମଧଦେଇ ବୈତରଣୀର ଅତିରିକ୍ତ ଜଳ ନିଷ୍କାସନରେ ସହାୟକ ହେଉଥିବାରୁ ଏହାର ମୁହାଣରେ କୌଣସି ପରିବର୍ତ୍ତନ ହେଲେ ଧାମନଗର ଅଂଚଳର ଜନଜୀବନ ଓ ଚାଷ ବାସକୁ ପ୍ରଭାବିତ କରିପାରେ ବୋଲି ଅଂଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ଉଭୟ ଜିଲ୍ଲାର ବନ୍ୟା ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ସେମାନେ ନିବେଦନ କରିଛନ୍ତି। ଧାମନଗର ଗାନ୍ଧୀ ଜନ କଲ୍ୟାଣ ସମିତି ଆନୁକୂଲ୍ୟରେ ସଞ୍ଜୟ କୁମାର ମିଶ୍ର,ଅମୀୟ ମହାନ୍ତି,ପ୍ରଭାତ ପଣ୍ଡା,ରମଣୀ ରଞ୍ଜନ ଦାଶ,ମାନସ ମହାପାତ୍ର,ପ୍ରମୋଦ ସ୍ୱାଇଁ,ମହେଶ୍ୱର ରାଉତ,ସୁଶାନ୍ତ ପଣ୍ଡା,ଚିନ୍ତାମଣି ବାରିକ,ତାରିକ୍ ହୋସେନ,ଗୋଲାମ ବାବୁ,ସୁଧାଂଶୁ ନାୟକ,ଦିଲୀପ ବେହେରା,ରାକେଶ ଦାଶ,ସଉକତ ଅଲ୍ଲୀ,ଜିତେନ୍ଦ୍ର ସାମଲ,ରାଜେସ ବିଶ୍ୱାଳ,ପପୁ ବେହେରା,ଚନ୍ଦ୍ରମଣି ଖୁଣ୍ଟିଆ,ଧନେଶ୍ୱର ସେଠୀ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ।

ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଏକକାଳୀନ ଶପଥ ଗ୍ରହଣ



କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କନ୍ଫରେନ୍ସ ହଲ୍‌ରେ 'ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬' ଅବସରରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ସତର୍କତା ଆୟୋଗ ଙ୍କ ଦ୍ୱାରା ପ୍ରସାରିତ ସଚ୍ଚୋଟତା ଶପଥପତ୍ର ପାଠ କରାଇଥିଲେ। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ।ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସିଧାପ୍ରସାରଣ କରାଯାଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲ୍ଲା କଲେକ୍ଟରେଟ ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟଗୁଡ଼ିକୁ ସଂଯୋଗ କରାଯାଇଥିଲା, ଯାହା ଦ୍ୱାରା ସମସ୍ତ ପ୍ରଶାସନିକ ସ୍ତରର ଅଧିକାରୀ ଓ କର୍ମଚାରୀମାନେ ଏକକାଳୀନ ଏହି ସାଧୁତାର ଶପଥ ଗ୍ରହଣ କରିପାରିଥିଲେ

ଏକତା ନଗର ଅଭିମୁଖେ କେନ୍ଦୁଝରର ୪୫ ଜଣିଆ ପ୍ରତିନିଧି ଦଳ

କେନ୍ଦୁଝର, (ଜିପ୍ର/ସବ୍ୟୁ): ଆସନ୍ତା ୩୧ ଅକ୍ଟୋବରରେ ପାଳିତ ହେବାକୁ ଥିବା 'ରାଷ୍ଟ୍ରୀୟ ଏକତା ଦିବସ-୨୦୨୬' ଉତ୍ସବ ନିମନ୍ତେ ସୋମବାରଦିନ କେନ୍ଦୁଝର ଅଡିଟୋରିଅମରେରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ନେହାଶିଷ ସାହୁ ଯୋଗଦେଇ ପ୍ରତିନିଧି ଦଳକୁ ଶୁଭକାମନା ଜଣାଇବା ସହ ଯାତ୍ରାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସର ମୁଖ୍ୟ ବିଷୟବସ୍ତୁ ହେଉଛି 'ନକ୍ସଲବାଦର ଅନ୍ତ' (ନକ୍ସଲ-ମୁକ୍ତ ଭାରତ) ଏବଂ ଦେଶର ସଶସ୍ତ୍ର ବାହିନୀର ବିଜୟ ଗାଥା ପାଳନ କରିବା। ନକ୍ସଲ ପ୍ରଭାବିତ ଅଞ୍ଚଳର ଜନସାଧାରଣ ଏବେ ଶାନ୍ତି, ସ୍ୱାଧୀନତା ଓ ଗୌରବର ସହ ଦେଶର ମୁଖ୍ୟ ବିକାଶ ଧାରାରେ ଅଂଶଗ୍ରହଣ କରିପାରିବେ ।କେନ୍ଦୁଝର ଅଡିଟୋରିଅମରୁ ୨ ଟି ବିଶେଷ ବସ ଯୋଗେ ୪୫ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଗୁଜୁରାଟର ଏକତା ନଗର ଅଭିମୁଖେ ଯାତ୍ରା କରିବେ। ଗୁଜୁରାଟର ଏକତା ନଗରଠାରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।ଜିଲ୍ଲା ପ୍ରଶାସନ, କେନ୍ଦୁଝର ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ସମସ୍ତ ପ୍ରତିନିଧିଙ୍କୁ ଯାତ୍ରାର ଶୁଭକାମନା ଜଣାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

୫ ଶିଶୁ ଶ୍ରମିକ ଉଦ୍ଧାର

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢାଉ କରି ବିଭିନ୍ନ ଦୋକାନରୁ ୫ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ବାସୁଦେବପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ଓ ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ କୁମାର ସାମଲ ଏକ ଟିମ ମିଳିତ ଭାବେ ବାସୁଦେବପୁର ଓ ବେତଡାର ବିଭିନ୍ନ ଦୋକାନରେ କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଚଢାଉ କରି ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ଛଡାଯାଇଛି। ବାସୁଦେବପୁର ଓ ବେତଡା ଅଂଚଳର କାର୍ଯ୍ୟରତ ଶିଶୁ ଶ୍ରମିକ ଅନୁଷ୍ଠାନର ମାଲିକମାନଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି।

ଦୁଇ ଦିନରେ ଏକାଧିକ ସ୍ଥାନରୁ ଟ୍ରାନ୍ସଫର୍ମର ଚୋରି

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହେଉଥିବା ଯୋଗୁ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବୈଶିଙ୍ଗା ଥାନା ଅଧୀନରେ ଆନ୍ତଃଜିଲ୍ଲା ଅପରାଧୀମାନଙ୍କ ଦ୍ୱାରା ଦୁଇଟି ଭିନ୍ନ ଦିନରେ ଏକାଧିକ ସ୍ଥାନରୁ ଟ୍ରାନ୍ସଫର୍ମର ଚୋରି କରିନେଲେ ବୈଶିଙ୍ଗା ବିଦ୍ୟୁତ ବିଭାଗ ଅଧୀନରେ ଗତ କିଛି ଦିନ ମଧ୍ୟରେ ମହୁରୀ, ପଣସିଆ, ଦୁର୍ଗାପୁର, ପାଟଳିପୁରା ସହିତ ବୈଶିଙ୍ଗା ବଜାର ପାୱାର କାର୍ଯ୍ୟାଳୟ ଅଞ୍ଚଳରେ ଥିବା ଟାଟା ପରିସରରୁ ମଧ୍ୟରୁ ଟ୍ରାନ୍ସଫର୍ମର ଚୋରି ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତ୍ରିରେ ବେଲାଣପୁରା, ପଦ୍ମନାଭପୁର ଏବଂ ମୋହନପୁର ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଚୋରି କରି ନେଇଛନ୍ତି ଦୁର୍ବୃତ୍ତ । ଏ ନେଇ ବୈଶିଙ୍ଗା ଇଲେକ୍ଟ୍ରିକାଲ ଅଫିସର କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ କୁମାର ନାୟକ ତରଫରୁ ବୈଶିଙ୍ଗା ପୁଲିସ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତେବେ ଟ୍ରାନ୍ସଫର୍ମର ଭିତରେ ଥିବା ତମ୍ବା କଏଲର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗୀୟ କର୍ମଚାରୀଙ୍କ ଠାରୁ ପ୍ରକାଶ। ଏ ନେଇ ବୈଶିଙ୍ଗା ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଟ୍ରାନ୍ସଫର୍ମର ଚୋରି ଗ୍ୟାଙ୍ଗ ସକ୍ରିୟ ହେବା ପୁଲିସ ଏକ ପ୍ରକାରର ସୃଷ୍ଟି କରୁଥିବା ବେଳେ ବିଭାଗ ଏବଂ ଉପଭୋକ୍ତାଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

ଖଇରା ବ୍ଲକ୍‌ରେ ଚାଲିଛି ଗଜଲକ୍ଷ୍ମୀ ପୂଜା

ଖଇର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକରେ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଯାକଜମକରେ ଆରମ୍ଭ ହୋଇଛି । ଖଇରା ପଞ୍ଚାୟତ ଅଧୀନ ବିଷ୍ଣୁନପୁର ଗ୍ରାମର ମା ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜାକୁ ସୁନ୍ଦର ଓ ଆକର୍ଷଣୀୟ କରାଯିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୋମବାର ସଂଧ୍ୟାରେ ଆଧ୍ୟାତ୍ମିକ ପରିବେଶରେ ପ୍ରଥମେ ସନ୍ତୋଷ ସାହୁ,ପ୍ରଶାନ୍ତ ଜେନାଙ୍କ ଦ୍ୱାରା ଗ୍ରାମପୋଖରୀରୁ ପୂଜା ମଣ୍ଡପକୁ କଳସ ଅଣାଯାଇଥିଲା । ପଣ୍ଡିତ ବିରଞ୍ଚି ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ସହ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ମାନସ ପ୍ରଧାନ,କମଳେଶ ପ୍ରଧାନ,ବିରଞ୍ଚି ଦାସ,କୈଳାସ ଜେନା,ଅଜୟ ଜେନା,ବସନ୍ତ ପ୍ରଧାନ,ନରହରି ଗିରି ପ୍ରମୁଖ ସହଯୋଗ କରିଥିଲେ । ଏହାଛଡା ସାରୁଗାଁ ରେ ହରେକୃଷ୍ଣ ଦାଶ ଓ ଅଦ୍ୱୈତ୍ୟ ଦାଶ,ଖଇରା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଅନ୍ତର୍ଯ୍ୟାମୀ ପାତ୍ର ଓ ପ୍ରଶାନ୍ତ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ପାରମ୍ପରିକ ଅନୁଯାୟୀ ଆରମ୍ଭ ହୋଇଛି । ସେହିଭଳି ମାହାରାସାହି,ସମ୍ପେଇ, ତୋଟାପଡା,ବାରିଙ୍ଗିଆ, କିଶୋରନଗର,ପଡିରାଜପୁର ଇତ୍ୟାଦି ସ୍ଥାନରେ ମା ଲକ୍ଷ୍ମୀଙ୍କ ପୂଜା ଯଥାରିତିନୀତିରେ ପାଳନ କରାଯାଉଛି ।

ଯୋଡ଼ା ସହରରେ ହାତୀ ଆତଙ୍କ : ଭାଙ୍ଗିଲା ଘର



ଯୋଡ଼ା, (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ଗଜଲକ୍ଷ୍ମୀ ପୂଜାର ଉତ୍ସବମୁଖର ପରିବେଶ ମଧ୍ୟରେ ଏକ ଦନ୍ତାହାତୀର ପ୍ରବେଶକୁ ନେଇ ଆତଙ୍କ ଖେଳିଯାଇଥିଲା । ସୋମବାର ରାତି ପ୍ରାୟ ୧୦ଟା ସମୟରେ ଇଙ୍ଗାଣିଝରଣ ଜଙ୍ଗଲ ପଟୁ ଆସିଥିବା ଏକ ଗୋଡ଼ ଛଡା ଦନ୍ତାହାତୀ ଯୋଡ଼ା ପୌରାଞ୍ଚଳର ୬ ନମ୍ବର ୱାର୍ଡ ଅନ୍ତର୍ଗତ ବାରୁ ହଟିଂ ବସ୍ତିରେ ପଶି ଦୁଇଟି ଘର ଭାଙ୍ଗିଦେଇଥିଲା । ଏହାପରେ ହାତୀଟି ସହର ଆଡ଼କୁ ଅଗ୍ରସର ହେବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଇଙ୍ଗାଣିଝରଣ ଜଙ୍ଗଲରୁ ଜନବସତି ମଧ୍ୟକୁ ପଶି ଆସିଥିବା ହାତୀଟି ବାରୁ ହଟିଂ ବସ୍ତିରେ ପ୍ରଫୁଲ୍ଲ ନାଏକ ଓ ପିତାମ୍ବର ଲୋହାରଙ୍କ ଘର ଭାଙ୍ଗିଦେଇଥିଲା । ରାତି ସମୟରେ ହାତୀଟି ବସ୍ତି ମଧ୍ୟରେ ଚଳପ୍ରଚଳ କରୁଥିବା ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ । ପୂଜା ପାଇଁ ସହରରେ ଲୋକଙ୍କ ଭିଡ଼ ରହିଥିବାରୁ ହାତୀର ଗତିବିଧିକୁ ନେଇ ଚିନ୍ତା ଆହୁରି ବଢ଼ିଥିଲା । ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗ ଓ ପୁଲିସ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ହାତୀଟିର ଗତିବିଧି ଉପରେ ନଜର ରଖିବା ସହ ତାକୁ ଜନବସତିରୁ ସୁରକ୍ଷିତ ଭାବେ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ମିଳିତ ଉଦ୍ୟମ କରାଯାଇଥିଲା । ବନ ବିଭାଗ ଓ ପୁଲିସର ଉଦ୍ୟମରେ ହାତୀଟିକୁ ଆଜାଦ ବସ୍ତି ଓ ଲକ୍ଷ୍ମୀ ପଡ଼ିଆ ଦେଇ ବନେଇକଳା ବସ୍ତି ଆଡ଼କୁ ଘଉଡ଼ାଇ ନିଆଯାଇଥିଲା । ପରେ ହାତୀଟିକୁ ରଣାଶାଳ ଘାଟି ଜଙ୍ଗଲ ଅଞ୍ଚଳକୁ ଫେରାଇ ନେବାରେ ସଫଳତା ମିଳିଥିଲା । ହାତୀଟି ଜଙ୍ଗଲକୁ ଫେରିଯିବା ପରେ ସହରବାସୀ ଆଶ୍ୱସ୍ତ ହୋଇଥିଲେ । ଅନ୍ୟପକ୍ଷରେ, ଗଜଲକ୍ଷ୍ମୀ ପୂଜା ସମୟରେ ଦନ୍ତାହାତୀର ସହର ମଧ୍ୟକୁ ପ୍ରବେଶ ଓ ଦୁଇଟି ଘର ଭାଙ୍ଗିବା ଘଟଣା ଜଙ୍ଗଲ ନିକଟବର୍ତ୍ତୀ ଜନବସତିରେ ମଣିଷ-ହାତୀ ସଂଘର୍ଷର ଆଶଙ୍କାକୁ ପୁଣି ଥରେ ସାମ୍ନାକୁ ଆଣିଛି । ଏଥିସହ ହାତୀର ଗତିବିଧି ସମ୍ପର୍କରେ ବନ ବିଭାଗକୁ ତୁରନ୍ତ ସୂଚନା ଦେବା ଦ୍ୱାରା ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବାରେ ସହାୟତା ମିଳିପାରିବ । ଗଜଲକ୍ଷ୍ମୀ ପୂଜା ଅବସରରେ ଏଭଳି ଘଟଣା ସହରବାସୀଙ୍କ ମଧ୍ୟରେ ସତର୍କତା ବଢ଼ାଇଥିବା ବେଳେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ଏବଂ ଜନବସତିରେ ଲୋକଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗର ନିୟମିତ ନଜରଦାରି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

ମଦ୍ରାସା ଫୈୟାନେ ଗରୀବ ନୱାଜ୍ ଠାରେ କୁଇଜ ପ୍ରତିଯୋଗିତା ସମାରୋହ



ଭଦ୍ରକ,(ସବ୍ୟୁ):ଭଦ୍ରକ ପୌରପାଳିକା ଅନ୍ତର୍ଗତ କନ୍ଧାବଣିଆ ଗ୍ରାମ ସ୍ଥିତ ମଦ୍ରାସା ଫୈୟାନେ ଗରୀବ ନୱାଯ ଆନୁକୂଲ୍ୟରେ ତିନିଗୋଟି ମଦରସାକୁ ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦାନ କରି ଭାଗ ନେଇଥିଲେ। ଉକ୍ତ କୁଇଜ ପ୍ରତିଯୋଗିତାରେ ସେଖ ଅବଦୁଲ ବାରୀଙ୍କ ସଭାପତିତ୍ୱରେ ମଦ୍ରାସା ଶିକ୍ଷକ ହାଫିଜ,କାରୀ ୱଲୀଉର ରହେମାନଙ୍କ କୋରାନ ପାଠରୁ ଆରମ୍ଭ ହୋଇଥିଲା। ହାଫିଜ,କାରୀ ସୈୟଦ ସାହିଲ ସାହେବ ଓ କାରୀ ଜାମି ହସନ ନାତ୍ ଶରୀଫ୍ ପଢ଼ି ସମସ୍ତଙ୍କୁ ମନମୁଗ୍ଧ କରିଥିଲେ। ହାଫିଜ ଓ କାରୀ ଶିକ୍ଷକ ସେଖ ଶାହା ମହମ୍ମଦ ଇସଲାମ ଧର୍ମରେ ଶିକ୍ଷାର ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ମଦ୍ରାସା ଫୈୟାନେ ଗରୀବ ନୱାଯ,ମଦ୍ରାସା ଫୈୟାନେ ଉମ୍ମୁଲ ୱରା,ମଦ୍ରାସା ଫୈୟାନେ ଅହଲେ ବୈତରେ ପଢୁଥିବା ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ବୟସ ଅନୁଯାୟୀ ୭ଟି ଗ୍ରୁପରେ ଭାଗ କରାଯାଇଥିଲା। ପ୍ରଥମ ଗ୍ରୁପରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମୋଜାହିଦ ଖାନ,ଦ୍ୱିତୀୟ ଗ୍ରୁପରୁ ସାଜିୟା କାଦରୀ ପ୍ରଥମ,ତୃତୀୟ ଗ୍ରୁପରୁ ମହମ୍ମଦ ସେଖ ମୋହସିନ ରଯା ପ୍ରଥମ,ଚତୁର୍ଥ ଗ୍ରୁପରୁ ଉମ୍ମୁଲ ଖୈର ଫାତିମା ପ୍ରଥମ,୫ମ ଗ୍ରୁପରୁ ଅମିରନ କାଦରୀ ପ୍ରଥମ,୬ଷ୍ଠ ଗ୍ରୁପରୁ ତାହେରା ଫାତିମା ପ୍ରଥମ,୭ମ ଗ୍ରୁପରୁ ସୋମୈୟା ଫାତିମା ପ୍ରଥମ ସ୍ଥାନ ଅଧିକାରୀ କରିଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ଦେବା ସହିତ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଭାବେ ଭଦ୍ରକ ମୁସଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ୍ ମୁକିତ୍ ଖାନ,ହାଜୀ କୟୁମ ଅଲୀ ଶାହା,'ସର୍କାର'ଖବରକାଗଜର ଭଦ୍ରକ ଜିଲ୍ଲା ପ୍ରତିନିଧି ଶେଖ ଅନୱର,ଘରୋଇ ଅମିନ ହାଜୀ ସେଖ ଅହେସାନଙ୍କ ଦ୍ୱାରା ସିଲ ଓ କପ୍ ଦିଆଯାଇଥିଲା। ଏହା ସହିତ ମଦ୍ରାସା ଫୈୟାନେ ଅହଲେ ବୈତର ଛାତ୍ରଛାତ୍ରୀ କୁରାନ୍ ଶରୀଫ୍ ପଢ଼ିବା ଆରମ୍ଭ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସଂଚାଳକ ଭାବେ ଶିକ୍ଷକ ସେଖ ଶବାବ କାଦରୀ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତା,ଅଭିଭାବକ ଓ ଅନ୍ୟ ଶ୍ରୋତାମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ମହମ୍ମଦ ଅବଦୁର ରହିମ,ଇସ୍ତାକ ଖାନ,ମୁସ୍ତାକ ଖାନ,ସେଖ ମୁନ୍ନା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

ସମ୍ପାଦକୀୟ

ସଂସ୍କୃତି ଓ ପରମ୍ପରାକୁ ଭୁଲିଗଲୁଣି ଆମେ

'ଭାରତବର୍ଷ ରାଜନୀତିକ ସ୍ୱାଧୀନତା ହାସଲ କରିବା ପର୍ଯ୍ୟନ୍ତ ସେହି ବୃହତ ପରମ୍ପରାର ପ୍ରେରଣା ଆମକୁ ସୁସ୍ଥ, ସଂହତ ଏବଂ ବଳିଷ୍ଠ ରଖିବାରେ ପ୍ରକୃତରେ ଅନେକ ଖାଦ୍ୟ ଯୋଗାଇ ଆସିଥିଲା । ରାଜନୀତିକ ପ୍ରେରଣା ମଧ୍ୟ ସେ ପର୍ଯ୍ୟନ୍ତ ସେହି ସମଗ୍ର ପ୍ରେରଣାଟିର ଅଙ୍ଗ ହୋଇ ରହିଥିଲା । ମାତ୍ର ରାଜନୀତିକ ସ୍ୱାଧୀନତା ଲାଭ କରିବା ପରେ କ୍ରମଶଃ ରାଜନୀତିଟା ଯେପରି ଆମ ସାମୂହିକ ଜୀବନ ଓ ସାମୂହିକ ଆଦାନପ୍ରଦାନର ସମୁଦାୟ ଆୟତନଟିକୁ ମାଡ଼ିବସିବାକୁ ଆରମ୍ଭ କଲା । ଆମ ଭିତରୁ ଅନେକ କ୍ରମେ, ନାନା ଅନୁରକ୍ତି ଏବଂ ଉତ୍ତେଜନାର ବଶବର୍ତ୍ତୀ ହୋଇ କ୍ଷୁଦ୍ର ପରମ୍ପରାଗୁଡ଼ାକୁ ହିଁ ସତେ ଅବା ବୃହତ ପରମ୍ପରା ବୋଲି ଜ୍ଞାନ କରିବାକୁ ଲାଗିଲେ, ସ୍ଥାନୀୟ ବା ପ୍ରାନ୍ତୀୟ ଘରମାନଙ୍କୁ ସତେ ଅବା ସ୍ୱୟଂସମ୍ପୂର୍ଣ୍ଣ ବୋଲି ଅନୁଭବ କଲେ । ତେଣୁ ସ୍ଥାନୀୟ ତଥା ଜାତୀୟ ଉଭୟ ପରିପ୍ରେକ୍ଷୀରେ ସଂହତିର ଅସଲ କେନ୍ଦ୍ରଟି ହାତଛଡ଼ା ହୋଇଯିବାକୁ ଲାଗିଲା ।' ('ସଂସ୍କୃତି ଓ ଅଞ୍ଚଳ' ଚିତ୍ତରଞ୍ଜନ ଦାସ, 'ଏଷଣା' ପ୍ରତିକାର ପୃଷ୍ଠା ୪୭) ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସଙ୍କ ଏକ ମନନଶୀଳ ପ୍ରବନ୍ଧରୁ ଏହାକୁ ଉଦ୍ଧାର କରିବାକୁ ହେଲା, କାରଣ ସ୍ୱାଧୀନତାର ଅଶୀ ବର୍ଷରେ ହିଁ ଆମର ନେତାମାନେ ଏବେ ନିଜ ପରମ୍ପରା ଓ ସଂସ୍କୃତିକୁ ପାଶୋରି ପକାଇ ନିଜସ୍ୱ ଢଙ୍ଗରେ ରାଜନୀତିକ ଦଳକୁ ଆଗେଇ ନେବାକୁ ଚାହୁଁଛନ୍ତି–ଉତ୍ତେଜନାବଶତଃ । ଦୁଃଖ ହୁଏ ଯେ ଯେଉଁ କଂଗ୍ରେସ ଏବେ ସବୁଠାରୁ ପୁରାତନ ଦଳ ଭାବେ ମର୍ଯ୍ୟାଦା ଲାଭ କରିଛି, ସେହି ଦଳର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡଗେ ନିଜ ଦେଶରେ ପରମ୍ପରାକୁ, ଦଳୀୟ ମର୍ଯ୍ୟାଦାକୁ ପଛରେ ପକାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାପାଙ୍କ ନାମ ନେଇ ଯେପରି ଉତ୍ତେଜନାବଶତଃ ଗାଳି ଦେଲେ ତାହା ଉଚିତ ନ ଥିଲା । ଜଣେ କେହି ଅନାମଧେୟ ଦର୍ଶକ କହି ପକାଇଲେ, ଆଗାମୀ ନିର୍ବାଚନରେ ମୋଦି ହିଁ ଆସିବେ, କେହି ତାଙ୍କୁ ଅଟକାଇ ପାରିବେନି ବୋଲି ସମ୍ଭବତଃ ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା । ମାତ୍ର ଶ୍ରୀ ଖାଡ୍‌ଗେ ସେଥିରେ ଉତ୍ତେଜିତ ହୋଇ ମୋଦିଙ୍କ ବାପାଙ୍କ କଥା କହିବା ଆବଶ୍ୟକ ନ ଥିଲା । 'ମୋଦିଙ୍କ ବାପା ବି ଆସିବେନି' ବୋଲି ସେ ହୁଏତ କହିଥିଲେ । ମାତ୍ର ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ, ଯିଏ କି କଂଗ୍ରେସ ଦଳକୁ ଦିଗ୍‌ଦର୍ଶନ ଦେଇ ଆସିଥିଲେ, ସେ କେବେ ବି ଏପରି ଶସ୍ତା ଆକ୍ଷେପ କରୁ ନ ଥିଲେ । ବିରୋଧୀ ଦଳକୁ ଉପଯୁକ୍ତ ମର୍ଯ୍ୟାଦା ସେ ଦେଇ ଆସୁଥିଲେ । ଶ୍ରୀ ଖାଡ୍‌ଗେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଥିଲେ ଏବଂ ଏବେ ସେ ରାଜ୍ୟସଭାରେ ଜଣେ ମାନ୍ୟବର ସଦସ୍ୟ ମଧ୍ୟ ଅଛନ୍ତି ।

> **ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ, ଯିଏ କି କଂଗ୍ରେସ ଦଳକୁ ଦିଗ୍‌ଦର୍ଶନ ଦେଇ ଆସିଥିଲେ, ସେ କେବେ ବି ଏପରି ଶସ୍ତା ଆକ୍ଷେପ କରୁ ନ ଥିଲେ । ବିରୋଧୀ ଦଳକୁ ଉପଯୁକ୍ତ ମର୍ଯ୍ୟାଦା ସେ ଦେଇ ଆସୁଥିଲେ । ଶ୍ରୀ ଖାଡ୍‌ଗେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଥିଲେ ଏବଂ ଏବେ ସେ ରାଜ୍ୟସଭାରେ ଜଣେ ମାନ୍ୟବର ସଦସ୍ୟ ମଧ୍ୟ ଅଛନ୍ତି ।**

କହୁ କହୁ ଏପରି କଥା ହୁଏତ ତାଙ୍କ ମୁହଁରୁ ବାହାରି ପଡ଼ିଛି । ମାତ୍ର ସେ ଯାହାଙ୍କ ଉଦ୍ଦେଶ୍ୟରେ ଏ କଥାଟି କହିଲେ, ତାଙ୍କୁ କେହି ଜାଣି ନାହାନ୍ତି । ତେଣୁ ୮୪ ବର୍ଷ ବୟସ୍କ ଶ୍ରୀ ଖାଡ୍‌ଗେ ଅଯଥାରେ ବଦନାମ ହୋଇ ଅଡୁଆରେ ପଡ଼ିଲେ । ବିଜେପି ଦେଶସାରା ତାଙ୍କର ନିନ୍ଦା କରି ଆସୁଛି । ପ୍ରକୃତରେ ସେ କି ଲାଭ ପାଇଲେ ? କଂଗ୍ରେସ ଦଳ ମଧ୍ୟ ଖାଡ୍‌ଗେଙ୍କ ମନ୍ତବ୍ୟ ଉପରେ ଲାଭବାନ ହୋଇ ନ ପାରେ । ଏପରି କଥା କହି ଖାଡ୍‌ଗେ କ'ଣ ଲୋକପ୍ରିୟତା ଅର୍ଜନ କରିବେ ? ତାଙ୍କ ପରି ଜଣେ ବ୍ୟକ୍ତି ଭୁଲ କଥା କହିଦେଇ ଅନୁତାପ ମଧ୍ୟ କଲେ ନାହିଁ । ଅତୀତରେ କଂଗ୍ରେସ ଦଳରୁ ପ୍ରଧାନମନ୍ତ୍ରୀ ହୋଇଥିବା ଲାଲବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ବା ମନମୋହନ ସିଂ ଆମ ଗହଣରେ ଆଜି ନାହାନ୍ତି ସତ, କିନ୍ତୁ ସେମାନଙ୍କ ନୀତି ଓ ଆଦର୍ଶ ଯୋଗୁ ଏ ପର୍ଯ୍ୟନ୍ତ କଂଗ୍ରେସ ଦଳ ନିଜ ଢଙ୍ଗରେ ଆଗେଇ ଚାଲିଛି । ଖାଡ୍‌ଗେ ସେହି ନୀତି ଓ ଆଦର୍ଶକୁ ଅନୁସରଣ କରିପାରିଲେ ହୁଏତ ସେ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତେ ବୋଲି ଆମେମାନେ ଆଶା କରୁଛୁଁ ।


ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

'ଇନୋଭେସନ୍ ସୁପରପାୱାର' ଦିଗରେ ଭାରତର ଯାତ୍ରା

(A homegrown innovation ecosystem is taking root?)



ଡକ୍ଟର ଚିତ୍ତରଞ୍ଜନ ମିଶ୍ର

ଯେଉଁ ପ୍ରଯୁକ୍ତି ବିଦ୍ୟାଗୁଡିକ ଏକ ସମୟରେ ଭାରତକୁ ବିଦେଶରୁ ଆମଦାନୀ ହୋଇ ଆସୁଥିଲା, ସେଗୁଡିକ ବର୍ତ୍ତମାନ ଅନ୍ତର୍ଦ୍ଦେଶୀୟ ଗବେଷଣା ସଂସ୍ଥା, ଶିଳ୍ପ ସଂସ୍ଥା ଏବଂ ଷ୍ଟାର୍ଟଅପ୍ ଜରିଆରେ ନିଜ ଦେଶରେ ହିଁ ଅଧିକରୁ ଅଧିକ ଭାବେ ଉଦ୍ଭାବନ କରାଯାଉଛି । ଏକ ନବସୃଜନ ଅର୍ଥନୀତି (Innovation Economy)ର ତିନୋଟି ପ୍ରାତିଷ୍ଠାନିକ ଭିତ୍ତିଭୂମି ଏବେ ଏକାଠି ହାତ ଧରାଧରି ହୋଇ ଆଗକୁ ବଢୁଛନ୍ତି ଯଥା –ସରକାରୀ/ସାର୍ବଜନୀନ ଗବେଷଣା, କର୍ପୋରେଟ ଅନୁସନ୍ଧାନ ଓ ବିକାଶ ଏବଂ ଗଭୀର ପ୍ରଯୁକ୍ତିବିଦ୍ୟାଭିତ୍ତିକ ଉଦ୍ୟୋଗିତା (Deep Technology Entrepreneurship) । ରୂପାନ୍ତରଣ ବା ସଂପୂର୍ଣ୍ଣ ପରିବର୍ତ୍ତନ ବା କାୟାକଳ୍ପ ଏବେ ବି ଅସଂପୂର୍ଣ୍ଣ ଅଛି, କିନ୍ତୁ ଗଠନଶୈଳୀ, ସ୍ଥାପତ୍ୟ କଳା କିମ୍ବା ମୂଳ ସଂରଚନା ଅବଶେଷରେ ଦୃଶ୍ୟମାନ ହେଉଛି । ଗ୍ୟାଲିୟମ ନାଇଟ୍ରାଇଡ (Gallium Nitride) ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟାଗୁଡିକ ଯାହାକି ଉନ୍ନତ ରାଡାର, ମହାକାଶ ପ୍ରଣାଳୀ ଏବଂ ପରବର୍ତ୍ତୀ ପିଢିର ଯୋଗାଯୋଗ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସେଗୁଡିକୁ ଆଜିକାଲି ଦେଶ ମଧ୍ୟରେ ଅଧିକରୁ ଅଧିକ ଭାବେ ବିକଶିତ କରାଯାଉଛି ଯାହା ଏକ କଠୋର ନିୟନ୍ତ୍ରିତ ଏବଂ ରପ୍ତାନି –ନିୟନ୍ତ୍ରଣ ଥିବା କ୍ଷେତ୍ରରେ ଏକ ରଣନୀତିକ ବ୍ୟବଧାନକୁ ଦୂର କରିବାରେ ଅତ୍ୟନ୍ତ ସାହାଯ୍ୟ କରୁଛି । ଏଥି ସହିତ, ଭାରତରେ ବିକଶିତ ହୋଇଥିବା ଶସ୍ତା ଇମ୍ୟୁନୋଥେରାପି (କର୍କଟ ରୋଗ ଚିକିତ୍ସା ପଦ୍ଧତି), ଉନ୍ନତ କର୍କଟ ରୋଗ ଚିକିତ୍ସାକୁ ସମସ୍ତଙ୍କ ପାଇଁ ସହଜଲଭ୍ୟ କରୁଅଛି ଏବଂ ବାୟୋମେଡିକାଲ ଇନୋଭେସନ୍ (ଜୈବ-ଚିକିତ୍ସା ଉଦ୍ଭାବନ) କ୍ଷେତ୍ରରେ ଦେଶରେ ବଢୁଥିବା କ୍ଷମତାକୁ ମଧ୍ୟ ଗର୍ବର ସହ ପ୍ରଦର୍ଶିତ କରୁଅଛି ।

ପେଟେଣ୍ଟ ପଞ୍ଜିକରଣକୁ ପ୍ରାୟତଃ ଉଦ୍ଭାବନ ବା ନୂତନତ୍ୱର ଏକ ପ୍ରସ୍ତୁତ ବା ସହଜ ସୂଚକ ଭାବରେ ଗ୍ରହଣ କରାଯାଇଥାଏ । ଦିନକୁ ଦିନ ପେଟେଣ୍ଟ ପଞ୍ଜିକରଣ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହେଉଛି । ୨୦୨୪-୨୫ ମସିହାରେ ୧ଲକ୍ଷ ୧୦ ହଜାରରୁ ଉର୍ଦ୍ଧ୍ୱ ପେଟେଣ୍ଟ ପଞ୍ଜିକରଣ ହୋଇଥିଲା ବେଳେ ୨୦୨୫-୨୬ ମସିହାରେ ଏହି ସଂଖ୍ୟା ୧ଲକ୍ଷ ୪୩ ହଜାରକୁ ଟପିଯାଇଛି ଯାହାକି ପ୍ରାୟ ୩୦.୨ ପ୍ରତିଶତ ଅଭିବୃଦ୍ଧିକୁ ବୁଝାଇଥାଏ । ଅଧିକନ୍ତୁ ପ୍ରାୟ ପ୍ରତ୍ୟେକ ୧୦ଟି ପେଟେଣ୍ଟ ପଞ୍ଜିକରଣ ମଧ୍ୟରୁ ୭ଟି ପଞ୍ଜିକରଣ ଅନ୍ତର୍ଦ୍ଦେଶୀୟ ଆବେଦନକାରୀଙ୍କ ଦ୍ୱାରା ହିଁ ସଂପାଦିତ ହୋଇଥାଏ । ତେବେ, କେବଳ ପେଟେଣ୍ଟ ଆବେଦନଗୁଡିକର ବିପୁଳ ସଂଖ୍ୟା ସଂପୂର୍ଣ୍ଣ ସତ୍ୟ କିମ୍ବା ସଂପୂର୍ଣ୍ଣ କାହାଣୀ ଅବତାରଣା କରିନଥାଏ । ଏପରିକି ଏକ ସାଧାରଣ ଅନୁସନ୍ଧାନରୁ ବି ଏମିତି ଏକ ନବସୃଜନର କାହାଣୀ ସାମ୍ନାକୁ ଆସେ, ଯାହା ଏବେ ଧୀରେ ଧୀରେ ଦୁର୍ବଳ ହେବାକୁ ବା ବିଗିଡିବାକୁ ଲାଗିଛି । ୨୦୨୫ ମସିହାରେ ଭାରତବର୍ଷରେ ବଳବତ୍ତର ବା ବୈଧ ଥିବା ପେଟେଣ୍ଟ ସଂଖ୍ୟା ୨ଲକ୍ଷ ୪୦ହଜାର ଥିଲାବେଳେ ଚୀନରେ ୫.୭ ନିୟୁତ, ଆମେରିକାରେ ୩.୫ନିୟୁତ ଓ ଜାପାନରେ ୨.୧ନିୟୁତ ଥିଲା । ଏହା ହେଉଛି ୨୦୨୪ ମସିହାର ତଥ୍ୟାବଳୀ ।

> **ସେମାନଙ୍କର ଏକାଗ୍ର, ନିଷ୍ଠାପର ଏବଂ ସଂକଳ୍ପବଦ୍ଧ ଗବେଷଣା ଓ ବିକାଶର ସୁଫଳ ପାଇବା ଆରମ୍ଭ କଲେଣି । ଏକ ପରିପକ୍ୱ ହେଉଥିବା ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ (ନୂତନ ବ୍ୟବସାୟ ପରିବେଶ) ଏବେ କେବଳ ସାଧାରଣ ବା ସହଜ ସେବା ପ୍ରଦାନକାରୀ ପ୍ଲାଟଫର୍ମ ମଧ୍ୟରେ ସୀମିତ ନରହି ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଛି ଏବଂ ଗଭୀର ବୈଷୟିକ ଜ୍ଞାନକୌଶଳ (Deep- Technology) ଓ ଜଟିଳ ଉତ୍ପାଦନ (Complex Manufacturing) କ୍ଷେତ୍ରରେ ସକ୍ରିୟ ଭାବରେ ନିଜର ଅସୀମ ଦକ୍ଷତା ପ୍ରଦର୍ଶନ କରୁଛି ।**

ଏହା ସୂଚାଇଥାଏ ଯେ ପେଟେଣ୍ଟ ମଞ୍ଜୁରୀ ହାର କମ୍ ଅଟେ । ପେଟେଣ୍ଟ ଆବେଦନ ପ୍ରତ୍ୟାହାର କିମ୍ବା ଅଧାରୁ ଛାଡିଦେବା ହାର ଅଧିକ ଅଟେ, କିମ୍ବା ଏହି ଦୁଇଟିଯାକର ମିଶ୍ରଣ ଅଟେ । ଏହା ସହିତ ସ୍ୱଳ୍ପ ବାଣିଜ୍ୟିକରଣ ଓ କମ୍ ଗବେଷଣା ଓ ବିକାଶ ଖର୍ଚ୍ଚ ମୁଣ୍ଡ ଉପରେ ନଳିତା ବିଡା ସଦୃଶ ବୋଝ ସାଜୁଛି । ଭାରତ ସଂପ୍ରତି ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଜିଡିପିର ୧ ପ୍ରତିଶତରୁ ବି କମ ବ୍ୟୟ କରିଥାଏ ଯେତେବେଳେ କି ଚୀନ ୨.୪ ପ୍ରତିଶତ ଓ ଆମେରିକା ୩.୫ ପ୍ରତିଶତ ବ୍ୟୟ କରିଥାନ୍ତି । ଏଥିରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ଆମେ ଏକ ପ୍ରକୃତ ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ନବସୃଜନ ନେତୃତ୍ୱାଧୀନ ଅର୍ଥନୀତି ଠାରୁ କେତେ ଦୂରରେ ଅଛୁ ?

ବିକଶିତ ହେଉଥିବା ସ୍ତମ୍ଭଗୁଡିକ:-

ତଥାପି, ଏହା ମଧ୍ୟରେ ଏକ ସଂକଳ୍ପବଦ୍ଧ ବା ସ୍ଥିତିସ୍ଥାପକ କେନ୍ଦ୍ର ରହିଛି ଏବଂ ଏହାକୁ ଆକାର ଦେଉଥିବା ତିନୋଟି ଶକ୍ତିଶାଳୀ ତଥା ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ରହିଛି ଯାହା ଭାରତର ଭବିଷ୍ୟତକୁ ସୁଦୃଢ କରିବାରେ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥାଏ । ସରକାରୀ ସହାୟତା ପ୍ରାପ୍ତ ସାର୍ବଜନୀନ ଅନୁଷ୍ଠାନଗୁଡିକ ଦୀର୍ଘ ଅବଧିର ନବସୃଜନ ବା ଉଦ୍ଭାବନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି । ୨୦୨୪ ମସିହାରେ ପ୍ରଥମଥର ପାଇଁ ବେସରକାରୀ କ୍ଷେତ୍ରରେ ଗବେଷଣା ଓ ଉନ୍ନୟନ ବ୍ୟୟ ପରିମାଣ, ସମସ୍ତ ସ୍ତରର ସରକାରଙ୍କ ମିଳିତ ଖର୍ଚ୍ଚକୁ ଟପିଯାଇଛି । ଏହା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ଏବଂ ୨୦୨୫-୨୬ ମଧ୍ୟରେ ଏହା ୫୫ ପ୍ରତିଶତରେ ପହଞ୍ଚିଥିବ । ଘରୋଇ ଶିଳ୍ପ ସଂସ୍ଥାଗୁଡିକ ସେମାନଙ୍କର ଏକାଗ୍ର, ନିଷ୍ଠାପର ଏବଂ ସଂକଳ୍ପବଦ୍ଧ ଗବେଷଣା ଓ ବିକାଶର ସୁଫଳ ପାଇବା ଆରମ୍ଭ କଲେଣି । ଏକ ପରିପକ୍ୱ ହେଉଥିବା ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ (ନୂତନ ବ୍ୟବସାୟ ପରିବେଶ) ଏବେ କେବଳ ସାଧାରଣ ବା ସହଜ ସେବା ପ୍ରଦାନକାରୀ ପ୍ଲାଟଫର୍ମ ମଧ୍ୟରେ ସୀମିତ ନରହି ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଛି ଏବଂ ଗଭୀର ବୈଷୟିକ ଜ୍ଞାନକୌଶଳ (Deep- Technology) ଓ ଜଟିଳ ଉତ୍ପାଦନ (Complex Manufacturing) କ୍ଷେତ୍ରରେ ସକ୍ରିୟ ଭାବରେ ନିଜର ଅସୀମ ଦକ୍ଷତା ପ୍ରଦର୍ଶନ କରୁଛି । ଏହି ତିନୋଟି ଯାକ ଦିଗ ବା ସ୍ତମ୍ଭ ଏକାସଙ୍ଗେ ପରିପକ୍ୱ ଓ ସମୃଦ୍ଧ ହେବା ଭାରତ ପାଇଁ ଏକ ଶୁଭ ସଂକେତ ଓ ମଙ୍ଗଳମୟ ଅଟେ ।

ମାର୍ଚ୍ଚ ୨୦୨୩ରେ ଦିଲ୍ଲୀର ସଲିଡ୍ ଷ୍ଟେଟ ଫିଜିକ୍ସ ଲାବୋରାଟୋରୀ (SSPL) ଏବଂ ହାଇଦ୍ରାବାଦର ଗ୍ୟାଲିୟମ ଆର୍ସେନାଇଡ ଏନେବ୍ଲିଙ୍ଗ୍ ଟେକ୍ନୋଲୋଜି ସେଣ୍ଟର (GAETEC)ର ଡି.ଆର.ଡି.ଓ ବୈଜ୍ଞାନିକମାନେ ଗ୍ୟାଲିୟମ୍ ନାଇଟ୍ରାଇଡ ମୋନୋଲିଥିକ୍ ମାଇକ୍ରୋୱେଭ୍ ଇଣ୍ଟିଗ୍ରେଟେଡ୍ ସର୍କିଟ୍ (Gallium Nitride Monolithic Microwave Integrated Circuits- GaN MMICs) ପ୍ରସ୍ତୁତ କରିବାରେ ଏକ ବଡ ସଫଳତା (Breakthrough) ହାସଲ କରିଥିବା ବିଷୟରେ ଘୋଷଣା କରିଥିଲେ । ବହୁଳ ଭାବେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ଏବଂ ସାମରିକ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ଏହି ସର୍କିଟଗୁଡିକୁ ତିଆରି କରିବାର ବୈଷୟିକ ଜ୍ଞାନକୌଶଳ (Technical Know-how), ଫ୍ରାନ୍ସଠାରୁ ରାଫେଲ ଯୁଦ୍ଧ ବିମାନ କିଣାଯିବାର ଅଫସେଟ୍ ପ୍ରାବଧାନ (Offset Provisions) ଅଧୀନରେ ଭାରତକୁ ହସ୍ତାନ୍ତର କରିବା ପାଇଁ ମନା କରିଦିଆଯାଇଥିଲା । ଦେଶରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (DRDO) ସଂପ୍ରତି ଗ୍ୟାଲିୟମ ନାଇଟ୍ରାଇଡ ହାଇ ଇଲେକ୍ଟ୍ରୋନ୍ ମୋବିଲିଟି ଟ୍ରାଞ୍ଜିଷ୍ଟର ଭିତ୍ତିକ ମନୋଲିଥିକ୍ ମାଇକ୍ରୋୱେଭ ଇଣ୍ଟିଗ୍ରେଟେଡ ସର୍କିଟ୍‌ସ (GaN HEMTs based MMICs) ପ୍ରଯୁକ୍ତିବିଦ୍ୟାର ସକ୍ରିୟ ଭାବରେ ହସ୍ତାନ୍ତର କରୁଅଛି ଯାହାକି ୫ଜି/୬ଜି ବେତାର ଆଧାରିତ ସଂରଚନା (Wireless Infrastructure), ଇଲେକ୍ଟ୍ରିକ୍ ଗାଡି ଭିତରେ ଥିବା ଅନ୍ତର୍ନିହିତ ଚାର୍ଜିଂ ସିଷ୍ଟମ (Electric Vehicles On- board Chargers), ଏବଂ ଅଣପାରମ୍ପରିକ ଶକ୍ତି ଇନଭର୍ଟର ବ୍ୟବସ୍ଥା (Renewable Energy Inverter Systems)ରେ ବ୍ୟବହୃତ ହେବ । ଭାରତ ସଂପ୍ରତି ଚୀନ, ଫ୍ରାନ୍ସ, ଜର୍ମାନୀ, ରୁଷିଆ, ଦକ୍ଷିଣ କୋରିଆ, ଓ ଆମେରିକା ସମେତ ବିଶ୍ୱର ୭ଟି ରାଷ୍ଟ୍ର ମଧ୍ୟରେ ପରିଗଣିତ ହେଉଛି ଯେଉଁମାନେ କି ଏହି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଚଣ୍ଡ ପାରଦର୍ଶିତା ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ଏହି ପ୍ରଯୁକ୍ତିବିଦ୍ୟାକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରିପାରିଛନ୍ତି । ଆଡଭାନ୍ସଡ ଗ୍ୟାଲିୟମ ନାଇଟ୍ରାଇଡ ସେମିକଣ୍ଡକ୍ଟର୍ସ (AGNIT ସେମିକଣ୍ଡକ୍ଟର୍ସ) ପ୍ରାଇଭେଟ ଲିମିଟେଡ ହେଉଛି ଭାରତବର୍ଷର ପ୍ରଥମ ଷ୍ଟାର୍ଟ-ଅପ କମ୍ପାନୀ ଯେ କି ଗ୍ୟାଲିୟମ ନାଇଟ୍ରାଇଡ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟାର ବିକାଶ କରିବା ପାଇଁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ । ଏହି ଷ୍ଟାର୍ଟଅପ୍ ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (IISc) ଅନ୍ତର୍ଗତ ସେଣ୍ଟର ଫର୍ ନାନୋ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (CeNSE)ର ଏକ ଉପଜାତ ବା ଅତିରିକ୍ତ ଉତ୍ପାଦ । ଏହି କମ୍ପାନୀ ଭାରତ ମାଟିରେ ବିକାଶ ଲାଭ କରିଥିବା ଗ୍ୟାଲିୟମ ନାଇଟ୍ରାଇଡ ପ୍ରଯୁକ୍ତିବିଦ୍ୟାକୁ ବାସ୍ତବ ଦୁନିଆରେ ବ୍ୟବସାୟିକ ବା ବାଣିଜ୍ୟିକ ପ୍ରୟୋଗ ପାଇଁ ପ୍ରସ୍ତୁତ କରୁଛନ୍ତି । **(କ୍ରମଶଃ)**

ବି-୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩

ଅବିସ୍ମରଣୀୟ ବରପୁତ୍ର ବିଶ୍ୱନାଥ ମିଶ୍ର



ସ୍ୱସ୍ତିଦା ପାଳ

ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଜନଜୀବନରେ ଜାତୀୟତାବୋଧ ସୃଷ୍ଟି କରି ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ଭାରତ ମାନଚିତ୍ରରେ ପ୍ରତିଷ୍ଠିତ କରିବା ପାଇଁ ଯେଉଁ କେତେକ ମହାପୁରୁଷ ପୂର୍ଣ୍ଣ ପ୍ରୟାସ କରିଥିଲେ ସେମାନଙ୍କ ମଧ୍ୟରେ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ଅନ୍ୟତମ । ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର । ଏତଦ୍ ବ୍ୟତୀତ ଜଣେ ଉଚ୍ଚମାନର ବ୍ୟବସ୍ଥାପକ, ସମାଜସଂସ୍କାରକ, ସ୍ୱତନ୍ତ୍ର ଉତ୍କଳ ଗଠନର ସାଧକ, ନାରୀ ଜାଗରଣ ତଥା ନାରୀ ଶିକ୍ଷାର ବାହକ ମଧ୍ୟ ସେ ଥିଲେ । ଜଣେ ଆଜୀବନ ଦେଶ ସେବକ ଭାବେ ନିଜସ୍ୱ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିରଳସ, ନିର୍ଭୀକ ସଂଗ୍ରାମ ପଥରେ ବ୍ରତୀ ଥିବା ଏହି ଅନନ୍ୟ ସାଧକ ବାସ୍ତବିକ ନମସ୍ୟ ।

ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେଶ୍ୱର ପୁର ଗ୍ରାମର ଶ୍ରୀ କୁଳମଣି ମିଶ୍ରଙ୍କର ଚତୁର୍ଥ ପୁତ୍ର ରୂପେ ୧୮୭୮ ମସିହା ଅକ୍ଟୋବର ମାସ ୧୮ ତାରିଖରେ ବିଶ୍ୱନାଥଙ୍କର ଜନ୍ମ । ଶୈଶବରୁ ଜନ୍ମଦାତ୍ରୀଙ୍କର ବିୟୋଗ ହେତୁ ପିତା ହିଁ ତାଙ୍କ ଲାଳନପାଳନର ସମସ୍ତ ଦାୟିତ୍ୱ ବହନ କରିଥିଲେ । ସେତେବେଳେ ପ୍ରାଥମିକ ଶିକ୍ଷା ପାଇଁ ପ୍ରତି ଗ୍ରାମରେ ବିଦ୍ୟାଳୟର ବ୍ୟବସ୍ଥା ନଥିଲା । ମାଟିବଂଶ ଅବଧାନଙ୍କ ଚାଟଶାଳିରେ ହିଁ ବିଦ୍ୟାରମ୍ଭ ହେଉଥିଲା । ସେହି କ୍ରମରେ ବିଶ୍ୱନାଥଙ୍କର ମଧ୍ୟ ବିଦ୍ୟାରମ୍ଭ ହୋଇ ଥିଲା । ଚାଟଶାଳୀ ପାଠ ଶେଷ କରି ବେରବୋଇ ଭର୍ଣ୍ଣାକୁଲାର ସ୍କୁଲରେ ନାମଲେଖାଇ ସେ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ସେ ସମୟରେ ବ୍ରାହ୍ମଣମାନଙ୍କର ସନ୍ତାନମାନେ ସଂସ୍କୃତ ପଢୁଥିଲେ । ଇଂରାଜୀ ପାଠ ପଢିବା ଦ୍ୱାରା ଜାତି ଯିବ ବୋଲି ବିଶ୍ୱାସ ଥିଲା । ଏଣୁ ବିଶ୍ୱନାଥ ପୁରୀ ଜିଲ୍ଲା ସ୍କୁଲରେ ଇଂରାଜୀ ପାଠ ପଢିବା ଦ୍ୱାରା ପିତା କୁଳମଣି ମିଶ୍ର ଏକଘରିକିଆ ହେଲେ । ଗାଁ ଲୋକଙ୍କର ମତ ଥିଲା ଯେ ପୁଅର ନାଁ କଟାଇ ଆଣିଲେ ବାସନ୍ଦ ଉଠିବା କଥା ବିଚାର କରାଯିବ । କିନ୍ତୁ ବିଶ୍ୱନାଥ ପାଠପଢ଼ା ବନ୍ଦ କଲେ ନାହିଁ । କିଛିଦିନ ଧରି ଏଭଳି କନ୍ଦଳ ଲାଗିରହିଥିଲା । ତେବେ ପରବର୍ତ୍ତୀ ସମୟରେ ଆଖପାଖ ଗାଁର କେତେକ ବ୍ରାହ୍ମଣ ଛାତ୍ର ପୁରୀ ଜିଲ୍ଲା ସ୍କୁଲରେ ପଢିବା ପରେ ଗ୍ରାମବାସୀଙ୍କର ପୂର୍ବ ଜିଦ୍ କିଛିଟା ଶିଥିଳ ହୋଇଥିଲା । ବିଶ୍ୱନାଥ ବୃତ୍ତି ସହ ଏଣ୍ଟ୍ରାନ୍ସ ପାସ୍ କଲେ।

ଏହାପରେ ଏଫ. ଏ. ପଢା ! ଗୁରୁତର ଅର୍ଥାଭାବ ମଧ୍ୟରେ କଟକରେ ରହି ପଢିବା କଷ୍ଟସାଧ୍ୟ ଥିଲା । ତଥାପି ଦୃଢ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଦ୍ୱାରା, ସେ ଟିଉସନ୍ ପଢ଼ାଇଥିଲେ । ସହ ବିଦ୍ୟାର୍ଜନର ମୋହ ତାଙ୍କୁ ସଫଳତା ଆଣି ଦେଇଥିଲା । ୧୯୦୨ ମସିହାରେ କୃତିତ୍ୱର ସହ ସେ ଏଫ. ଏ. ପାସ କଲେ ଏବଂ ଉତ୍କଳ ସମ୍ମିଳନୀର ଜଣେ କର୍ମଠ ସଦସ୍ୟ ରୂପେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପ୍ରେରଣା ଓ ପ୍ରୋତ୍ସାହନରେ ଗାମ ଜିଲ୍ଲାକୁ ପ୍ରଥମ କର୍ମକ୍ଷେତ୍ର ରୂପେ ବାଛିନେଲେ। ପ୍ରଥମ କର୍ମସ୍ଥଳୀ ହେଲା ରସୁଲକୋଣ୍ଡା (ଆଜିର ଭଞ୍ଜନଗର) ଟ୍ରେନିଂ ସ୍କୁଲ, ଯେଉଁଠି ପ୍ରବୀଣ ଶିକ୍ଷକମାନଙ୍କ ତାଲିମ ଦିଆଯାଉଥିଲା । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ସେଠାରେ ଓଡ଼ିଆ ପଣ୍ଡିତ ଭାବେ ଦାୟିତ୍ୱ ନେଇ କାର୍ଯ୍ୟ କରୁଥିଲେ । ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ଭାବେ ଏହି ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ତା ୨୮.୧୨.୧୯୦୪ ଦିନ କଟକରେ ଯୋଗଦାନ କରିବା ସହ ଗାମ ଜିଲ୍ଲାର ପ୍ରତିନିଧି ରୂପେ ପ୍ରତ୍ୟେକ ଅଧିବେଶନରେ ଓଡ଼ିଆ ଭାଷା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରୁଥିଲେ । ୧୯୦୫ରେ ସେ ରସୁଲକୋଣ୍ଡାରୁ ଓଡ଼ିଆ ପଣ୍ଡିତ ଚାକିରି ଛାଡ଼ି ମାଡ୍ରାସ୍‌ରେ ପ୍ଲିଡରସିପ୍ ପଢିବାକୁ ଯାଇଥିଲେ । ୧୯୦୬ରେ ପ୍ଲିଡରସିପ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସ୍କାଠାରେ ଓକିଲାତି ଜୀବନ ଆରମ୍ଭ କରିଥିଲେ । ୧୯୦୮ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ପବ୍ଲିକ୍ ଏକଜାମିନେସନ୍‌ରେ ଉତ୍ତୀର୍ଣ୍ଣ ହୋଇ ସେହି ବିଶ୍ୱ ବିଦ୍ୟାଳୟର ସଭ୍ୟ ମଧ୍ୟ ହୋଇପାରିଥିଲେ । ୧୯୧୦ର ଶେଷ ଭାଗରେ ସେ ଲଣ୍ଡନ ଗଲେ ବାରିଷ୍ଟରୀ ପଢ଼ିବା ପାଇଁ ଏବଂ ୧୯୧୨ରେ ବାର-ଆଟ-ଲ ହୋଇ ଫେରିଲେ । ଦ୍ୱିତୀୟ ଥର ପୁଣି ୧୯୧୨ରେ ଲଣ୍ଡନ ଯାଇଥିଲେ ନିଜ ବାର-ଆଟଲର ଉପାଧି ଆଣିବା ପାଇଁ । ଏହା ମିଳିଥିଲା ୧୯୧୩ ମସିହା ଜାନୁଆରୀ ମାସରେ ।



ଲଣ୍ଡନ୍‌ରୁ ଫେରିବା ପରେ ସେ ସତ୍ୟବାଦୀରେ ନିଜର ଅଗ୍ରଜ ପ୍ରତିମ ପୁଣ୍ୟାତ୍ମା ଉତ୍କଳମଣିଙ୍କୁ ସାକ୍ଷାତ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଗୌରବ ସେତେବେଳେ ଚରମସୀମାରେ । ଗୋପବନ୍ଧୁ, ବିଶ୍ୱନାଥଙ୍କୁ ସତ୍ୟବାଦୀ ବନବିଦ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ନିମନ୍ତ୍ରଣ ଦେଇଥିଲେ । କେବଳ ସମ୍ବର୍ଦ୍ଧନା ସଭା ନୁହେଁ, ତା'ପରେ ଶିକ୍ଷକ ଓ ଛାତ୍ରମାନଙ୍କ ସହ ବନବିଦ୍ୟାଳୟର ପ୍ରଶସ୍ତ ଭୋଜନଶାଳାରେ ବସି ଏକତ୍ର ଭୋଜନ କରିବାର ବ୍ୟବସ୍ଥା ଥିଲା । ବିଲାତ ଫେରନ୍ତା ସାହେବ ଯେତେବେଳେ, ତାଙ୍କ ପାଇଁ ତଳେ ତାଳପତ୍ର ଚଟେଇରେ ବସି ଭୋଜନ କରିବା ସ୍ପୃହଣୀୟ ହୋଇ ନପାରେ, ଏହା ମନେକରି ଚଉକି ଟେବୁଲର ବ୍ୟବସ୍ଥା କରାଯାଇଥିଲା । ଠିକ୍ ସମୟରେ ବାରିଷ୍ଟର୍ ବିଶ୍ୱନାଥ ପହଞ୍ଚିଲେ ଏବଂ ଦେଖିଲେ ଯେ ଛାତ୍ରମାନଙ୍କ ପାଇଁ ଭୂମିରେ ବସି ଖାଇବାର ବ୍ୟବସ୍ଥା ଅଛି । ତେଣୁ ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଚୌକି ଟେବୁଲ୍‌ରେ ନ ବସି ଛାତ୍ରମାନଙ୍କ ସହିତ ତଳେ ବସି ସେ ଖାଦ୍ୟ ଗ୍ରହଣ କଲେ । ଛାତ୍ର ଓ ଶିକ୍ଷକମାନେ ବିସ୍ମିତ ହେଲେ । ଏହିପରି ସେ ଥିଲେ ଜଣେ ଅତି ସରଳ ତଥା ନିଷ୍ଠାପର ସ୍ୱଦେଶପ୍ରେମୀ କର୍ମୀ । ତାଙ୍କର ବିଲାତ ଯାତ୍ରା ଯୋଗୁ ଗାଁର ବ୍ରାହ୍ମଣ ଶାସନ ତାଙ୍କ ପରିବାରକୁ ଦୀର୍ଘ ୧୨ ବର୍ଷ କାଳ ବାସନ୍ଦ କରି ରଖିଥିଲେ । ତାଙ୍କ ପରିବାରର କୌଣସି ସାମାଜିକ ଉତ୍ସବରେ ଗ୍ରାମବାସୀ ଅଂଶ ଗ୍ରହଣ କରୁନଥିଲେ । ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଆଦି ଶିକ୍ଷକମାନେ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ତେବାସୀଙ୍କୁ ସାଙ୍ଗରେ ନେଇ ବିଭିନ୍ନ ଉପାୟରେ ରକ୍ଷଣଶୀଳ ବ୍ରାହ୍ମଣ ସମାଜର କୁସଂସ୍କାରକୁ ଭାଙ୍ଗିବାକୁ ଚେଷ୍ଟା ଚଳାଇଥିଲେ । ବନ ବିଦ୍ୟାଳୟର ସଂସ୍କାରକବୃନ୍ଦ ସତ୍ୟବାଦୀରୁ ଯାଇ ବିଶ୍ୱନାଥଙ୍କର ପାରିବାରିକ ଉତ୍ସବରେ ଭାଗନେଇ ତାଙ୍କୁ ନୈତିକ ଓ ମାନସିକ ସମର୍ଥନ ଦେଇଥିଲେ ।

ଏହା ପରେ ସେ କଲିକତାଠାରେ ଓକିଲାତି ଆରମ୍ଭ କରିଥିଲେ । ସେ ସମୟରେ ଓଡ଼ିଶା ବିଭାଗ ବଙ୍ଗ ପ୍ରଦେଶ ଅଧୀନରେ ଥିବାରୁ ଓଡ଼ିଶାର ମୋକଦ୍ଦମାଗୁଡ଼ିକର ଅପିଲ କଲିକତା ହାଇକୋର୍ଟରେ ହେଉଥିଲା । ସେ ସମୟରେ ସେ କଲିକତାରେ ଓଡ଼ିଆ ସମାଜ ସ୍ଥାପନ କରିବା ସହ ତାଙ୍କ କଲିକତା ବାସଭବନରେ ଉତ୍କଳ ସମାଜର ବୈଠକମାନ ଡକାଇ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ସାମୂହିକ ଉନ୍ନତି ବିଷୟରେ ଆଲୋଚନା କରୁଥିଲେ । ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେବାରୁ ନୂତନ ପ୍ରଦେଶ ପାଇଁ ପାଟନାରେ ହାଇକୋର୍ଟ ସ୍ଥାପିତ ହେଲା ଏବଂ କଲିକତା ହାଇକୋର୍ଟ ସହ ଓଡ଼ିଶାର ସଂପର୍କ ରହିଲା ନାହିଁ । ତତ୍ପରେ ବିଶ୍ୱନାଥ ବହ୍ମପୁର, କଟକ ଓ ପାଟନାଠାରେ ଓକିଲାତି କରିଥିଲେ । ବୃତ୍ତିଗତ କାର୍ଯ୍ୟ ସହ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନଗୁଡ଼ିକରେ ସକ୍ରିୟ ଯୋଗଦାନ କରି ଅନ୍ୟ ସମୟରେ ଅନୁଷ୍ଠିତ ଛାତ୍ର ସମ୍ମିଳନୀ ମାନଙ୍କରେ ନିଜର ସୁଚିନ୍ତିତ ମତ ତଥା ଉପଦେଶ ପ୍ରଦାନ କରୁଥିଲେ ।

୧୯୨୦ ଡିସେମ୍ବର ୩୦/୩୧ ଏବଂ ୧୯୨୧ ଜାନୁଆରୀ ୧ ତାରିଖ ଦିନ ଅନୁଷ୍ଠିତ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଏହାକୁ ଭାରତୀୟ କଂଗ୍ରେସରେ ମିଶାଇବାର ପ୍ରସ୍ତାବକୁ ବିରୋଧ କରିଥିଲେ । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଆମର ସ୍ୱତନ୍ତ୍ର ସ୍ଥିତିକୁ ପୂରଣ କରିବା ପାଇଁ ସେ ନିଜର ଦାବି ରଖିଥିଲେ । ୧୯୨୪ ମସିହାରେ ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ଗଠିତ ଫିଲିପ୍-ଡଫ୍ କମିଟି ସହ ଉପାନ୍ତ ଅଞ୍ଚଳର ଜନମତକୁ ନିର୍ଣ୍ଣୟ କରିବା ପାଇଁ ସେ ଅଦମ୍ୟ ପ୍ରଚେଷ୍ଟା କରିଥିଲେ ।

୧୯୨୨ ମସିହାରେ ସେ ବିହାର-ଓଡ଼ିଶା ବିଧାନ ସଭାକୁ ଓ ୧୯୩୦ରେ କେନ୍ଦ୍ର ବ୍ୟବସ୍ଥା ସଭାକୁ ଦୁଇ ଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ସେ ସମୟରେ ସେ ବ୍ରିଟିଶ ସମାଜବାଦୀ ସରକାରର ଦମନ, ଟ୍ୟାକ୍ସ ବ୍ୟବସ୍ଥା, ସୈନ୍ୟ ବାହିନୀର ଅତିରିକ୍ତ ଖର୍ଚ୍ଚ, ସତ୍ୟାଗ୍ରହୀମାନଙ୍କ ଉପରେ ଜୁଲମ, ଜେଲଖାନାରେ ଅତ୍ୟାଚାର ଇତ୍ୟାଦିର ତୀବ୍ର ସମାଲୋଚନା କରି ସରକାରଙ୍କୁ ବିଚଳିତ କରିଥିଲେ । ଓଡ଼ିଶା ଏକତ୍ରୀକରଣର ଦୃଢ ଦାବି ମଧ୍ୟ ସେ ଉପସ୍ଥାପନ କରିଥିଲେ । ୧୯୨୮ରେ ସାଇମନ କମିଶନଙ୍କ ନିକଟରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢିବାର ଯୁକ୍ତିଯୁକ୍ତ ଦାବି ଉପସ୍ଥାପନ କରିଥିଲେ । ଏହାର ଫଳସ୍ୱରୂପ ସ୍ୱତନ୍ତ୍ର ପ୍ରଦେଶ ଗଠନର ପନ୍ଥା ସୁଗମ ହୋଇଥିବ ବୋଲି ମନେ କରାଯାଏ ।

ଜଣେ ଅଦ୍ୱିତୀୟ ସମାଜସଂସ୍କାରକ ତଥା ନାରୀଜାଗରଣ ଓ ନାରୀ ଶିକ୍ଷାର ଏକ ଅପ୍ରତିଦ୍ୱନ୍ଦ୍ୱୀ ପ୍ରବକ୍ତା ଥିଲେ । ନାରୀଶିକ୍ଷା ପ୍ରସାରର ପରିଚୟ ତାଙ୍କର କାର୍ଯ୍ୟକଳାପରୁ ହିଁ ମିଳିଥାଏ । ପ୍ରଥମଥର ପାଇଁ ସେ ଏକମାତ୍ର ନିଜ ପତ୍ନୀଙ୍କ ସହ ଉତ୍କଳ ସମ୍ମିଳନୀରେ ଯୋଗଦେଇଥିଲେ । ଏହାଦ୍ୱାରା ନାରୀ ଜାତିକୁ ଜାଗ୍ରତ କରାଇବା ପାଇଁ ତାଙ୍କର ସଂକେତ ସମାଜରେ ଆଲୋଡନ ସୃଷ୍ଟି କରିଥିଲା । ନିଜର ସାନ ଝିଅକୁ ସାଇକେଲ ଚଲାଇ ସ୍କୁଲ୍ ଯିବାକୁ ଅନୁମତି ଦେଇଥିଲେ । ଏହା ଦ୍ୱାରା ନାରୀ ଶିକ୍ଷା ପ୍ରତି ତାଙ୍କର ସମ୍ମତି ଅନୁମେୟ । ପ୍ରଚଣ୍ଡ ସ୍ୱାଭିମାନୀ, କର୍ମଠ ତଥା ସ୍ପଷ୍ଟବାଦୀ ଏହି ବ୍ୟକ୍ତି ଜଣକ ଓଡ଼ିଆମାନଙ୍କ ପ୍ରତି ହୀନମାନ୍ୟତାର ଚିରାଚରିତ ପ୍ରଥାକୁ ବିଚ୍ଛିନ୍ନ କରିବା ପାଇଁ ସତତ ଚେଷ୍ଟିତ ଥିଲେ ।

୧୯୩୩ ମସିହା ସେପ୍ଟେମ୍ବର ୧୯ ତାରିଖ ସକାଳେ ସିମଲାଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁର ପୂର୍ବ ଦିନ ମଧ୍ୟ ସେ ବ୍ୟବସ୍ଥା ସଭାର କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିଥିଲେ । ସେହି ସିମଲାରେ ହିଁ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଆକସ୍ମିକ ମୃତ୍ୟୁ ଓଡ଼ିଶାରେ ଶୋକର ବାତାବରଣ ସୃଷ୍ଟି କରିଥିଲା ।

ଏହି ମହାପୁରୁଷଙ୍କର ସାହସ ଏବଂ ଉଚ୍ଚାଭିଳାଷ ଆମ ସମସ୍ତଙ୍କ ପାଇଁ ଅନୁସରଣୀୟ । ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଛି ସତ, ଭାଷାର ମର୍ଯ୍ୟାଦା ଏଠି ଆଜି ଭୂଲୁଣ୍ଠିତ । ଆମର ପୂର୍ବସୂରୀମାନେ ଯେଉଁ ସାଲୀସ ବିହୀନ ସଂଗ୍ରାମ କରି ଆମର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି ତା'ର ମୂଲ୍ୟ ଦେବା ପାଇଁ ପରିବର୍ତ୍ତନ ଆବଶ୍ୟକ । ଭାଷା, ଜାତି, ସଂସ୍କୃତି ଓ ସଭ୍ୟତା ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆକୁ ସଚେତନ ହେବାକୁ ହେବ । ସୁଦୀର୍ଘ ଇତିହାସ, ସମୁଜ୍ଜଳ ପରଂପରା ପ୍ରତି ସମ୍ମାନ ତଥା ସ୍ୱାଭିମାନର ସହ କାର୍ଯ୍ୟ କରିବା ହିଁ ହେବ ଏହି ମହାପୁରୁଷଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।

ପ୍ରଧାନ ଶିକ୍ଷୟିତ୍ରୀ, ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଳବାଇ
ମୋ: ୭୦୦୮୩୫୩୦୪୬

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତାଣ୍ଡବ...

ପର୍ଯ୍ୟନ୍ତ ଜଗତସିଂହପୁରରେ ୩୯ ମିମି, ପାରଳାଖେମୁଣ୍ଡିରେ ୨୯ ମିମି, ପୁରୀରେ ୨୮ ମିମି, ଭୁବନେଶ୍ୱରରେ ୨୪ ମିମି, ଛତ୍ରପୁରରେ ୧୮ ମିମି, ପାରାଦ୍ୱୀପରେ ୧୩ ମିମି, ବାରିପଦାରେ ୧୫ ମିମି, ଦାରିଙ୍ଗିବାଡ଼ିରେ ୧୪ ମିମି ବର୍ଷା ରେକର୍ଡ଼ କରାଯାଇଛି ।

୨୮ ତାରିଖରେ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଭୀଷଣ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଅଞ୍ଚଳରେ ପବନ ଘଣ୍ଟା ପ୍ରତି ୫୦ରୁ ୬୦ କିମି ଓ ଝଟ୍‌କା ୭୦ କିମି ରହିବ । ଏଥିସହ ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦି ଜିଲ୍ଲାର ସ୍ଥାନେସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ସ୍ଥାନେସ୍ଥାନେ ପ୍ରବଳ ବର୍ଷା ହେବାର ସୂଚନା ରହିଛି ।

ପ୍ରଶାସନ...

ଏନ୍‌ଡିଆର୍‌ଏଫ୍, ୨୪ଟି ଅଗ୍ନିଶମ ଟିମ, ଗଜପତି ଜିଲ୍ଲାରେ ୬ଟି ଓଡ୍ରାଫ୍, ୧ଟି ଏନ୍‌ଡିଆର୍‌ଏଫ୍ ଏବଂ ୮ଟି ଅଗ୍ନିଶମ ଟିମ, ରାୟଗଡ଼ାରେ ୩ଟି ଓଡ୍ରାଫ୍, ୧ଟି ଏନ୍‌ଡିଆର୍‌ଏଫ୍,୧୧ ଟି ଅଗ୍ନିଶମ ଟିମ, କୋରାପୁଟ ଜିଲ୍ଲାରେ ୩ଟି ଓଡ୍ରାଫ୍, ୧ଟି ଏନ୍‌ଡିଆର୍‌ଏଫ୍ ଏବଂ ୧୪ଟି ଅଗ୍ନିଶମ ଟିମ୍ କାର୍ଯ୍ୟରତ ଅଛନ୍ତି । ମାଲକାନଗିରି ଜିଲ୍ଲାରେ ୩ଟି ଓଡ୍ରାଫ୍, ୧ଟି ଏନ୍‌ଡିଆର୍‌ଏଫ୍ ଏବଂ ୯ଟି ଅଗ୍ନିଶମ ଟିମ, ନବରଙ୍ଗପୁର ଜିଲ୍ଲାରେ ୩ଟି ଓଡ୍ରାଫ୍ ଏବଂ ୧୨ଟି ଅଗ୍ନିଶମ ଟିମ, ନୂଆପଡ଼ା ଓ କଳାହାଣ୍ଡିରେ ମଧ୍ୟ ଅଗ୍ନିଶମ ଟିମ ମୁତୟନ କରାଯାଇଛି ।

ରାଜ୍ୟର ମୋଟ ୮ଟି ଜିଲ୍ଲାରୁ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରୁ ମୋଟ ୪୮,୦୧୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସ୍ଥାନାନ୍ତର କରାଯାଇଛି । ଏଥିସହିତ ସେମାନଙ୍କ ରହଣି ପାଇଁ ମୋଟ ୪୬୬ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ନବରଙ୍ଗପୁରରେ ୧୧,୨୭୦ ଜଣ ଲୋକ ଚିହ୍ନଟ ହୋଇଥିବା ବେଳେ ୧୩୪ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି । ଗଜପତିରେ ୧୧,୦୦୦ ଜଣ ଲୋକ ଚିହ୍ନଟ ଓ ୧୭୫ଟି ଆଶ୍ରୟସ୍ଥଳୀ, ମାଲକାନଗିରିରେ ୯,୮୫୦ ଜଣ ଲୋକ ଚିହ୍ନଟ ଓ ୩୫ଟି ଆଶ୍ରୟସ୍ଥଳୀ, ଗଞ୍ଜାମରେ ୬,୫୦୦ ଜଣ ଲୋକ ଚିହ୍ନଟ ଓ ୩୭ଟି ଆଶ୍ରୟସ୍ଥଳୀ, କୋରାପୁଟରେ ୫,୦୦୦ ଜଣ ଲୋକ ଚିହ୍ନଟ ଓ ୪୭ଟି ଆଶ୍ରୟସ୍ଥଳୀ, କଳାହାଣ୍ଡିରେ ୨,୪୧୫ ଜଣ ଲୋକ ଚିହ୍ନଟ ଓ ୧୪ଟି ଆଶ୍ରୟସ୍ଥଳୀ, ନୂଆପଡ଼ାରେ ୧,୬୭୫ ଜଣ ଲୋକ ଚିହ୍ନଟ ଓ ୧୭ଟି ଆଶ୍ରୟସ୍ଥଳୀ, ରାୟଗଡ଼ାରେ ୩୦୦ ଜଣ ଲୋକ ଚିହ୍ନଟ ଓ ୭ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଥିବା ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ପ୍ରଶାସନକୁ ତତ୍ପର ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁମାନଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ ରିଲିଫ୍ କେନ୍ଦ୍ର, ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ଏବଂ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ଔଷଧ ସହିତ ଅବିଚ୍ଛିନ୍ନ ବିଦ୍ୟୁତ ସେବା ଏବଂ ଜରୁରୀ ପ୍ରସବ ସେବା ପ୍ରସ୍ତୁତ ରଖିବାକୁ କୁହାଯାଇଛି ପ୍ରଭାବିତ ଅଞ୍ଚଳରେ ପଶୁମାନଙ୍କ ପାଇଁ ପଶୁଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯିବ । ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରାଯାଇଛି । ଜନସାଧାରଣଙ୍କୁ କୌଣସି ପ୍ରକାର ଗୁଜବ ପ୍ରତି କାନ ନଦେଇ ପ୍ରଶାସନର ମାର୍ଗଦର୍ଶନ ଓ ନିର୍ଦ୍ଦେଶକୁ ମାନି ସତର୍କ ରହିବାକୁ ଅନୁରୋଧ କରାଯାଇଛି । ସମ୍ପୃକ୍ତ ନୋଡାଲ ଅଧିକାରୀମାନଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ଏକ ହ୍ୱାଟ୍ସଆପ ଗ୍ରୁପ କରି ସେଥିରେ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସଂଶ୍ଳିଷ୍ଟ କରାଯାଇଛି ।

ପ୍ରଯୁକ୍ତି...

କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜେଏଏମ୍ ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଟେକ୍ନୋଲୋଜିକୁ ବ୍ୟବହାର କରି ମୋଦୀଜୀ ତୃଣମୂଳ ସ୍ତରରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳପ୍ରାଟନ କରିଛନ୍ତି । ବାଟମାରଣା ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଏହି ବ୍ୟବସ୍ଥା ଗରିବଙ୍କ ପାଇଁ ଭଗବାନଙ୍କ ବରଦାନ ଠାରୁ କିଛି କମ୍ ନୁହେଁ ବୋଲି ସେ କହିଥିଲେ ।

ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି, ଇଣ୍ଟେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି । ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭିକତାର ସହିତ ଏବଂ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ ।

ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଅଢେଇ ବର୍ଷ ମଧ୍ୟରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇ.ଏ.ଏସ୍, ୮ ଜଣ ମୁଖ୍ୟ ଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଏବଂ ଏସ୍.ଟି.ଏ ର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଏବଂ ଅନେକ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଛି ଏବଂ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି । ୨୦୨୫ରେ କନ୍‌ଭିକ୍ସନ ରେଟ୍ ୫୦ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ସର୍ବାଧିକ ୬୫ ପ୍ରତିଶତରେ ପହଞ୍ଚିଛି । ଦୁର୍ନୀତି କ୍ଷେତ୍ରରେ ଏଭଳି ଉଚ୍ଚ ଦଣ୍ଡବିଧାନ ହାର ପାଇଁ ଓଡିଶା ଭିଜିଲାନ୍ସ ରାଜ୍ୟ ଭିତରେ ଓ ବାହାରେ ପ୍ରଶଂସିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ ।

ଶେଷରେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପ୍ରସଙ୍ଗ 'ସାଧୁତାରୁ ସମୃଦ୍ଧି' ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, ଦୃଢ଼ ନୈତିକତା, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତା ହେଉଛି ଆମର ଏହି ଦୁର୍ନୀତି ବିରୋଧୀ ଲଢେଇର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର । ସରକାରୀ କର୍ମଚାରୀମାନଙ୍କୁ ଆଚରଣରେ ସାଧୁତା ଓ ନିଷ୍ଠା ପ୍ରଦର୍ଶନ କରିବା ସହିତ ସମସ୍ତେ ସାଧୁତାକୁ ନିଜର ବିଶ୍ୱାସ ଓ ନିଷ୍ଠାକୁ ଜୀବନର ଏକ ଶୈଳୀ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ ଭାବେ ଅନୁଗୋଳ ୟୁନିଟ, ଶ୍ରେଷ୍ଠ ଆଇ.ଓ ଭାବେ ମାଲକାନଗିରି ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଶ୍ରେଷ୍ଠ ମହିଳା ଆଇ.ଓ ଭାବେ ଭୁବନେଶ୍ୱର ଡିଭିଜନର ବୈଭବମାଳା ସ୍ୱାଇଁ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେସାଲ ଜଜ୍ କୋର୍ଟର ସଲିଳ କୁମାର ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଲୋକମାନଙ୍କ କଷ୍ଟଲବ୍ଧ ଅର୍ଥରେ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଯେପରି ଧାଡିର ଶେଷରେ ଥିବା ହିତାଧିକାରୀ ଠିକ୍ ଭାବରେ ପାଇପାରିବେ ସେଥିପାଇଁ ସାଧୁତାର ସହ କାର୍ଯ୍ୟ କରିବା ଅପରିହାର୍ଯ୍ୟ । ରାଜ୍ୟ ସରକାର ବହୁ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗରେ ସ୍ୱଚ୍ଛତାର ସହ ସେବା ପ୍ରଦାନ କରୁଛନ୍ତି ବୋଲି ସେ କହିଥିଲେ ।

ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜିରୋ ଟଲରାନ୍ସ ଆଭିମୁଖ୍ୟକୁ ଅନୁପାଳନ କରି ଓଡିଶା ଭିଜିଲାନ୍ସ ନିରବଚ୍ଛିନ୍ନ ଭାବେ ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ବୋଲି ସେ କହିଥିଲେ । ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଭିଜିଲାନ୍ସ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଅସିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଇସ୍ରାଏଲରେ...

ହୋଇଥିବା ଯୁଦ୍ଧକୁ ନେଇ ନେତାନ୍ୟାହୁଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠୁଥିବାବେଳେ ଏହି ନିର୍ବାଚନ ତାଙ୍କ ପାଇଁ ଏକ ବଡ଼ ପରୀକ୍ଷା ବୋଲି ବିବେଚନା କରାଯାଉଛି । ୭୭ ବର୍ଷୀୟ ନେତାନ୍ୟାହୁ ବିଭିନ୍ନ ପର୍ଯ୍ୟାୟରେ ୧୯ ବର୍ଷରୁ ଅଧିକ ସମୟ ଧରି ଇସ୍ରାଏଲର ପ୍ରଧାନମନ୍ତ୍ରୀ ରହିଛନ୍ତି । ପୁନର୍ବାର କ୍ଷମତାକୁ ଫେରିବା ପାଇଁ ସେ ଉଦ୍ୟମ କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ଜାତୀୟ ସୁରକ୍ଷା, ଉତ୍ତରଦାୟିତ୍ୱ ଏବଂ ଅକ୍ଟୋବର ୭ ଆକ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ପ୍ରମୁଖ ପ୍ରସଙ୍ଗ କରିଛନ୍ତି ।

ଇସ୍ରାଏଲର ପୂର୍ବତନ ସେନା ମୁଖ୍ୟ ତଥା ୟାଶାର୍ ପାର୍ଟିର ନେତା ଗାଦି ଆଇଜେନକୋଟ୍ ନେତାନ୍ୟାହୁଙ୍କ ନେତୃତ୍ୱକୁ ଦେଶର ସୁରକ୍ଷା ପାଇଁ ବିପଦ ବୋଲି ଅଭିହିତ କରିଛନ୍ତି । ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ଏବଂ ସୁରକ୍ଷା ବ୍ୟବସ୍ଥାର ବିଫଳତା ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ସରକାର ପରିବର୍ତ୍ତନ ଜରୁରୀ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ଅନ୍ୟପକ୍ଷରେ, ନେତାନ୍ୟାହୁ ସମ୍ଭାବ୍ୟ ବିରୋଧୀ ମେଣ୍ଟର ରାଜନୈତିକ ସ୍ୱରୂପକୁ ପ୍ରମୁଖ ପ୍ରସଙ୍ଗ କରିଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନେ ବାମପନ୍ଥୀ ଚିନ୍ତାଧାରାର ମେଣ୍ଟ ଗଠନ କରି ଆରବ ଦଳଗୁଡ଼ିକର ସମର୍ଥନ ଉପରେ ନିର୍ଭର କରିପାରନ୍ତି ବୋଲି ସେ କହିଛନ୍ତି ।

ଇସ୍ରାଏଲରେ ଆନୁପାତିକ ପ୍ରତିନିଧିତ୍ୱ ଆଧାରରେ ନିର୍ବାଚନ ହୋଇଥାଏ । ଏଠାରେ ଭୋଟରମାନେ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ନୁହେଁ, ବରଂ ରାଜନୈତିକ ଦଳଗୁଡ଼ିକୁ ଭୋଟ୍ ଦେଇଥାନ୍ତି । ଦେଶର ସଂସଦ କ୍ନେସେଟ୍‌ରେ ମୋଟ ୧୨୦ଟି ଆସନ ରହିଛି । ସରକାର ଗଠନ ପାଇଁ କୌଣସି ଦଳ କିମ୍ବା ମେଣ୍ଟକୁ ଅତି କମ୍‌ରେ ୬୧ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ । ସଂସଦରେ ପ୍ରବେଶ କରିବା ପାଇଁ ଏକ ଦଳକୁ ଜାତୀୟ ସ୍ତରରେ ଅତି କମ୍‌ରେ ୩.୨୫ ପ୍ରତିଶତ ଭୋଟ୍ ପାଇବାକୁ ପଡ଼ିଥାଏ । ଏହା ପରେ ଯୋଗ୍ୟ ଦଳଗୁଡ଼ିକ ମଧ୍ୟରେ ଭୋଟ୍ ଅନୁପାତରେ ଆସନ ବଣ୍ଟନ କରାଯାଏ ।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଇସ୍ରାଏଲର ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ନିର୍ବାଚିତ ଦଳଗୁଡ଼ିକର ନେତାଙ୍କ ସହ ଆଲୋଚନା କରିବେ । ଏହା ପରେ କିଏ ସରକାର ଗଠନ କରିବାରେ ସକ୍ଷମ ହେବେ, ତାହା ବିଚାର କରି ଜଣେ ସାଂସଦଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିବେ । ମନୋନୀତ ପ୍ରାର୍ଥୀଙ୍କୁ ମେଣ୍ଟ ସରକାର ଗଠନ ପାଇଁ ପ୍ରଥମେ ୨୮ ଦିନ ସମୟ ମିଳିବ । ଆବଶ୍ୟକ ହେଲେ ଏହି ଅବଧିକୁ ଆଉ ୧୪ ଦିନ ବଢ଼ାଯାଇପାରିବ । ଏହି ନିର୍ବାଚନର ଫଳାଫଳ ନେତାନ୍ୟାହୁଙ୍କୁ ପୁଣି କ୍ଷମତାକୁ ଫେରାଇବ ନା ବିରୋଧୀ ଦଳଗୁଡ଼ିକ ଏକଜୁଟ ହୋଇ ବିକଳ୍ପ ସରକାର ଗଠନ କରିବେ, ତାହା ସ୍ପଷ୍ଟ କରିବ ।

ଅନୁମତି...

ପ୍ରକାରର ସେନ୍‌ସରସିପ୍ ବା ନିୟନ୍ତ୍ରଣ ବ୍ୟବସ୍ଥା ସୃଷ୍ଟି ହୋଇପାରେ । ଖବର ପ୍ରକାଶ ପରେ କୌଣସି ଭୁଲ୍ ହୋଇଥିଲେ ଗଣମାଧ୍ୟମ ଉତ୍ତରଦାୟୀ ରହିବ, କିନ୍ତୁ ପ୍ରକାଶ ପୂର୍ବରୁ ଖବରକୁ ଅଟକାଇ ଦେବା ଉଚିତ୍ ନୁହେଁ ବୋଲି ସେ କହିଥିଲେ ।

ଏହାର ଉତ୍ତରରେ ପ୍ରଧାନ ବିଚାରପତି କହିଥିଲେ ଯେ ଆବେଦନକାରୀମାନେ ଏହି ଆଇନର ଦୁରୁପଯୋଗ ରୋକିବା ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇପାରିବେ । ସେମାନେ ଏହି କ୍ଷେତ୍ରର ବିଶେଷଜ୍ଞ ହୋଇଥିବାରୁ ଦୁରୁପଯୋଗ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ପ୍ରସ୍ତାବ ଦେବାକୁ ଖଣ୍ଡପୀଠ କହିଥିଲେ ।

ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଡିଏନ୍‌ପିଏ ୨୦୨୬ ଅଗଷ୍ଟ ୧୦ରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ ଏହି ଆଇନର କାର୍ଯ୍ୟକାରିତା ନେଇ ନିଜର ଆପତ୍ତି ଜଣାଇଥିଲା । ଅଗଷ୍ଟ ୨୫ରେ ସଂଗଠନର ପ୍ରତିନିଧି ଓ ମନ୍ତ୍ରଣାଳୟର ଅଧିକାରୀଙ୍କ ମଧ୍ୟରେ ଏ ନେଇ ଏକ ବୈଠକ ମଧ୍ୟ ହୋଇଥିଲା । ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି ହେଉଛି, ଡିପିଡିପି ଆଇନରେ ସାମ୍ବାଦିକତା କାର୍ଯ୍ୟ ପାଇଁ ସ୍ପଷ୍ଟ ଛାଡ଼ ବ୍ୟବସ୍ଥା ନାହିଁ । ଏହା ଫଳରେ ସମ୍ବାଦ ପ୍ରକାଶକ, ସମ୍ପାଦକ, ସାମ୍ବାଦିକ ଓ ସମ୍ବାଦଦାତାଙ୍କୁ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଓ ବ୍ୟବହାର କରିବା ସମୟରେ ନୋଟିସ୍ ଦେବା, ପୂର୍ବ ଅନୁମତି ନେବା ଏବଂ ତଥ୍ୟ ହଟାଇବା ଭଳି ସର୍ତ୍ତ ପାଳନ କରିବାକୁ ପଡ଼ିପାରେ । ଏହି ସର୍ତ୍ତଗୁଡ଼ିକ ସାମ୍ବାଦିକତାର ସ୍ୱାଭାବିକ କାର୍ଯ୍ୟପ୍ରଣାଳୀ ସହ ସମନ୍ୱୟ ରକ୍ଷା କରୁନାହିଁ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି ।

ଏଥିସହ ଆଇନର ଧାରା ୧୭(୨) ଅନୁଯାୟୀ ଗବେଷଣା, ଅଭିଲେଖ ସଂରକ୍ଷଣ ଓ ପରିସଂଖ୍ୟାନ ପ୍ରକ୍ରିୟା ଭଳି କିଛି କାର୍ଯ୍ୟକୁ ଛାଡ଼ ଦିଆଯାଇଥିବାବେଳେ ଜନସ୍ୱାର୍ଥରେ କରାଯାଉଥିବା ସାମ୍ବାଦିକତାକୁ ସମାନ ଛାଡ଼ ନ ଦେବା ଅଯୌକ୍ତିକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଅପରପକ୍ଷରେ, ଅପରାଧିକ ଆଇନ ଲାଗୁ କରିବା ସମ୍ପର୍କିତ କେତେକ କାର୍ଯ୍ୟରେ ସରକାରଙ୍କୁ ଛାଡ଼ ମିଳୁଥିବାବେଳେ ସାମ୍ବାଦିକମାନଙ୍କ ପ୍ରତି ଭିନ୍ନ ନିୟମ ଲାଗୁ କରାଯାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି ।

ଆଇନର ଧାରା ୩୬, ନିୟମ ୨୩ ଓ ଡିପିଡିପି ନିୟମାବଳୀର ସପ୍ତମ ଅନୁସୂଚୀକୁ ମଧ୍ୟ ଆବେଦନରେ ଚ୍ୟାଲେଞ୍ଜ କରାଯାଇଛି । ଏହି ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସରକାର ତଥ୍ୟ ପରିଚାଳନାକାରୀ ସଂସ୍ଥା ଓ ମଧ୍ୟସ୍ଥମାନଙ୍କଠାରୁ ସୂଚନା ମାଗିବାର ବ୍ୟାପକ କ୍ଷମତା ପାଇଛନ୍ତି । କିନ୍ତୁ ଏଥିରେ ନ୍ୟାୟିକ ତଦାରଖ, ଆବଶ୍ୟକତା ଓ ଆନୁପାତିକତାର ମାନଦଣ୍ଡ କିମ୍ବା ପ୍ରଭାବିତ ବ୍ୟକ୍ତିଙ୍କୁ ଆଗୁଆ ସୂଚନା ଦେବା ଭଳି ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିବା ଆବେଦନକାରୀ ଦାବି କରିଛନ୍ତି ।

ଡିପିଡିପି ଆଇନର ଧାରା ୧୮, ୧୯ ଓ ୨୭ ଅନୁଯାୟୀ ଗଠିତ ଭାରତୀୟ ତଥ୍ୟ ସୁରକ୍ଷା ବୋର୍ଡର ଗଠନ ଓ କ୍ଷମତାକୁ ମଧ୍ୟ ଆବେଦନକାରୀମାନେ ଚ୍ୟାଲେଞ୍ଜ କରିଛନ୍ତି । ଏହି ବୋର୍ଡ ବ୍ୟକ୍ତିଗତ ତଥ୍ୟ ଉଲ୍ଲଂଘନ ଓ ଆଇନର ଅନ୍ୟାନ୍ୟ ବ୍ୟବସ୍ଥାର ଉଲ୍ଲଂଘନ ସମ୍ପର୍କିତ ତଦନ୍ତ କରିବା ସହ ଜରିମାନା ଲଗାଇବା ଭଳି ନ୍ୟାୟିକ ପ୍ରକୃତିର କ୍ଷମତା ପ୍ରୟୋଗ କରେ ।

କିନ୍ତୁ ବୋର୍ଡର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସରକାର ନିଯୁକ୍ତ କରୁଥିବାବେଳେ ଏଥିରେ ଜଣେ ନ୍ୟାୟିକ ସଦସ୍ୟ ରହିବା ବାଧ୍ୟତାମୂଳକ ନୁହେଁ । ମୌଳିକ ଅଧିକାର ସହ ଜଡ଼ିତ ମାମଲାରେ ଏପରି ଏକ ସରକାରୀ ସଂସ୍ଥାକୁ ବିଚାରମୂଳକ କ୍ଷମତା ଦେବା ନେଇ ଆବେଦନକାରୀ ସାମ୍ବିଧାନିକ ପ୍ରଶ୍ନ ଉଠାଇଛନ୍ତି ।

ଡିପିଡିପି ଆଇନର ଧାରା ୪୪(୩) ମାଧ୍ୟମରେ ସୂଚନା ଅଧିକାର ଆଇନ, ୨୦୦୫ର ଧାରା ୮(୧)(ଜେ)ରେ କରାଯାଇଥିବା ପରିବର୍ତ୍ତନକୁ ମଧ୍ୟ ଆବେଦନକାରୀମାନେ ବିରୋଧ କରିଛନ୍ତି । ସେମାନଙ୍କ ମତରେ, ଏହି ସଂଶୋଧନ ବ୍ୟକ୍ତିଗତ ସୂଚନା ପ୍ରକାଶ ଉପରେ ବ୍ୟାପକ କଟକଣା ସୃଷ୍ଟି କରୁଛି । ଏପରିକି କୌଣସି ସୂଚନା ସରକାରୀ କାର୍ଯ୍ୟକଳାପ ସହ ଜଡ଼ିତ ହୋଇଥିଲେ, ଜଣେ ସରକାରୀ ଅଧିକାରୀଙ୍କ ସରକାରୀ ଦାୟିତ୍ୱ ସମ୍ପର୍କିତ ହୋଇଥିଲେ କିମ୍ବା ବୃହତ୍ତର ଜନସ୍ୱାର୍ଥରେ ତାହା ପ୍ରକାଶ କରିବା ଆବଶ୍ୟକ ହୋଇଥିଲେ ମଧ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।

ପୂର୍ବ ବ୍ୟବସ୍ଥାରେ ବ୍ୟକ୍ତିଗତ ସୂଚନାର ସାଧାରଣ କାର୍ଯ୍ୟକଳାପ କିମ୍ବା ଜନସ୍ୱାର୍ଥ ସହ ସମ୍ପର୍କ ନଥିଲେ ତାହା ପ୍ରକାଶ କରିବାକୁ ମନା କରାଯାଇପାରୁଥିଲା । ତେବେ ଆଇନର ଅନ୍ୟାନ୍ୟ ବ୍ୟବସ୍ଥା ଓ ବ୍ୟତିକ୍ରମ ଅନୁଯାୟୀ ବୃହତ୍ତର ଜନସ୍ୱାର୍ଥ ଥିଲେ ସୂଚନା ପ୍ରକାଶ କରିବାର ସୁଯୋଗ ରହିଥିଲା । ଏହି ବ୍ୟବସ୍ଥା ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଓ ଜନସାଧାରଣଙ୍କ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରୁଥିଲା ବୋଲି ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି ।

ଏହି ଯୁକ୍ତି ସମର୍ଥନରେ ସେମାନେ ସୁପ୍ରିମକୋର୍ଟଙ୍କ 'ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ବନାମ ଭାରତ ସରକାର' ନିର୍ବାଚନୀ ବଣ୍ଡ ମାମଲାର ରାୟକୁ ଉଲ୍ଲେଖ କରିଛନ୍ତି । ଗୋପନୀୟତାର ଅଧିକାର ନାମରେ ଜନସାଧାରଣଙ୍କ ଜାଣିବାର ମୌଳିକ ଅଧିକାରକୁ ବଳି ଦିଆଯାଇପାରିବ ନାହିଁ ବୋଲି ସେମାନଙ୍କ ଯୁକ୍ତି ।

ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଏଡିପି ଲ' ଅଫିସେସ୍ ଓ ଆଇନଜୀବୀ ଅନୁଜ ତିୱାରୀ ମାମଲା ପରିଚାଳନା କରୁଛନ୍ତି । ସୁପ୍ରିମକୋର୍ଟ ଆବେଦନ ସହ ଆଇନର କେତେକ ବ୍ୟବସ୍ଥା ଉପରେ ରୋକ୍ ଲଗାଇବା ପାଇଁ କରାଯାଇଥିବା ଅନୁରୋଧ ଉପରେ ମଧ୍ୟ ନୋଟିସ୍ ଜାରି କରିଛନ୍ତି । ନଭେମ୍ବର ୧୭ରେ ଏହାର ଜବାବ ଶୁଣାଣି ହେବ । ଚଳିତ ବର୍ଷ ଫେବୃଆରୀରେ ସୂଚନା ଅଧିକାର ଆଇନରେ ସଂଶୋଧନକୁ ଚ୍ୟାଲେଞ୍ଜ କରୁଥିବା ଅନ୍ୟ ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ତିନିଜଣିଆ ଖଣ୍ଡପୀଠକୁ ପଠାଇଥିଲେ ।

ସଂଗ୍ରାମ...

ସିଂ ରାଠୋରଙ୍କୁ ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରଣତି ଛୋଟରାୟଙ୍କୁ ଓମ୍‌ଫେଡ୍ ଏମଡି ଭାବେ ନିଯୁକ୍ତି ଦିଆଯାଇଛି । ଶୁଭ୍ର କୁମାର ପଣ୍ଡାଙ୍କୁ ତାଙ୍କର ମୂଳ ଦାୟିତ୍ୱ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ୟୁନିୟନ୍ ନିର୍ଦ୍ଦେଶକ ସହ ଓଡିଶା କୃଷି ଶିକ୍ଷା ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଟିଆରଡି-କେକିପି-ଡବ୍ଲୁ-୨୦୨୬ ୨୬-୨୬, ତାରିଖ ୨୬.୧୦.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ତରଫରୁ, ବରିଷ୍ଠ ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର-୭୨୧୩୦୧ (ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର-୭୨୧୩୦୧) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିର୍ଦ୍ଦିଷ୍ଟ ତାରିଖରେ ଅପରାହ୍ନ ୧୫.୦୦ ଘଟିକା ପୂର୍ବରୁ ଟେଣ୍ଡର ଦାଖଲ କରିବାକୁ ହେବ ଏବଂ ସେହି ଦିନ ଅପରାହ୍ନ ୧୫.୩୦ ଘଟିକାରେ ଏହା ଖୋଲାଯିବ । କାର୍ଯ୍ୟର ବିବରଣୀ: ଖଡ଼ଗପୁର ଡିଭିଜନର ସ୍ଥିର ସମ୍ପତ୍ତିଗୁଡ଼ିକର ଭୌଗୋଳିକ-ସ୍ଥାନୀୟ ମାନଚିତ୍ରଣ ଏବଂ ସେଗୁଡ଼ିକର ଅବସ୍ଥା ଆକଳନ । ଟେଣ୍ଡର ମୂଲ୍ୟ: ଟ. ୬୧,୬୧,୪୨୨.୦୨ ଟଙ୍କା (ଅର୍ନେଷ୍ଟ ମନି ଡିପୋଜିଟ୍): ଟ. ୧,୨୩,୪୦୦/- । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ : କିଛି ନାହିଁ (ଶୂନ୍ୟ) । କାର୍ଯ୍ୟ ସମ୍ପାଦନ ଅବଧି : ୧୨ (ବାର) ମାସ । ଦାଖଲ କରିବାର ଶେଷ ସମୟ : ୧୮.୧୧.୨୦୨୬ ତାରିଖ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲିବା ତାରିଖ: ୧୮.୧୧.୨୦୨୬ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟ ବିବରଣୀ (ସ୍ପେସିଫିକେସନ) ପାଇଁ ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଡ୍ ଦାଖଲ କରିପାରିବେ। ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ (କାଗଜପତ୍ର ଆଧାରିତ) ଟେଣ୍ଡର ଗ୍ରହଣ କରାଯିବ ନାହିଁ। ସୂଚନା : ଆଗାମୀ ବିଡରମାନେ ବିଭିନ୍ନ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ । (PR-946)

ଦ.ପୂ. ରେଳପଥ-ଟେଣ୍ଡର

ସଂଶୋଧନ

ଇ-ଟେଣ୍ଡର ନଂ ST-CKP-OT-୨୬-୨୭-୧୨୦ ଅଧୀନରେ ଥିବା କାର୍ଯ୍ୟର ନାମକୁ "ବାହାଲଦା ରୋଡ୍ ଠାରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ୍ ନିର୍ମାଣ ପାଇଁ ST" କାର୍ଯ୍ୟ ବୋଲି ପଢ଼ାଯିବ । ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

OFFICE OF THE SUPERINTENDING ENGINEER
TELENGIRI CANAL DIVISION, AMBAGUDA
DIST-KORAPUT (O), PIN-764055,
E-mail: setcdambaguda@gmail.com

32001/1143/2627

CANCELLATION OF TENDER

Lr No. 1593 Date : 21.10.26

Online Tenders invited vide this office e-Procurement Notice No. SE-TCD-02/2026-27 Dt:29.09.2026 for the works bearing Tender ID No.2026_IKBBJ_142072_1, Tender ID No.2026_ IKBBJ_142142_1, Tender ID No.2026_ IKBBJ_142152_1 is here by cancelled due to following reasons :-

Sl. No.	Tender IDs	Name Of Work	Reason
1	2026_IKBBJ_142072_1	Strengthening To Vulnerable Reaches At RD 920M To 985M Of Charamula-Gumuda SM EX-RD 3750mtr Of RR Disty. Of TMIP.	Receipt of Single Bid in three Tenders.
2	2026_IKBBJ_142142_1	Strengthening To Vulnerable Reaches At RD 375M To 430M Of Kenduguda-Gumuda S/M EX-RD 26460mtr Of Main Canal. Of TMIP.	
3	2026_ IKBBJ_142152_1	G.C.I sheet Roofing on Roof top of the UKP Guest House including Gutter (PVC Pipe) for drain rain water.	

Sd/- Superintending Engineer
Telengiri Canal Division, Ambaguda

OIPR : 32001/32434/1/26-27/0003

OFFICE OF THE EXECUTIVE ENGINEER : GROUND WATER DEVELOPMENT DIVISION-1 HP BUILDING, UNIT-8, DELTA SQUARE, BHUBANESWAR-751012
[Phone No. 2561040 (O), email:executiveengineerhpbbsr@gmail.com]

32001/1139/2627

"e" Procurement Notice No. 1354 of 2026-27 Dt. 27.10.26
Bid Identification No. GWD DIV-I BBSR-19/26-27

Executive Engineer, GWD Division-I , Delta square Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1	Nature of the Work	Civil Work
2	Name of the Work:	Construction of 6nos of Rooftop rainwater Harvesting Structures at Sainik School,Bhubaneswar of Khordha district for the FY -2026-27.
3	Approximate amount put to tender	Rs.21.85 Lakh
4	Period of Completion	2 (Two) Calendar Months
5	Class of Contractor	"B" & "C" Class Contractor
6	Date & time of Availability of Bid document in the portal	Dt. 02.11.2026 at 11.00 AM to 12.11.2026 up to 11.00 AM
7	Last date & time of receipt of Bids in the Portal	Dt. 12.11.2026 up to 11.00 AM
8	Date, time & place of opening of Technical/ Financial Bid/s	Dt. 12.11.2026 at 11.30 AM in O/o the EE GWD Divn-I
9	Name & address of the officer inviting Bid	OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING.UNIT-8. DELTA SQUARE.BHUBANESWAR-751012

Further details can be seen from the Govt, website **www.tendersodisha.gov.in.**
Any addendum/corrigendum/cancellation of tender can also be seen in the said website.

Sd/- Executive Engineer GWD division I

OIPR : 32001/32331/1/26-27/0014

ODISHA LIFT IRRIGATION CORPORATION LIMITED
(A Government of Odisha Undertaking) Email ID-eeliangul@gmail.com
OFFICE OF THE EXECUTIVE ENGINEER, L.I. DIVISION, ANUGOLA

e- Tender Notice

Bid Identification No E.E. ANUGOLA (OLIC 02/2026-27 Date 14.10.2026

32001/1140/2627

CORRIGENDUM

No. 1200 Dt. 26.10.2026

Due to unavoidable circumstances, the following modification has been made to the BID Identification No.02/2026-27 dt. 14.10.2026

Procurement Officer	Bid Identification No.	Availability of tender On-line for bidding		Last date & time of seeking tender clarification	Date & Time of Opening of tender in the office of the Executive Engineer, L.I. Division, Anugola
		From	To		
1	2	3	4	5	6
Executive Engineer, L.I. Division, Anugola	02/2026-27	07.11.2026 10.00 AM	17.11.2026 Up to 5.00 PM	16.11.2026	18.11.2026 11.00 AM

Other terms & conditions remains shall be unaltered.

Sd/- Executive Engineer
L.I. Division, Anugola

OIPR : 32001/32327/1/26-27/0003

8001/407/2627

GOVERNMENT OF ODISHA

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା

OFFICE OF THE DIVISIONAL FOREST OFFICER CUM WILDLIFE WARDEN
RAURKELA FOREST DIVISION, RAURKELA, SUNDARGARH, ODISHA
Phone No. 0661-2664637. Fax No. 0661-2664639
e mail- dfo.rourkela@odisha.gov.in
Order No. 359 / Dtd. 22.10.2026

INVITATION FOR BIDS (IFB)
E-Procurement Bid Identification
No. RKL -F.E & C.C/2026-27 Dtd.22.10-2026

1.	Name of work	Construction of Water Harvesting Structures, (WHS-RCC Check Dam) at Rutkupedi RF, Beat: Garjan, Section: Kalunga, Forest Range: Kuarmunda.
2.	No. of works	01 Nos.
3.	No. of covers	SINGLE Cover
4.	Estimated Cost	Rs. 16,90,177.00
5.	Period of Completion	03 Calendar Months
6.	Date & Time of availability of bid documents in portal	From 11:00 A.M of date 27.10.2026 to 05:00 P.M. of dated 07.11.2026
7.	Last date/ time for receipt of bids in the portal	Up to 05:00 P.M. of dated 07.11.2026
8.	Date of opening of bid documents	At 11:00 A.M. of date 09.11.2026
9.	Class of Contractor	"D" & "C" Class Contractor
10.	Name and address of officer inviting Bid	Divisional Forest Officer, Raurkela Forest Division.

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.

Sd/- Divisional Forest Officer,
Raurkela Forest Division.

OIPR : 8001/8044/1/26-27/0003

"e" PROCUREMENT NOTICE
REFERENCE NO-E.E.(A), MAYURBHANJ DIVISION.
BARIPADA-03/26-27

1001/193/2627

No. 1753 Date : 26.10.26

Bid documents consisting of work, estimate cost, cost of Tender Papers, EMD/BID Security Declaration. Time of Completion. Class of Contractors and the set of terms and conditions of contract and other necessary documents can be seen/ downloaded from Govt, website i.e. **https://tenderodisha.gov.in.**

1.	No of work	16
2.	Estimated Cost	Rs. 297265.00 To Rs. 19.34,365.00
3.	Period of completion	90 days
4.	Date & time of availability of the bid documents in portal	Dt. 29.10.2026 at 10.30 AM to Dt. 09.11.2026 at 5.30 PM
5.	Online Submission Last date in portal	Dt. 09.11.2026 at 5.30 PM
6.	Last date & time receipt of bids in offline drop	Dt. 30.10.2026 at 10.30 AM to Dt. 10.11.2026 at 5.30 PM
7.	Bids received online shall be opened on	Dt. 11.11.2026 at 11.00 AM
8.	Name and address of the officer inviting Bids	Executive Engineer (Agril.) Mayurbhanj Division. Baripada

Further details can be seen/ downloaded from the procurement portal i.e. **https://tenderodisha.gov.in.**

Sd/- Executive Engineer (Agril.)
Mayurbhanj Division. Baripada

OIPR : 1001/1474/1/26-27/0002

BRAHMAPUR MUNICIPAL CORPORATION,GANJAM
INVITATIONS FOR BIDS (IFB)

13001/2256/2627

Letter No. 16511/ Date : 14.10.26

Invitation for Bids
COMPETATIVE BIDDING THROUGH E-PROCUREMENT
Bid Identification No BMC (BAM) 1336/ 2026-2027

1	The Municipal Commissioner, BRAHMAPUR, invites percentage rate bids in ONLINE MODE only, as per annexure "A"	
2	Nature of work	Works 17
3	No. of work	Nos
4	Bid Cost.	The bidders shall remit online the cost of bid document for amount through the process as mentioned in the DTCN as per Annexure "A"
5	E.M.D	The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security Exemption from EMD is permissible as per codal provisions of Govt Of Odisha as per Annexure "A
6	Class of Contractor	AS per the Annexure "A"
7	Availability of Bid Documents in the website	From 15 05hrsof Dt. 27.10.26 to 17.00 hrs of 09.11.26
8	Date & Time of Opening of the Bids	11.30 hrs onwards on Dt . 10.11.26
9	Mode of submission of tender	Tender Should submitted On line in **www.tenders orissa.gov.in**
10	The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in.** Any addendum / corrigendum / cancellation of tender can also be seen in the said website only.	

Signatures-valid
Signed by: Akavaram/Sasya Reddy,
Commissioner
Brahampur Municipal Corporation

OIPR : 13001/13035/1/26-27/0030

13001/2238/2627 e-mail: eephbhpt@gmail.com

GOVERNMENT OF ODISHA
OFFICE THE SUPERINTENDING ENGINEER
PUBLIC HEALTH DIVISION BHABANIPATANA
Parmanandpur. Railway Station Road. Bhabanipatana
Dist Kalahand. PIN -766002

NATIONAL COMPETITIVE BIDDING THROUGH e-Procurement
Identification No. SEPHD-BHPT- 52 of 2026-27/ Dt 22.10.2026

e-Procurement Notice

1.	Name of the Work	3 nos Work
2.	Type of Bid	Single Bid System
3.	Estimated Cost	Rs. 16 23 Lakh to Rs 33.72 Lakh
4.	Period of Completion	02 to 04 Calendar Months
5.	Date & Time of availability of bid document in the portal	From 11.00 AM of dt. 28.10.2026 to 5.00 PM of 06.10.2026
6.	Last date / time of receipt of bids in the portal	5.00 PM of 06 10.2026.
7.	Date & Time of opening of technical bids	At 11.30 AM of 07.10.2026
8.	Name and Address of the Officer Inviting Bid	Additional Chief Engineer. P.H. Division, Bhabanipatana . Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the website http://tenders.ori.nic.in or www.tendersorissa.gov.in

Sd/- Additional Chief Engineer,
P.H. Division, Bhabanipatana

OIPR : 13001/13059/1/26-27/0013

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

ସାଇନାପ୍ସ କୁଇଜ୍ ଫେଷ୍ଟିଭାଲ୍‌ରେ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

କିଟ୍ ଇଣ୍ଟରନ୍ୟାସନାଲ୍, ସିଡିଏ ଡିଏଭି , ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ୍ ଓ ଓୟୁଟିଆର ବିଜେତା

କଟକ, (ସବ୍ୟୁ): କୁଇଜାର୍ଡ ଓ ହ୍ୱାଇଟ୍ କାନଭାସ୍‌ର ମିଳିତ ଆନୁକୂଲ୍ୟରେ ତଥା ରୁଚି ଫୁଡ୍‌ଲାଇନ୍ ଓ ଡମ୍ବୁରୁ ଆପ୍ ପ୍ରାୟୋଜିତ ଦ୍ୱୈତ ନଗରୀର ସର୍ବବୃହତ୍ ଦ୍ୱିଭାଷୀୟ କୁଇଜ୍ ପ୍ରତିଯୋଗିତା 'ସାଇନାପ୍ସ-୨୦୨୬'ର ଦଶମ ସଂସ୍କରଣ ସହିଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଏହି ପ୍ରତିଯୋଗିତାରେ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏବଂ ୫୦୦ରୁ ଅଧିକ ଅଭିଭାବକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଡମ୍ବୁରୁର ପ୍ରତିଷ୍ଠାତା ସମ୍ୟକ ମହାନ୍ତି, ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ଓ ରୁଚି ଫୁଡ୍‌ଲାଇନ୍‌ର ଅଧକ୍ଷା ସଙ୍ଗୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଇଜ୍ ମାଷ୍ଟର୍ ଭାବେ ଟିମ୍ କୁଇଜାର୍ଡର ସିଦ୍ଧାର୍ଥ, ପ୍ରତିମାନ, ମନଶ୍ୱେତା, ଶାନ୍ତନୁ, ରବମିତ, ପ୍ରତୀକ ଓ ଅଙ୍ଗଶୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟ ଅତିଥି ଏବଂ ମେୟର



ସୁବାସ ସିଂହ, ରୁଚି ଫୁଡ୍‌ଲାଇନ୍‌ର ମାର୍କେଟିଂ ହେଡ୍ ଦେବଦତ୍ତ ସାହା, ସେଣ୍ଟ ଜାଭିୟର୍ସର ଅଧକ୍ଷ ପ୍ରଭୁ ଚରଣ ମହାନ୍ତି, ଉପାଧକ୍ଷା ସ୍ନିଗ୍ଧା ମହାନ୍ତି ଓ ପିପୁଲ୍ ପଦ୍ମଜା ହୋଟେଲ୍‌ର ମୁଖ୍ୟ ଅଧିକାରୀ ସୁବ୍ରତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ।ଓଡ଼ିଆ କୁଇଜ୍‌ରେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ୍‌ର ମିହିର ଶତପଥୀ ଓ ଶ୍ରୀତମ ପ୍ରିୟଦର୍ଶୀ ସାହୁ ପ୍ରଥମ, ସନ୍ଦୀପ ସାମନ୍ତରାୟ ଓ ସୋମ ପ୍ରୟାସ ମହାରଣା ଦ୍ୱିତୀୟ ଏବଂ ଏସ୍‌ଏସ୍‌ଭିଏମ୍, ନୟାବଜାରର ଅମ୍ରିତା ଗୁରୁ ଓ ଅସୀମା ବରାଳ ତୃତୀୟ ସ୍ଥାନ ହାସଲ କରି ଶ୍ରେଷ୍ଠ ବାଳିକା ଦଳର ପୁରସ୍କାର ମଧ୍ୟ ପାଇଥିଲା। ଇଂରାଜୀ କୁଇଜରେ କିଟ୍ ଇଣ୍ଟରନ୍ୟାସନାଲ୍‌ର ଅଦ୍ୱୈତ୍ ଷଡ଼ଙ୍ଗୀ ଓ ସ୍ୱସ୍ତିକା ମିଶ୍ର ପ୍ରଥମ, ଡିଏଭି ସିଡିଏର ସ୍ୱରିତ କୁମାର ସ୍ୱାଇଁ ଓ ପ୍ରିୟାଂଶୁ ପ୍ରତୀକ ପ୍ରଧାନ ଦ୍ୱିତୀୟ ଏବଂ ଲୟୋଲା ସ୍କୁଲ୍‌ର ଅଭିଜ୍ଞା ମହାନ୍ତି ଓ ଆଦିତ୍ୟ ବରାଳ ତୃତୀୟ ହୋଇଥିଲେ। ଚଳିତ ବର୍ଷ ପ୍ରଥମଥର ପାଇଁ ଆୟୋଜିତ 'ଫ୍ୟାମ୍ ଜାମ୍' କୁଇଜ୍‌ରେ ଡିଏଭି ସିଡିଏର ସାଇ ସହସ୍ରାଂଶୁ ଓ ତାଙ୍କ ମାଆ ପଦ୍ମିନୀ ପ୍ରିୟଦର୍ଶିନୀ ପ୍ରଥମ, ସାଇ ଇଣ୍ଟରନ୍ୟାସନାଲ୍‌ର ହମ୍ବିକା ଦିଗବି ଓ ତାଙ୍କ ପିତା ପ୍ରଫୁଲ୍ଲ ଦାସ ଦ୍ୱିତୀୟ ଏବଂ ଡିଏଭି ସିଡିଏର କ୍ଷୀରାବ୍ଧି ରାୟ ଓ ତାଙ୍କ ପିତା ରାଜା ସନ୍ଦୀପ ରାୟ ତୃତୀୟ ହୋଇଥିଲେ। ସ୍ନାତକସ୍ତରୀୟ କୁଇଜ୍‌ରେ ଓୟୁଟିଆର୍‌ର ଆଦର୍ଶ ମିଶ୍ର ପ୍ରଥମ, ଏସ୍‌ସିବି ମେଡିକାଲ୍ କଲେଜର ଆଶୀର୍ବାଦ ନାୟକ ଦ୍ୱିତୀୟ ଏବଂ ସେହି ଅନୁଷ୍ଠାନର ଅଭିନବ ପ୍ରକାଶ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ଲକିଡ୍ର, ଅନଲାଇନ୍ କୁଇଜ୍ ଓ 'ସ୍ପିରିଟ୍ ଅଫ୍ ସାଇନାପ୍ସ' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ମୁଖପତ୍ର "ବିରାଟ ଚଉଦୁଆର" ଲୋକାର୍ପିତ

ଚୌଦ୍ୱାର, (ସବ୍ୟୁ): ଆଜି ସଂଧାରେ ରୁପଯାତ୍ରା ପୂଜା କମିଟି ପକ୍ଷରୁ ସୂଚନା କେନ୍ଦ୍ର ଉଦ୍‌ଘାଟିତ ହେବା ସହ ଏହାର କମିଟିର ମୁଖପତ୍ର 'ବିରାଟ ଚଉଦୁଆର' ପତ୍ରିକାର ଶୁଭଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ମୁଖ୍ୟଅତିଥି, ଓଡ଼ିଆ ଚଳଚ୍ଚିତ୍ର ତାରକା ଅଶ୍ରୁମୋଚନ ମହାନ୍ତି ମୁଖ୍ୟବକ୍ତା, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ବିଶିଷ୍ଟ ଅତିଥି ଏବଂ ଇମ୍ଫାର ବରିଷ୍ଠ ଲୋକ ପ୍ରବନ୍ଧକ ମାନସ ରଂଜନ ବସନ୍ତିଆ, ଚୌଦ୍ୱାର ଟିପିସିଓଡିଏଲର ଏସ୍‌ଡିଓ ବିଶ୍ୱରଂଜନ ଦେହୁରୀ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ଉଦ୍ଧାର ଫାଉଣ୍ଡେସନ୍‌ର ଅଧକ୍ଷ ନରୋତ୍ତମ ଦାସ, ରୁପଯାତ୍ରା ପୂଜା କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ନାରାୟଣ ଚନ୍ଦ୍ର ସ୍ୱାଇଁ, ପତ୍ରିକା ସମ୍ପାଦକ ରାମଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

ଟେଣ୍ଡରରେ ଭାଗ ନେଇ ଜମା ଅର୍ଥ ଫେରସ୍ତ ନ ପାଇବା ମାମଲା

୬% ସୁଧ ହାର୍‌ରେ ସମସ୍ତ ଅର୍ଥ ଫେରସ୍ତ କର :ହାଇକୋର୍ଟ

କଟକ,(ସବ୍ୟୁ) : ବାଲିଘାଟ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଲେ । ଭାଗ ନେବା ପାଇଁ ୭ଲକ୍ଷ ଟଙ୍କା ଜମା ମଧ କଲେ। କିନ୍ତୁ ସେ ଏହି ଟେଣ୍ଡର ପ୍ରକ୍ରିୟାରେ ବାଲିଘାଟ ପାଇ ପାରିଲେ ନାହିଁ । ନିୟମ ଅନୁଯାୟୀ, ପ୍ରଶାସନ ପକ୍ଷରୁ ତାଙ୍କୁ ୭ଲକ୍ଷ ଟଙ୍କା ଫେରସ୍ତ କରଯିବା କଥା। ହେଲେ ୫ବର୍ଷ ପରେ ମଧ ଏହି ମୂଳ ଜମାରାଶି ଫେରସ୍ତ କରାନଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ତୁରନ୍ତ ୩ସପ୍ତାହ ମଧରେ ତାଙ୍କ ମୂଳ ଜମା ରାଶି ସହ ୬% ସୁଧ ହାରରେ ସମସ୍ତ ଅର୍ଥ ପ୍ରଦାନ ଲାଗି ଗଜପତି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ସୁଧ ରାଶିକୁ ଦାୟୀ ସରକାରୀ ଅଧିକାରୀଙ୍କଠାରୁ ଆଦାୟ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଆବେଦନକାରୀ ସତ୍ୟଜିତ୍ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଆଦେଶ ଦେବାସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ୨୦୨୧ ମସିହାରେ ଗଜପତି ଜିଲ୍ଲା କାଶିନଗର ତହସିଲ୍ ଅନ୍ତର୍ଗତ କିଟିଙ୍ଗି ବାଲିଘାଟର ନିଲାମ ଡକାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ଆବେଦନକାରୀଙ୍କ ସମେତ ଅନ୍ୟ କେତେଜଣ ଭାଗ ନେଇଥିଲେ। ନିଲାମ ପୂର୍ବରୁ ବିଭିନ୍ନ ଡକ୍ୟୁମେଣ୍ଟ ସହ ଆବେଦନକାରୀଙ୍କୁ ୭ଲକ୍ଷ ଟଙ୍କା ଜମା କରିବାକୁ ପଡ଼ିଥିଲା। କିନ୍ତୁ ଯଦି ନିଲାମରେ ସେ ବାଲିଘାଟ ପାଇନପାରନ୍ତି ତାହେଲେ ତାଙ୍କୁ ୭ଲକ୍ଷ ଟଙ୍କା ଫେରସ୍ତ ହେବ ବୋଲି ମଧ ଟେଣ୍ଡରରେ ନିୟମ ରହିଥିଲା। ଆବେଦନକାରୀ ଏହି ବାଲିଘାଟ ପାଇବାରେ ବିଫଳ ହୋଇଥିଲେ । ବାଲିଘାଟ ବିଫଳ ପରେ ତାଙ୍କୁ ତାଙ୍କ ଜମାରାଶି ଫେରସ୍ତ ଦିଆଯିବା କଥା। ଆବେଦନକାରୀ ଏନେଇ ଗଜପତି ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି କାଶିନଗର ତହସିଲ୍ଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ହେଲେ ତାଙ୍କୁ ତାଙ୍କ ଜମାରାଶି ଫେରସ୍ତ କରାଯାଇନଥିଲା। ଫଳରେ ବାଧ ହୋଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଅର୍ଣ୍ଣବର ମୁକାବିଲା ପାଇଁ ଟିପିସିଓଡିଏଲର ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ପାଣିପାଗ ପରିସ୍ଥିତି ଏବଂ ବାତ୍ୟା "ଅର୍ଣ୍ଣବ'ର ସମ୍ଭାବ୍ୟପ୍ରଭାବକୁ ଦୃଷ୍ଟିରେ ରଖିଟିପିସିଓଡିଏଲ୍ ବିଦ୍ୟୁତ୍ ବିତରଣ ଉଭିଭୂମିର ସୁରକ୍ଷା ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ଏକ ବ୍ୟାପକ ପ୍ରସ୍ତୁତି ଯୋଜନା ଲାଗୁ କରିଛି ।ଟିପିସିଓଡିଏଲ୍ ନିଜର ବିଜନେସ୍ କିନିଉଟି ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ (ବିସିଡିଏମପି) କାର୍ଯ୍ୟକାରୀ କରିବା ସହିତ ଏକ ସୁବ୍ୟବସ୍ଥିତ ବହୁସ୍ତରୀୟ ଜରୁରୀକାଳୀନ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛି । ନେଟଓ୍ୱାର୍କ ଜନିତ ସମ୍ଭାବ୍ୟ ସମସ୍ୟାରସମାଧାନ ପାଇଁ ସମ୍ବେଦନଶୀଳ ଉପକୂଳ ତଥା ଆଭ୍ୟନ୍ତରୀଣ ସର୍କଲଗୁଡ଼ିକରେ ଉତ୍ସର୍ଗୀକୃତ କୁଇକ୍-ରେସପନ୍ସ ଫିଲାସ୍କ୍ୱାଡ୍, ବୈଷୟିକ ରକ୍ଷଣାବେକ୍ଷଣ କର୍ମଚାରୀ ଏବଂ ମରାମତି ଗାଡ଼ି ମୁତୟନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରମୁଖ ପାନୀୟ ଜଳ ପମ୍ପ ଷ୍ଟେସନ୍ ଏବଂ ପ୍ରଶାସନିକ ବିପର୍ଯ୍ୟୟ ନିୟନ୍ତ୍ରଣ କାର୍ଯ୍ୟାଳୟ ଭଳିଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବଜାୟ ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଇଛି ।ଶୀଘ୍ର ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଟିପିସିଓଡିଏଲ୍ ନିଜର ପରିଚାଳନା ସର୍କଲ ଏବଂ ଡିଭିଜନ୍‌ଷ୍ଟୋରଗୁଡ଼ିକରେ ରଣନୈତିକ ଭାବେ ଜରୁରୀକାଳୀନ ସାମଗ୍ରୀ ମହଜୁଦ ରଖିଛି । ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ଏହା ଅଧୀନରେ ଥିବା ଡିଭିଜନ୍ ତଥା ସର୍କଲ ସ୍ତରୀୟନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଦ୍ୱାରା ଚବିଶ ଘଣ୍ଟିଆ ତଦାରଖ କରାଯାଉଛି । ସ୍ୱୟଂଚାଳିତ ବିତରଣ ନେଟଓ୍ୱାର୍କ ଏବଂ ସ୍କାଡା ବ୍ୟବସ୍ଥା ବ୍ୟବହାର କରି ଇଞ୍ଜିନିୟରମାନେ ରିଅଲ୍-ଟାଇମରେ ଫିଡର୍ ଲୋଡ୍ ଏବଂ ଲାଇନର ସ୍ଥିତି ଉପରେ ନଜରରଖୁଛନ୍ତି ବୋଲି ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ୍ ତଥା ଟିପିସିଓଡିଏଲର ସିଇଓ ଗଜାନନ କାଲେ କହିଛନ୍ତି ।

ଗଞ୍ଜେଇ ଜବତ, ଜଣେ ଗିରଫ

ଡେଲାଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ପୋଲିସ ଗୋଇଜବତକରି ଜଣଙ୍କୁ ଗିରଫ କରିଛି ।ଥାନା ଏସଆଇ ସୁଧାଂଶୁ ବାରିକ, ଏସଆଇ ଦେବୀ ପ୍ରସାଦ ଲେଙ୍କାଙ୍କ ସମେତ ପୁଲିସ ଟିମ ପେଟ୍ରୋଲିଂ କରୁଥିବା ସମୟରେ ହନୁମାନ ମନ୍ଦିର ନିକଟରେ ଜଣେ ବ୍ୟକ୍ତିର କାର୍ଯ୍ୟ କଳାପ ଉପରେ ସନ୍ଦେହ ହେବାରୁ ଥାନାକୁ ନେଇ ସେହି ବ୍ୟାଗକୁ ତଲାସ କରିବା ପରେ ସେଥିରେ ବିପୁଳ ପରିମାଣ ଗଂଜେଇ ଥିବା ପୋଲିସ ଜାଣିବାକୁ ପାଇଥିଲା । ସେହି ଗଂଜେଇକୁ ଜବତ କରିବା ସହ ପୋଲିସ ତାକୁ ଗିରଫ କରିଥଲା । ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଡେଲାଙ୍ଗ ଥାନା ଅଧିନସ୍ଥ ପଟଣପୁର ଗ୍ରାମର ପ୍ରଦ୍ୟୁମ୍ନ କୁମାର ସାହୁ (୫୦)ହୋଇଥିବା ବେଳେ ତାଙ୍କ ବ୍ୟାଗ ରୁ ୨କିଗ୍ରା ୨ଶହ ଗ୍ରାମ ଗଂଜେଇକୁ ପୋଲିସ ଜବତ କରିଛି ।

ଝୋଲାସାହି ଚା' ଖଟିରେ ମହମ୍ମଦ ମୋକିମ୍ ଓ ବିଧାୟିକା ସୋଫିଆ

ଲୋକଙ୍କ ସହ ଭାବ ବିନିମୟ କଲେ ସୁବିଧା, ଅସୁବିଧା ବୁଝିଲେ

କଟକ, (ସ୍ୱପ୍ର): କେଏମସି ଅନ୍ତର୍ଗତ ୨୬ନଂ ୱାର୍ଡର ଝୋଲାସାହୀ ଚା' ଖଟି ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବବିନିମୟ ହୋଇଛି । ଏଥିରେ ଓଡ଼ିଶା ଜନତା କଂଗ୍ରେସ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ସାମିଲ ହୋଇ ସ୍ଥାନୀୟ ବାସିନ୍ଦା, ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଯୁବପିଢ଼ିଙ୍କ ସହ ଏକାଠି ବସି ଚା' ପିଇବା ସହ ଲୋକଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିରଦୋସ ସାମିଲ ହୋଇ ଲୋକଙ୍କ ସମସ୍ୟା ଶୁଣିବା ଏବଂ ତାହାର ଦ୍ରୁତ ସମାଧାନ କରିବା ଆମର ପ୍ରାଥମିକତା ବୋଲି କହିଥିଲେ । କଟକ ସହରର ଐତିହ୍ୟକୁ ବଜାୟ ରଖି ଆଧୁନିକ ମୌଳିକ ସୁବିଧା



ଯୋଗାଇବା ସହ ସାମଗ୍ରିକ ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ଚା' ଖଟିରେ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ଓ ଯୁବକ ଉପସ୍ଥିତ ରହି ଅଞ୍ଚଳର ଡ୍ରେନେଜ୍, ପାନୀୟ ଜଳ, ଆଲୋକୀକରଣ ତଥା ଅନ୍ୟାନ୍ୟ ଜନହିତକର ବିଷୟ ଉପରେ ଖୋଲାଖୋଲି ଭାବେ ନିଜର ମତ ରଖିଥିଲେ । ଏହି "ଚା' ଖଟି" କାର୍ଯ୍ୟକ୍ରମରେ ଓଜେସି କଟକ ନଗର ସଭାପତି ଶ୍ରୀମତୀ ଗିରିବାଳା ବେହେରା ଯୋଗଦେଇ ନଗର ସମସ୍ୟା, ସ୍ଥାନୀୟ ବିକାଶ ଓ ମହିଳା ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ । ଏଥିରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଝୋଲାସାହୀ ଅଧିକାରୀ ସରୋଜ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ମହାରଣା, ନିମସାହି ସମ୍ପାଦକ ଲଡ୍ଡୁ ମହାରଣା, କେଦାର ଚରଣ ବେହେରା, ପ୍ରଦୀପ ସେନାପତି, ଜୟକୃଷ୍ଣ ମୁଦୁଲି, କାଠଗଡା ସାହି ମହନ୍ତ ପ୍ରଫୁଲ୍ଲ ମହାରଣା, ନାରାୟଣ ମହାରଣା, କୃଷ୍ଣଚନ୍ଦ୍ର ଦାସ, ଅବଦୁଲ ଲତିଫ, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସେକ ଇରଫାନ, ସେକ ଏସାନ, ଅବଦୁଲ ମୋକିଦ, ଗୁଲଜାର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆପଡା ଶିଶୁ ବିଦ୍ୟାମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ



ରାମକୃଷ୍ଣ ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ଡଃ ରାକେଶ କୁମାର ଜେନା ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ସହିତ ଭଲ ମଣିଷ ହୋଇ ସମାଜ ଓ ଦେଶର ସେବା କରିବାକୁ ଉପଦେଶ ଦେଇଥିଲେ । ବରିଷ୍ଠ ଆଚାର୍ଯ୍ୟା ଶ୍ରୀମତୀ ମମତା ଦାଶ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଉଦ୍ଦେଶ୍ୟ କଥନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଶଶିଭୂଷଣ ସ୍ୱାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକତା, ସହଯୋଗ ଓ ଭାଇଚାରା ଭାବ ବୃଦ୍ଧି କରିବାକୁ ମତ ରଖିଥିଲେ । ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ଛାତ୍ରଛାତ୍ରୀ ନିଜନିଜ ସାମର୍ଥ୍ୟ ଅନୁସାରେ ସହଯୋଗ କରିବାକୁ ସଂକଳ୍ପ ନେଇଥିଲେ । ଏହାପରେ ପୂର୍ବ ଛାତ୍ର ପ୍ରମୁଖ ସରୋଜିନୀ ପ୍ରଧାନ ଛାତ୍ର ସଂସଦର ପୁନର୍ଗଠନ କରିବାରେ ସାହାଯ୍ୟ କରିଥିଲେ । କାର୍ଯ୍ୟକ୍ରମରେ ସଂଯୋଜକ ସହ ଅନ୍ୟାନ୍ୟ ସଦସ୍ୟ ମଧ୍ୟ ଚୟନ କରାଯାଇଥିଲା । ଉପ ସଭାପତି ଇଂ ଦିଲ୍ଲୀପ କୁମାର ଆଚାର୍ଯ୍ୟ ଓ ପ୍ରାକ୍ତନ ସଂପାଦକ ଅମିତାଭ ରାଉତରାୟ କାର୍ଯ୍ୟକ୍ରମଟିକୁ ତଦାରଖ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବା ପ୍ରସଙ୍ଗ

କୋଟିଆ ପ୍ରସଙ୍ଗରେ ଓଡିଆ ଅସ୍ମିତାର ପରିଚୟ ଦିଅନ୍ତୁ ସରକାର: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଟ୍ରିପଲ ଇଞ୍ଜିନ ସରକାର ଥାଇ କୋଟିଆ ସମସ୍ୟାର ସମାଧାନ ନ ହେବା ଓଡ଼ିଶା ପାଇଁ ବଡ଼ ଅପମାନ । କିଛି ଦିନ ପରେ କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ଯାଉଥିବା ବେଳେ ରାଜ୍ୟ ସରକାର ଚୁପ୍ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରୁଛି । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶା ସରକାର ଆନ୍ଧ୍ର ଆଗରେ ଆତ୍ମସମର୍ପଣ କରିଛନ୍ତି । କୋଟିଆ ପ୍ରସଙ୍ଗରେ ଡବଲ ଇଞ୍ଜିନ ସରକାରଙ୍କ ଅସହାୟତାକୁ ନେଇ କଡ଼ା ଭାଷାରେ ନିନ୍ଦା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ଉପସଭାପତି ଡ଼ ଅରୁଣ କୁମାର ସାହୁ ଓ ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ ।

ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ହେଉନାହିଁ । ଗତ ଅଢେଇ ବର୍ଷ ମଧରେ କୋଟିଆ ସୀମା ବିବାଦ ସମାଧାନ ହେବା ବଦଳରେ ଆହୁରି ଜଟିଳ ହେଉଛି । କୋଟିଆରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ର ସରକାର ଅକ୍ଟୋବର ୧୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ନିର୍ବାଚନ ରୋକିବାକୁ କୌଣସି ପଦକ୍ଷେପ ନେଇନାହାନ୍ତି ରାଜ୍ୟ ସରକାର । ଏହି ପରିପ୍ରେକ୍ଷୀରେ କୋଟିଆର ସୁରକ୍ଷା ନେଇ ଗତ ଅକ୍ଟୋବର ୧୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଥିଲେ । ଗତ ଅକ୍ଟୋବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଅଦାଲତ ଅବମାନନା ମାମଲା ସ୍ଥିତି ଯାଞ୍ଚ ନେଇ ଏଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅକ୍ଟୋବର ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅଦାଲତ ଅବମାନନା ନେଇ ପୁଣି ଏକ ମାମଲା ସୁପ୍ରିମକୋର୍ଟରେ ଦାୟର ହୋଇଥିଲା । ୮ ଦିନ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କୋଟିଆ ବର୍ତ୍ତମାନ ସାରା ଓଡିଶାର ପ୍ରସଙ୍ଗ । ଓଡ଼ିଶାରେ, ଆନ୍ଧ୍ରରେ ଓ କେନ୍ଦ୍ରରେ ବିଜେପି ସରକାର ଥିବା ସତ୍ତ୍ୱେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ ରହିବା ନିନ୍ଦନୀୟ । ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ଟିକେ ମାତ୍ର ଆନ୍ତରିକତା ଦେଖାଉ ନାହାଁନ୍ତି । କୋଟିଆ ପ୍ରସଙ୍ଗରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ଓଡ଼ିଆ ଅସ୍ମିତାର ପରିଚୟ ଦିଅନ୍ତୁ । ଶ୍ରୀ ପ୍ରଦୀପ ମାଝୀ କହିଥିଲେ ଯେ, କୋଟିଆକୁ ବିଜେଡ଼ି ବାରମ୍ବାର ଗସ୍ତ କରି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଛି । ଅନେକ ଅବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଆନ୍ଧ୍ର ସରକାରଙ୍କ ପକ୍ଷରୁ ସେଠାରେ ପଞ୍ଚାୟତ ନିର୍ବାଚନ କରାଯାଉଥିବା ବେଳେ ତାହା ଆଉ ୬ ଦିନ ବାକି ରହିଛି । ନିର୍ବାଚନ ପାଇଁ ଆନ୍ଧ୍ର ସରକାର ସମସ୍ତ ପ୍ରକାର ପ୍ରାକ୍ ପ୍ରସ୍ତୁତି କରିସାରିଛନ୍ତି । ନିର୍ବାଚନକୁ ରୋକିବା ପାଇଁ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଓଡ଼ିଶାର ହକ୍ ପାଇଁ ବିଜେଡି ଜୋରଦାର ଆନ୍ଦୋଳନ କରିବ ।

ଘରୋଇ ପ୍ରାକୃତିକ ରନ୍ଧନ ଗ୍ୟାସ୍ ପାଇପ୍ ଲାଇନ୍

ଭୁବନେଶ୍ୱର ଆସୋଟେକ୍ ୱାର୍ଲ୍ଡରେ ଲାଗିଲା ପ୍ରଥମ କନେକ୍ସନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ପାହାଳ ନିକଟରେ ଅବସ୍ଥିତ ୨,୦୦୦ ଫ୍ଲାଟ୍ ଥିବା ଆବାସିକ ପରିସର "ଆସୋଟେକ୍ ୱାର୍ଲ୍ଡ" ରେ ସଂଯୋଗ ହୋଇଛି ପ୍ରଥମ ଘରୋଇ ପ୍ରାକୃତିକ ରନ୍ଧନ ଗ୍ୟାସ୍ ପାଇପ୍ ଲାଇନ୍ । ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମଟେଡ ଦ୍ୱାରା ଏହି ସୁଲଭ ପ୍ରାକୃତିକ ଗ୍ୟାସ ପାଇପ୍ ଲାଇନ୍ ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ରହି ଏହାର ଆରମ୍ଭ କରିଥିଲେ ।ବର୍ତ୍ତମାନ ଏହି ସୁନ୍ଦର ଆଧୁନିକ ଆପାର୍ଟମେଣ୍ଟର ଆଭେନ୍ୟୁ - ୦୧ ରେ ପାଖାପାଖି ୧୧୦୦ ଘର ସଂପୂର୍ଣ୍ଣ ହୋଇ ସାରିଥିବା ବେଳେ,୬୦୦ରୁ ଉର୍ଦ୍ଧ୍ୱ ଘର ହସ୍ତାନ୍ତର ସରିଛି । ତେବେ ଆଗାମୀ ୩ ରୁ ୪ ମାସ ମଧରେ ସମସ୍ତ ଘରେ ପ୍ରାକୃତିକ ରନ୍ଧନ ଗ୍ୟାସ୍ ପାଇପ୍ ଲାଇନ୍ ସଂଯୋଗ ହୋଇଯିବ ବୋଲି GAIL ତରଫରୁ ସୂଚନା ଦିଆଯାଇଛି ।



ଏହି ଅବସରରେ ବିଶାଳ ଟାୱାର୍‌ଗୁଡ଼ିକର ବାସିନ୍ଦାମାନଙ୍କୁ ଭେଟି ଖୁସି ବ୍ୟକ୍ତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସେମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ,ସ୍ୱେରେଜ୍ ବ୍ୟବସ୍ଥା, ସର୍ଭିସ୍ ରୋଡ୍ ନିର୍ମାଣ, ଆଲୋକୀକରଣ ଏବଂ ପାଦଚଲା ଓଭରବ୍ରିଜ୍ ନିର୍ମାଣର ଆବଶ୍ୟକତା ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ ଅଞ୍ଚଳ ବାସିନ୍ଦା। ଏହି ସମସ୍ତ ସମସ୍ୟାର ସମାଧାନ ଦିଗରେ ସାଂସଦଙ୍କ ସମସ୍ତ ସହଯୋଗ ରହିବ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଅପରାଜିତା ।

ଏହା ସହିତ, ରୋଷେଇ କାର୍ଯ୍ୟରେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର୍ ବଦଳରେ ଘରୋଇ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍ ବ୍ୟବହାର କରିବାର ଆବଶ୍ୟକତା ସମ୍ପର୍କରେ ମଧ ବାସିନ୍ଦାମାନଙ୍କୁ ଅବଗତ କରାଇଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଡିପିଏନ୍‌ଜି ଗ୍ୟାସ୍ ବ୍ୟବହାର ଗ୍ୟାସ୍ ସିଲିଣ୍ଡର ତୁଳନାରେ ଅଧିକ ସୁରକ୍ଷିତ ଓ ଅର୍ଥନୈତିକ ଦୃଷ୍ଟିରୁ ମଧ୍ଯ ସୁଲଭ ହୋଇଥିବାରୁ ଏହାର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ସାଂସଦ । ଏହି ଅବସରରେ ଗେଲ୍‌ର ମହାପ୍ରବନ୍ଧକ କୌଶିକ ବସୁ ,ବରିଷ୍ଠ ପ୍ରବନ୍ଧକ ଏସ.ଆର. ମହାନ୍ତି, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ସାଂସଦ ପ୍ରତିନିଧି ପ୍ରଣୟ କରଣ, ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


ଆମୱେ ଇଣ୍ଡିଆର ବ୍ରହ୍ମପୁର ଓ ବାଲେଶ୍ୱରରେ ନବୀକୃତ ଷ୍ଟୋର ଖୋଲିଲା

ଭୁବନେଶ୍ୱର (ସବ୍ୟୁ): ଅନ୍ୟତମ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ଦେଶର ପ୍ରମୁଖ ବଜାରଗୁଡ଼ିକରେ ତାହାର ଶାରୀରିକ ଉପସ୍ଥିତି ସମ୍ପ୍ରସାରଣ କରିବା ସମ୍ପର୍କରେ ଘୋଷଣା କରିଛି । ଆମୱେର ପ୍ରେସିଡେଣ୍ଟ ଓ ସିଇଓ, ମାଇକେଲ ନେଲ୍‌ସନ ଗୁରୁଗ୍ରାମକୁ ତାଙ୍କର ଆନୁଷ୍ଠାନିକ ଗସ୍ତ ଅବସରରେ ସେଠାରେ ଆମୱେର ନୂଆ ଷ୍ଟୋର ଉଦ୍‌ଘାଟନ କରିଛନ୍ତି। ଏହାର ଅଂଶ ଭାବରେ ଆମୱେ ଇଣ୍ଡିଆ ମଧ ବ୍ରହ୍ମପୁର ଓ ବାଲେଶ୍ୱରରେ ଥିବା ତାହାର ଷ୍ଟୋରଗୁଡ଼ିକର ନବୀକରଣ କରିଛି ଏବଂ ତାହାର ଉତ୍ପାଦ ବର୍ଗମାଳା ଓ ବ୍ରାଣ୍ଡ ଅନୁଭୂତିକୁ ଗ୍ରାହକମାନଙ୍କର ନିକଟତର କରାଇଥିବାବେଳେ ଗ୍ରାହକମାନଙ୍କ ସହିତ ନିୟୋଜିତ ରହିବା ଏବଂ ସ୍ଥାନୀୟ ଗୋଷ୍ଠୀ ନିର୍ମାଣ ନିମନ୍ତେ ନିଜର ବିତରକମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ (ମଞ୍ଚ) ସୃଷ୍ଟି କରିଛି । ଏହି ଅବସରରେ ପ୍ରକାଶ କରି ମାଇକେଲ ନେଲ୍‌ସନ, ପ୍ରେସିଡେଣ୍ଟ ଓ ସିଇଓ, ଆମୱେ କହିଥିଲେ, "ଆମୱେର ବୈଶ୍ୱିକ ଅଭିବୃଦ୍ଧି ଯାତ୍ରାରେ ଭାରତ କେନ୍ଦ୍ରସ୍ଥଳରେ ରହିଛି ଏବଂ ଭାରତୀୟ ଉପଭୋକ୍ତାଙ୍କର ଦ୍ରୁତ ଅଭ୍ୟୁତ୍‌ଥାନ ବିଶେଷ ଭାବରେ ଏହି ସୁଯୋଗକୁ ରୋମାଞ୍ଚକର କରି ଗଢିତୋଲୁଛି ।

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

ସତର୍କତା ସଚେତନତା ସପ୍ତାହ- ୨୦୨୬ ଅବସରରେ ୱାକାଥନ୍ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ "ୱାକାଥନ୍" ଆୟୋଜିତ ହୋଇଯାଇଛି । ଜନସାଧାରଣଙ୍କ ମଧ୍ୟରେ ସାଧୁତା, ସ୍ୱଚ୍ଛତା, ସଚ୍ଚୋଟତା ଏବଂ ନୈତିକ ଆଚରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ୱାକାଥନ୍ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଭାୟା ଗୋପବନ୍ଧୁ ସ୍କୋୟାର ଦେଇ ରାଜଭବନ ଠାରେ ପହଞ୍ଚି ପୁନର୍ବାର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂ, ଉପ-କ୍ଷେତ୍ରୀୟ ମୁଖ୍ୟ ଶରତ କୁମାର ମହାପାତ୍ର ଏବଂ ସତର୍କତା ଅଧିକାରୀ ପ୍ରବୀର କୁମାର ମହାପାତ୍ରଙ୍କ ସମେତ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସତର୍କତାର ବାର୍ତ୍ତା ପ୍ରସାର କରାଯିବା ସହିତ ବ୍ୟକ୍ତିଗତ ଓ



ବୃତ୍ତିଗତ ଜୀବନରେ ସଚ୍ଚୋଟତା, ସାଧୁତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏଥି ସହିତ ଦୁର୍ନୀତି ନିବାରଣ ଓ ସମାଜରେ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ମଧ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାଧୁତାକୁ ପ୍ରୋତ୍ସାହିତ କରିବା, ସତର୍କତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଥିଲା।

୧୨ତମ ବ୍ରିକ୍ସ ସଂସଦୀୟ ଫୋରମ୍ ଶେଷ

ମିଳିତ ଘୋଷଣାନାମା ଗୃହୀତ

ନୂଆଦିଲ୍ଲୀ, ନୂଆଦିଲ୍ଲୀରେ ଅନୁଷ୍ଠିତ ୧୨ତମ ବ୍ରିକ୍ସ ସଂସଦୀୟ ଫୋରମ୍ ମଙ୍ଗଳବାର ଏକ ମିଳିତ ଘୋଷଣାନାମା ଗୃହୀତ ହେବା ସହ ଶେଷ ହୋଇଛି। ଏହି ଘୋଷଣାନାମାରେ ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଆଣିବା, ବିଶ୍ୱ ଶାସନ ବ୍ୟବସ୍ଥାରେ ବିଶ୍ୱ ଦକ୍ଷିଣର ଅଧିକ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଏବଂ ସୀମାପାର ଆତଙ୍କବାଦର ମୁକାବିଲା ଉପରେ ଗୁରୁତ୍ୱ ଦିଆଯାଇଛି। ଘୋଷଣାନାମାରେ ସଦସ୍ୟ ଦେଶଗୁଡ଼ିକ ଜାତିସଂଘ ଚାର୍ଟରର ନୀତି, ସାର୍ବଭୌମ ସମାନତା, ପାରସ୍ପରିକ ସମ୍ମାନ, ଆଭ୍ୟନ୍ତରୀଣ ବ୍ୟାପାରରେ ଅନାକ୍ରମଣ ଏବଂ ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୋହରାଇଛନ୍ତି। ନୂଆଦିଲ୍ଲୀ ଘୋଷଣାନାମାରେ ଥିବା ସହମତିକୁ ପୁନଃପ୍ରତିଷ୍ଠା କରିବା ସହ ବିଶ୍ୱସ୍ତରୀୟ ନିଷ୍ପତ୍ତି ଗ୍ରହଣରେ ବିଶ୍ୱ ଦକ୍ଷିଣର ସ୍ୱରକୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରାଯାଇଛି। ଏହାସହ ସୀମାପାର ଆତଙ୍କବାଦ, ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା




ଏବଂ ସେମାନଙ୍କୁ ଆଶ୍ରୟ ଦେବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଏବଂ ଏହି ଲଢ଼େଇରେ ଦ୍ୱୈତ ମାନଦଣ୍ଡର ଅନ୍ତ ଘଟାଇବାକୁ ସଦସ୍ୟ ଦେଶଗୁଡ଼ିକ ଦାବି କରିଛନ୍ତି। ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମିର ସମ୍ପ୍ରସାରଣ, କୃତ୍ରିମ ବୁଦ୍ଧିମତ୍ତାର ନୈତିକ ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସାଧାରଣ କିନ୍ତୁ ଭିନ୍ନ ଭିନ୍ନ ଦାୟିତ୍ୱ ନୀତି ପାଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ସମାପନୀ ଅଧିବେଶନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ, ବିଶ୍ୱରେ ବଢୁଥିବା ଅସ୍ଥିରତା, ଆର୍ଥିକ ଅନିଶ୍ଚିତତା ଓ ଆଞ୍ଚଳିକ ସଂଘର୍ଷର ସ୍ଥାୟୀ ସମାଧାନ ଯୁଦ୍ଧରେ ନୁହେଁ, ବରଂ ଆଲୋଚନା, ଶାନ୍ତି ଓ ସହଯୋଗରେ ରହିଛି। ସମସ୍ତ ଦେଶର ସାର୍ବଭୌମତ୍ୱକୁ ସମ୍ମାନ ଦେବା ସହ ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସମସ୍ତଙ୍କ ପାଇଁ ସମାନ ବିକାଶ ସୁଯୋଗ ସୁନିଶ୍ଚିତ କରିବା ଆବଶ୍ୟକ। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ସଂସଦ କେବଳ ଆଇନ ପ୍ରଣୟନ କରୁଥିବା ସଂସ୍ଥା ନୁହେଁ; ଏହା ଆଲୋଚନା, ସହମତି, ଉତ୍ତରଦାୟିତ୍ୱ ଓ ଜନସାଧାରଣଙ୍କ ବିଶ୍ୱାସର ଏକ ପ୍ରମୁଖ କେନ୍ଦ୍ର। ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ସଂସଦଗୁଡ଼ିକୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ନାଗରିକକେନ୍ଦ୍ରିକ କରିବା ଆବଶ୍ୟକ। ଏଥିସହ ମାନବୀୟ ମୂଲ୍ୟବୋଧ, ନୈତିକତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। 'ଜନକୈନ୍ଦ୍ରିକ ବିକାଶ ପାଇଁ ସଂସଦକୁ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଆଧାରିତ ଏହି ଫୋରମ୍‌ରେ ଦୁଇ ଦିନ ଧରି ଜନକୈନ୍ଦ୍ରିକ ବିକାଶ, ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ସୁଦୃଢ଼ୀକରଣ, ସଂସଦୀୟ ସହଯୋଗ, ନବସୃଜନ, ସ୍ଥିରତା ଓ ନିରନ୍ତର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଫୋରମର ଅଧ୍ୟକ୍ଷତା ୨୦୨୭ ବର୍ଷ ପାଇଁ ଚୀନକୁ ହସ୍ତାନ୍ତର କରାଯାଇଛି। ଶ୍ରୀ ବିର୍ଲା ଚୀନକୁ ଅଭିନନ୍ଦନ ଜଣାଇବା ସହ ବିଶ୍ୱ ଶାନ୍ତି, ସହଯୋଗ ଓ ସମୃଦ୍ଧି ପାଇଁ ସଂସଦଗୁଡ଼ିକ ଏକତ୍ର କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

ହୋଟେଲ ମାଲିକଙ୍କ ସମେତ ୫ ଜଣଙ୍କୁ ଗୁଳି କରି ହତ୍ୟା

ଗୁଆହାଟୀ : ହୋଟେଲ ଭିତରେ ଭୟଙ୍କର କାଣ୍ଡ। ହୋଟେଲ ମାଲିକ, ତାଙ୍କ ପରିବାରର ଆଉ ୩ ସଦସ୍ୟ ଓ ଡ୍ରାଇଭରଙ୍କୁ ଗୁଳି କରି ହତ୍ୟା। ଗୁଆହାଟୀରେ ଥିବା ହୋଟେଲ ବିଲାସ ଇନରେ ଘଟିଛି ଏହି ଘଟଣା। ସୋମବାର ରାତିରେ ଘଟିଥିବା ଏହି ଗୁଳିକାଣ୍ଡରେ ଆଉ ଜଣେ ବ୍ୟକ୍ତି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପୁଲିସ୍ ଗୁଳିକାଣ୍ଡ ଘଟଣାରେ ଘନକାନ୍ତ ଗୋଗୋଇ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ଏହି ସ୍ଥାନକୁ ଲିଜ୍‌ରେ ନେଇଥିଲେ। ପୁଲିସ୍ ଗୁଳିମାଡ଼ର ମାତ୍ର କିଛି ଘଣ୍ଟା ମଧ୍ୟରେ ଗୋଗୋଇଙ୍କୁ ଗିରଫ କରିଛି ଓ ହତ୍ୟାରେ ବ୍ୟବହୃତ ବନ୍ଧୁକକୁ ମଧ୍ୟ ଜବତ କରିଛି। ମୃତକମାନେ ହେଲେ ହୋଟେଲ ମାଲିକ ହେଲେନା ଭାରାଲି, ତାଙ୍କ ଭାଇ ଭୁବଦେବ ଭାରାଲି, ପୁଅ ଦେବର୍ଷୀ କଶ୍ୟପ, ବୋହୂ ରିଙ୍କି କଶ୍ୟପ ଓ ସେମାନଙ୍କ ଡ୍ରାଇଭର ନାରାୟଣ ଦାସ। ଆହତ ବ୍ୟକ୍ତ ଜଣଙ୍କ ହେଲେ ହୋଟେଲର କେୟାର ଟେକର ସତ୍ୟେନ୍ଦ୍ର ପାଠକ। ଚିକିତ୍ସା ପାଇଁ ତାଙ୍କ ଗୁଆହାଟୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଥିବା ଜଣେ ବରିଷ୍ଠ ଡାକ୍ତର ସୂଚନା ଦେଇଛନ୍ତି। ସୋମବାର ରାତି ପ୍ରାୟ ୯ଟା। ହଠାତ୍ ଘନକାନ୍ତ ଗୋଗୋଇ ହାତରେ ବନ୍ଧୁକ ଧରି ହୋଟେଲ ଭିତରେ ପଶିଥିଲେ। ଆଉ କେହି କିଛି ବୁଝିବା ଆଗରୁ ହୋଟେଲ ମାଲିକ, ତାଙ୍କ ପରିବାର ସଦସ୍ୟ, ଡ୍ରାଇଭର ଓ କେୟାର ଟେକରଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏଥିଯୋଗୁ ମୋଟ ୬ ଜଣ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ହୋଟେଲ ମାଲିକଙ୍କ ସମେତ ୫ ଜଣ ପ୍ରାଣ ହରାଇଛନ୍ତି। ଏବେ ହୋଟେଲ କେୟାର ଟେକରଙ୍କ ଚିକିତ୍ସା ଚାଲିଥିବା କହିଛନ୍ତି ପୁଲିସ୍ କମିଶନର ଡକ୍ଟର ପାର୍ଥ ସାରଥୀ ମହାନ୍ତ। କମିଶନରଙ୍କ କହିବା କଥା ଯେ ପ୍ରାଣ ହାଇଥିବା ୫ ଜଣଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର। ୫ମ ମୃତକ ଜଣଙ୍କ ସେମାନଙ୍କ



ଗାଁର ଓ ଏଠାରେ ଡ୍ରାଇଭର ଭାବେ କାମ କରୁଥିଲେ। ଆହତ ବ୍ୟକ୍ତି ମଧ୍ୟ ହୋଟେଲ ମାଲିକଙ୍କ ଗାଁ ଲୋକ। ହୋଟେଲ ବିଲାସ ଇନ୍‌ର ଲିଜ୍ ବୁଝାମଣାକୁ ନେଇ ଲାଗି ରହିଥିବା ତିକ୍ତତା କାରଣରୁ ଏତେ ବଡ଼ ଗୁଳିକାଣ୍ଡ ଘଟିଛି। ଅଭିଯୁକ୍ତ ଜଣଙ୍କ ହୋଟେଲକୁ ଲିଜ୍‌ରେ ନେଇଥିଲେ। ଲିଜ୍ ନେଇଥିବା ବ୍ୟକ୍ତି ଓ ହୋଟେଲ ମାଲିକଙ୍କ ମଧ୍ୟରେ ଉକ୍ତ ସମ୍ପତ୍ତିକୁ ନେଇ ବିବାଦ ଲାଗି ରହିଥିଲା। ଏଥିପାଇଁ ଲିଜ୍‌ଧାରୀ ଜଣଙ୍କ ଗୁଳିମାଡ଼ କରିଛନ୍ତି। ଘଟଣାରେ ବ୍ୟବହୃତ ଗୋଟିଏ .୩୨ ବୋର ବନ୍ଧୁକ ପୁଲିସ ଜବତ କରିଛି। ଏବେ ଅଭିଯୁକ୍ତକୁ ପୁଲିସ୍ ଗିରଫ କରି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଛି।

ଇମ୍ରାନଙ୍କୁ ଭାରତ ଛାଡ଼ ନୋଟିସ୍ ଉପରେ ରୋକ୍

ମୁମ୍ବାଇ: ବଲିଉଡ୍ ଅଭିନେତା ଇମ୍ରାନ ଖାନଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି ବମ୍ବେ ହାଇକୋର୍ଟ। ଇମ୍ରାନଙ୍କୁ ଜାରି ହୋଇଥିବା 'ଭାରତ ଛାଡ଼' ନୋଟିସ୍ ଉପରେ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରୋକ୍ ଲଗାଇଛନ୍ତି ଅଦାଲତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମଧ୍ୟ ନଭେମ୍ବର ୨ରେ ହେବ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ବିକ୍ଷୋଭରେ ସାମିଲ ହେବା ପରେ ଇମ୍ରାନଙ୍କୁ ଏହି ନୋଟିସ୍ ମିଳିଥିଲା। ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମୈଦାନରେ ଆୟୋଜିତ ବିକ୍ଷୋଭରେ ଇମ୍ରାନ ଖାନ୍ ସାମିଲ ହୋଇଥିଲେ। ଏହାପରେ ମୁମ୍ବାଇ ପୁଲିସ ତାଙ୍କୁ ଅଟକ ରଖିଥିବା ବେଳେ ଅକ୍ଟୋବର ୨୮ ସୁଦ୍ଧା ଭାରତ ଛାଡ଼ିବାକୁ ନୋଟିସ୍ ଜାରି ହୋଇଥିଲା। ଏହି ନୋଟିସକୁ ଚ୍ୟାଲେଞ୍ଜ କରି ଅଭିନେତା ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ମୁଖ୍ୟ ବିଚାରପତି ମହେଶ ଚନ୍ଦ୍ର ତ୍ରିପାଠୀ ଏବଂ ବିଚାରପତି ଅଦ୍ୱୈତ ସେଠନାଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଅଦାଲତ ନୋଟିସ୍ ଉପରେ ଅନ୍ତରୀଣ ରୋକ୍ ଲଗାଇବା ସହ ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୨ ତାରିଖ ଧାର୍ଯ୍ୟ କରିଛନ୍ତି । ଇମ୍ରାନ ଖାନଙ୍କ ପାଖରେ ଆମେରିକାର ନାଗରିକତା ରହିଛି। ସେ ଭାରତୀୟ ନାଗରିକ ନୁହନ୍ତି, ବରଂ ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ କାର୍ଡଧାରୀ। ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ହୋଇଛି। ତାଙ୍କର ଓସିଆଇ ମାନ୍ୟତା କାହିଁକି ରଦ୍ଦ କରାଯିବ ନାହିଁ, ସେନେଇ ଜବାବ ମଗାଯାଇଛି । ଅନ୍ୟପଟେ, ଇମ୍ରାନଙ୍କ ଆବେଦନରେ ନୋଟିସ୍‌କୁ ବେଆଇନ ଓ ଅନ୍ୟାୟପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଶାନ୍ତିପୂର୍ଣ୍ଣ ବିକ୍ଷୋଭରେ ସାମିଲ ହେବା ନେଇ ତାଙ୍କୁ ସ୍ପଷ୍ଟ କାରଣ ଦିଆଯାଇନଥିବା ଏବଂ ନିଜ ପକ୍ଷ ରଖିବାର ସୁଯୋଗ ମିଳିନଥିବା ଯୁକ୍ତି ରଖିଛନ୍ତି ଅଭିନେତା।

ୟୁଏନଡିଆରଆର କାର୍ଯ୍ୟକ୍ରମରେ ପିକେ ମିଶ୍ରଙ୍କ ଉଦ୍‌ବୋଧନ

ବିଶ୍ୱସ୍ତରୀୟ ସହଯୋଗ ଲାଗି ଭାରତ ସଂକଳ୍ପବଦ୍ଧ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ଏକ ବ୍ୟାପକ ଆଭିମୁଖ୍ୟ ଗ୍ରହଣ କରିବା ଲାଗି ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ଆଗାମୀ ଦଶନ୍ଧିରେ ଜୀବନ ରକ୍ଷା ସହିତବିକାଶକୁ ସୁରକ୍ଷା ଦେବା ଏବଂ ଆର୍ଥିକ କ୍ଷତି ହ୍ରାସ କରିବା ଉପରେ ଧ୍ୟାନ ଦେବାକୁ ପଡିବ। ନୂଆଦିଲ୍ଲୀରେ ଆଜି ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ବରିଷ୍ଠ ପଦାଧିକାରୀଙ୍କ ବୈଠକରେ ଉଦବୋଧନ ଦେଇ ଡକ୍ଟର ମିଶ୍ର ଏହା କହିଛନ୍ତି । ଜାତିସଂଘ ବିପର୍ଯ୍ୟୟ ବିପଦ ହ୍ରାସ (ୟୁଏନଡିଆରଆର) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ଏବଂ ଏଥିରେ ଭାରତ ଓ ବ୍ରିଟେନ୍ ସହ ଅଧ୍ୟକ୍ଷତା କରୁଛନ୍ତି । ଡକ୍ଟର ମିଶ୍ର କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ସହରୀକରଣ, ଭିତ୍ତିଭୂମି ବିସ୍ତାର ଏବଂ ପରିବେଶ ଅବକ୍ଷୟ ପରସ୍ପର ସହ ଜଡ଼ିତ ଏବଂ ଏହା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଡକ୍ଟର ମିଶ୍ର କହିଛନ୍ତି, ଆଗୁଆ ଚେତାବନୀ ବ୍ୟବସ୍ଥା, ପ୍ରସ୍ତୁତି ଏବଂ ଜରୁରୀକାଳୀନ ମୁକାବିଲା ଜୀବନ ରକ୍ଷା କରିବାରେ ସହାୟକ ହୋଇଥିଲେ ମଧ୍ୟ ଆର୍ଥିକ



କ୍ଷତି ଅଧିକ ରହୁଛି । ବିଭାଗୀୟ ସଂକୀର୍ଣ୍ଣତା ଠାରୁ ଆଗକୁ ବଢ଼ି ବିପଦ ଏବଂ ଏହାର କ୍ରମାଗତ ପରିଣାମକୁ ବୁଝିବା ଲାଗି ଏକ ସାମୂହିକ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଡକ୍ଟର ମିଶ୍ର ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ସେଣ୍ଡାଇ ଫ୍ରେମୱର୍କ ବିଷୟରେ ଉଲ୍ଲେଖ କରିବା ସହିତ ୨୦୩୦ ସୁଦ୍ଧା ଏହାକୁ ତ୍ୱରିତ ବେଗରେ କାର୍ଯ୍ୟକାରୀ କରିବା ଲାଗି ଆହ୍ୱାନ କରିଥିଲେ। ସେ କହିଥିଲେ, ସତର୍କତା, ପ୍ରଶମନ ଏବଂ ସଂସ୍ଥାଗତ କ୍ଷମତା ବୃଦ୍ଧି କ୍ଷେତ୍ରରେ ଅଧିକ ନିବେଶର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଛି । ଏହି ପରିପ୍ରେକ୍ଷୀରେ, ସେ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଦଶ ସୂତ୍ରୀ ଆଭିମୁଖ୍ୟ (୨୦୧୬) ଏବଂ ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୨୫ ଭଳି ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ । ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପାଣ୍ଠି ଯୋଗାଣର ମାପଯୋଗ୍ୟ ପରିଣାମ ଆସିବା ଦରକାର ବୋଲି ଡକ୍ଟର ମିଶ୍ର ମତବ୍ୟକ୍ତ କରିଥିଲେ । ବିକାଶମୂଳକ ଯୋଜନା ପ୍ରସ୍ତୁତିରେ ଦୀର୍ଘସ୍ଥାୟୀ ଭିତ୍ତିଭୂମି, ଦୃଢ଼ ସହରାଞ୍ଚଳ ପ୍ରତିଷ୍ଠାନ ଏବଂ ପ୍ରାକୃତିକ ସମାଧାନର ଅଧିକ ସମନ୍ୱୟ ପାଇଁ ସେ ଆହ୍ୱାନ କରିଥିଲେ ।

ସୀମା ଜଗିବାକୁ ସେନା ବାହିନୀରେ କର୍ମଚାରୀ ଅଭାବ

ଚଣ୍ଡୀଗଡ଼ : ଅରୁଣାଚଳ ପ୍ରଦେଶରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଏକାଧିକ ସ୍ଥାନରେ ସୀମା ବିବାଦ ଓ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ଦେଶର ସୁରକ୍ଷା ବାହିନୀରେ ଜନବଳ ଅଭାବ ଚିନ୍ତା ବଢ଼ାଇଛି। ଭାରତ-ଚୀନ୍ ସୀମାର ସୁରକ୍ଷା ଦାୟିତ୍ୱରେ ଥିବା ଭାରତ-ତିବ୍ବତ ସୀମା ପୁଲିସ (ଆଇଟିବିପି) ସମେତ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆର୍‌ପିଏଫ୍)ରେ ବହୁ ପଦ ଖାଲି ପଡ଼ିଛି। ଏହା ସୁରକ୍ଷା ଆହ୍ୱାନର ମୁକାବିଲା କରିବାରେ ବାହିନୀଗୁଡ଼ିକର ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଆଇଟିବିପିରେ ମୋଟ ୧,୦୫,୧୩୬ଟି ଅନୁମୋଦିତ ପଦ ଥିବାବେଳେ ଏବେ ୯୨,୮୦୩ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଏବଂ ୧୨,୩୩୩ଟି ପଦ ଖାଲି ପଡ଼ିଛି। ବର୍ତ୍ତମାନର କର୍ମଚାରୀ ସଂଖ୍ୟା ତୁଳନାରେ ଏହି ଅଭାବ ୧୩.୨ ପ୍ରତିଶତ। ସେହିପରି ପାକିସ୍ତାନ ଓ ବାଂଲାଦେଶ ସୀମାର ସୁରକ୍ଷା ଦାୟିତ୍ୱରେ ଥିବା ବିଏସ୍ଏଫ୍‌ରେ ୨,୭୨,୮୭୭ଟି ଅନୁମୋଦିତ ପଦ ମଧ୍ୟରୁ ୨,୫୭,୩୪୬ ଜଣ କାର୍ଯ୍ୟରତ ଅଛନ୍ତି। ଏଠାରେ ୧୪,୫୩୧ଟି ପଦ ଖାଲି ରହିଛି। ସେହିପରି ଦେଶର ସର୍ବବୃହତ୍ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ସିଆର୍‌ପିଏଫ୍‌ରେ ୩,୩୦,୮୧୮ଟି ଅନୁମୋଦିତ ପଦ ମଧ୍ୟରୁ ୩,୦୩,୪୧୮ ଜଣ କାର୍ଯ୍ୟରତ ଅଛନ୍ତି। ଏହି ବାହିନୀରେ ୨୭,୪୦୦ ପଦ ଖାଲି ରହିଛି। ଆଭ୍ୟନ୍ତରୀଣ ସୁରକ୍ଷା ସହ ଆଇନଶୃଙ୍ଖଳା ପରିସ୍ଥିତିରେ ରାଜ୍ୟ ପୁଲିସକୁ ସହାୟତା କରିବା ସିଆର୍‌ପିଏଫ୍‌ର ପ୍ରମୁଖ ଦାୟିତ୍ୱ। ଅନ୍ୟପକ୍ଷରେ ନେପାଳ ଓ ଭୁଟାନ ସୀମାର ସୁରକ୍ଷା ଦାୟିତ୍ୱରେ ଥିବା ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି)ରେ ୬,୭୮୪ଟି ପଦ ଖାଲି ଥିବାବେଳେ ଭାରତ-ମ୍ୟାମାର ସୀମାର ସୁରକ୍ଷା ଓ ଉଗ୍ରବାଦ ନିରୋଧୀ ଅଭିଯାନରେ ନିୟୋଜିତ ଆସାମ ରାଇଫଲ୍ସରେ ୩,୭୪୯ଟି ପଦ ଖାଲି ରହିଛି। ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଆସାମ ରାଇଫଲ୍ସ ସମେତ ପାଞ୍ଚଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀରେ ମୋଟ ୯୩,୧୩୯ ପଦ ଖାଲି ରହିଛି।

ପ୍ରତିବାଦ ପ୍ରଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଖୋଜୁଛି ଆରପିଏମ୍

ନୂଆଦିଲ୍ଲୀ, : ଜାତୀୟ ପ୍ରେସ୍ ଦିବସ ପାଳନ ଏବଂ ଗଣମାଧ୍ୟମକୁ ଆନୁଷ୍ଠାନିକ ଭାବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସ୍ୱୀକୃତି ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ନଭେମ୍ବର ୨୬ରେ ପ୍ରସ୍ତାବିତ ପ୍ରତିବାଦ ପ୍ରଦର୍ଶନର ପ୍ରସ୍ତୁତି ନେଇ ରବିବାର ରାଷ୍ଟ୍ରୀୟ ପତ୍ରକାର ମହାସଂଘ (ଆରପିଏମ୍)ର ମାସିକ ସାଂଗଠନିକ ବୈଠକ ଗୁଗୁଲ୍ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଆରପିଏମ୍‌ର ଜାତୀୟ କୋଷାଧ୍ୟକ୍ଷ ଧୀରଜ କୁମାର ବୈଠକର ଆୟୋଜନ କରିଥିବା ବେଳେ ସଂଗଠନର ଜାତୀୟ ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୬ ନଭେମ୍ବର ୧୬ ତାରିଖରେ ବିଭିନ୍ନ ରାଜ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରିବା ସହ ସମ୍ବିଧାନ ଦିବସ ଅବସରରେ ନଭେମ୍ବର ୨୬ରେ ପ୍ରତିବାଦ ପ୍ରଦର୍ଶନ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସ୍ୱୀକୃତି ଦେବା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିକୁ ଜୋରଦାର କରିବା ଏହି ପ୍ରଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ। ତେବେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରତିବାଦ ଓ ପ୍ରଦର୍ଶନ ଉପରେ କଟକଣା ଥିବା ସମ୍ପର୍କରେ ମିଳିଥିବା ସୂଚନାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ପ୍ରଦର୍ଶନ ପାଇଁ ଅନ୍ୟ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ସଦସ୍ୟମାନେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ। ସ୍ଥାନ ଚୟନ ଓ ଅନ୍ୟାନ୍ୟ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ରବିବାର ଆଉ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯିବ।

ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ବଦଳୁଛି ଭୋଟରଙ୍କ ମନୋଭାବ : ସର୍ଭେ

ୱାଶିଂଟନ : ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଏକ ସର୍ଭେ ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କ ମନୋଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛି।



ଇଣ୍ଡିଆନ୍ ଆମେରିକୀୟ ଇମ୍ପାକ୍ଟ ନାମକ ଏକ ଆଡଭୋକେସି ଗ୍ରୁପ୍ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭୋଟ ଦେଇଥିବା ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କ ମଧ୍ୟରୁ ୨୫% ଆଗାମୀ ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଯୋଜନା କରୁଛନ୍ତି। ସର୍ଭେରେ ସାମିଲ ହୋଇଥିବା ଭୋଟରମାନେ ଜୀବନଯାପନର ବୃଦ୍ଧିକୁ ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରିଛନ୍ତି। ପ୍ରାୟ ୬୫% ଏହାକୁ ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରିଥିବାବେଳେ ୫୩% ସ୍ୱାସ୍ଥ୍ୟସେବା, ୩୩% ଚାକିରି ଏବଂ ମଜୁରୀ ଏବଂ ୨୮% ଶିକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଲ୍ଲେଖ କରିଛନ୍ତି। ସର୍ଭେରେ ୮୦୦ ପଞ୍ଜିକୃତ ଦକ୍ଷିଣ ଏସୀୟ ଆମେରିକୀୟ ଭୋଟରଙ୍କୁ ସାମିଲ କରାଯାଇଥିଲା।

ବିରୋଧୀଙ୍କ ବୈଠକ ଡାକିଲେ ଖଡଗେ

ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାନେଇ ଆଲୋଚନା କରିବାକୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଇଣ୍ଡିମେଣ୍ଟର ବୈଠକ ଆହ୍ୱାନ କରିଛନ୍ତି। ଆସନ୍ତା ୩୦ ତାରିଖ ଦିନ ତାଙ୍କ ବାସଭବନରେ ଏହି ବୈଠକ ବସିବ। ପ୍ରସ୍ତାବିତ ଦିଲ୍ଲୀ ଚଲୋ ପୂର୍ବରୁ ସିଇସିଙ୍କ ବିରୋଧରେ ଇଣ୍ଡିମେଣ୍ଟର ଏହି ବୈଠକ ଆହ୍ୱାନ କରାଯାଇଛି। ଏହି ବୈଠକରେ ସମସ୍ତେ ଯୋଗଦେବା ପାଇଁ ସେ ମେଣ୍ଟର ସଦସ୍ୟମାନଙ୍କୁ ଅନୁରୋଧ ଜଣାଇଛନ୍ତି। ଉଲ୍ଲେଖ ଥାଉକି ସଘନ ଭୋଟ ସଂଶୋଧନ ବିରୋଧରେ ପ୍ରତିବାଦ ସମାବେଶ କରିବାକୁ ବିରୋଧୀ ଇଣ୍ଡିମେଣ୍ଟ ପ୍ରସ୍ତୁତି ଚଳାଇଛି। ଭୋଟର ତାଲିକାରେ ସଂଖ୍ୟାଧିକ ଭୋଟରଙ୍କ ନାମ କଟିଯାଇଥିବାରୁ ସାରା ଦେଶରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନର



ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦେବା ପାଇଁ ପ୍ରବଳ ଚାପ ପଡୁଛି। ଯଦି ସେ ଇସ୍ତଫା ନଦିଅନ୍ତି ତେବେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ କରିବାକୁ ବିରୋଧୀ ମେଣ୍ଟ ନିଷ୍ପତ୍ତି ନେଇଛି। ନଭେମ୍ବର ପହିଲାରେ ରାମଲୀଳା ମଇଦାନରେ ଏହି ପ୍ରତିବାଦ ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ପ୍ରତିଷେଧ ମୂଳକ ପଦକ୍ଷେପ ସ୍ୱରୂପ ଦିଲ୍ଲୀ ପୋଲିସ ଚେତାବନୀ ଦେଇଛି। ଏପର୍ଯ୍ୟନ୍ତ ଇଣ୍ଡିମେଣ୍ଟକୁ ଏହି ସମାବେଶ ଲାଗି ଅନୁମତି ମିଳିନାହିଁ। ଏପରିସ୍ଥଳେ କ'ଣ କରାଯିବ ସେଥିନେଇ ବିକଳ୍ପ ବ୍ୟବସ୍ଥା କରାଯିବାକୁ ବିରୋଧୀ ମେଣ୍ଟର ଏହି ବୈଠକ ଆହ୍ୱାନ କରାଯାଇଥିବା ସୂଚନା ମିଳିଛି।

ସରକାର, ଇସିଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ବିଧାନସଭା କିମ୍ବା ସଂସଦରୁ ଇସ୍ତଫା ଦେଇ ଅନ୍ୟ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀଙ୍କଠାରୁ ଉପନିର୍ବାଚନ ଖର୍ଚ୍ଚ ଆଦାୟ ପାଇଁ ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟକେନ୍ଦ୍ର ସରକାର, ନିର୍ବାଚନ କମିସନ ଏବଂ ଅନ୍ୟାନ୍ୟ ପକ୍ଷଙ୍କଠାରୁ ଜବାବ ମାଗିଛନ୍ତି। ଏହି ମାମଲା ତାମିଲନାଡୁର ଏଆଇଏଡିଏମକେ ବିଧାୟକମାନଙ୍କ ସହିତ ଜଡିତ। ଆବେଦନକାରୀ କେ. ସୁଥାନ ତାମିଲନାଡୁର ମଦୁରନ୍ତକମ୍ ଏବଂ ଧରାପୁରମ୍ ନିର୍ବାଚନମଣ୍ଡଳୀରେ ସମ୍ପ୍ରତି ହୋଇଥିବା ଉପନିର୍ବାଚନରେ ନିର୍ବାଚନ କମିସନ ଏବଂ ସରକାରଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚର ବିବରଣୀ ମଧ୍ୟ ମାଗିଛନ୍ତି। ନିର୍ବାଚନ ଜିତିବା ପରେ, ଅନ୍ୟ ଦଳ ଟିକିଟରେ ଯୋଗଦେବା ଏବଂ ପୁଣି ଥରେ ନିର୍ବାଚନ ଲଢ଼ିବା ପରେ ତାମିଲନାଡୁର କିଛି ଏଆଇଏଡିଏମକେ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ଏହି ଆବେଦନ ଦାଖଲ କରାଯାଇଛି।

ଦ.ପୂର୍ବ ରେଳ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ

କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସମୃଦ୍ଧି ପାଇଁ ସତ୍‌ନିଷ୍ଠା'। ଏହି ଅବସରରେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ଜୈନ ଅକ୍ଟୋବର ୨୬ ତାରିଖରେ ଗାର୍ଡେନ୍ ରିଚ୍‌ସ୍ଥିତ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏଥିରେ ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସୁରିନ୍ଦର ପାଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଶପଥରେ ଦୁର୍ନୀତିରୁ ଦୂରେଇ ରହିବା, ଲାଞ୍ଚ ନ



ନେବା କିମ୍ବା ନ ଦେବା, ସ୍ୱଚ୍ଛତା ଓ ସଚ୍ଚୋଟତାର ସହ କାର୍ଯ୍ୟ କରିବା, ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ଏବଂ ଦୁର୍ନୀତି ସମ୍ପର୍କିତ ଘଟଣାକୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସପ୍ତାହବ୍ୟାପୀ ରେଳବାଇର ବିଭିନ୍ନ ଅଞ୍ଚଳରେ ନୁକ୍କଡ଼ ନାଟକ, ସେମିନାର, ବିକ୍ରେତା ସମ୍ମିଳନୀ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ରେଳବାଇ ଡିଭିଜନ୍‌ରେ ମଧ୍ୟ ଏହି ସପ୍ତାହ ପାଳନ କରାଯିବ।

ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ସ୍ୱିସ୍ ମଡେଲ୍

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି ପୂର୍ବତନ ମିସ୍ ସ୍ୱିଜରଲାଣ୍ଡ ତଥା ମଡେଲ୍ ବିଟ୍ରିସ୍ କିଉଲ୍। ୧୯୯୩ ମସିହାରେ ଆମେରିକାର ନ୍ୟୁୟର୍କସ୍ଥିତ ପ୍ଲାଜା ହୋଟେଲରେ ଟ୍ରମ୍ପ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଆମେରିକା ପ୍ରତିନିଧି ସଭାର ନ୍ୟାୟିକ କମିଟିର ଡେମୋକ୍ରାଟ୍ ସଦସ୍ୟମାନେ ଅକ୍ଟୋବର ୨୬ରେ ପ୍ରକାଶ କରିଥିବା ୫୩ ପୃଷ୍ଠାର ଏକ ରିପୋର୍ଟରେ ଏହି ଅଭିଯୋଗ ସ୍ଥାନ ପାଇଛି। ତେବେ ହ୍ୱାଇଟ୍ ହାଉସ୍ ଏହି ଅଭିଯୋଗକୁ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହି ଖଣ୍ଡନ କରିଛି। ରିପୋର୍ଟ ଅନୁଯାୟୀ, ୧୯୯୩ ନଭେମ୍ବରରେ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ୨୪ ବର୍ଷୀୟା କିଉଲଙ୍କ ସହ ଟ୍ରମ୍ପଙ୍କ ପରିଚୟ ହୋଇଥିଲା। ସେତେବେଳେ ଟ୍ରମ୍ପ ନ୍ୟୁୟର୍କର ପ୍ଲାଜା ହୋଟେଲର ମାଲିକ ଥିଲେ। କିଉଲଙ୍କ ଅଭିଯୋଗ ଅନୁସାରେ, ଟ୍ରମ୍ପ ତାଙ୍କୁ



ଆମେରିକାର ଭିସା କରାଇଦେବା ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଉଲଙ୍କ ସହ ଦୋଷୀ ସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କର ମଧ୍ୟ ସାକ୍ଷାତ୍ ହୋଇଥିଲା। ଏପଷ୍ଟିନ ନିଜକୁ ଟ୍ରମ୍ପଙ୍କ ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଇଥିବା କିଉଲ୍ ଦାବି କରିଛନ୍ତି। କିଉଲଙ୍କ ବୟାନ ଅନୁଯାୟୀ, ପରେ ଟ୍ରମ୍ପଙ୍କ ଜଣେ ପ୍ରତିନିଧି ତାଙ୍କୁ ହୋଟେଲର ଉପର ମହଲାରେ ଥିବା ଏକ କୋଠରିକୁ ଡାକିଥିଲେ। ସେଠାରେ ଟ୍ରମ୍ପ ପଛପଟୁ ତାଙ୍କୁ ଧରି ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ ବୋଲି ସେ ଆମେରିକାର ସଂସଦୀୟ କମିଟିର କର୍ମଚାରୀଙ୍କୁ ଦେଇଥିବା ବୟାନରେ କହିଛନ୍ତି। ଏହି ଘଟଣାରେ ତାଙ୍କ ପୋଷାକ ଚିରିଯାଇଥିବା ସହ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା ଏବଂ କ୍ଷତ ଚିହ୍ନ ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣା ପରେ ଟ୍ରମ୍ପ ତାଙ୍କୁ ଚୁପ୍ ରହିବାକୁ କହିବା ସହ ଭିସା ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ସମ୍ପର୍କିତ ପ୍ରତିଶ୍ରୁତି ଦୋହରାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କିଉଲ୍ ୨୦୨୪ରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। କିନ୍ତୁ ସେତେବେଳେ ଘଟଣାଟି ଦୁଷ୍କର୍ମ ପର୍ଯ୍ୟନ୍ତ ଯାଇ ନଥିବା ସେ କହିଥିଲେ। ଏବେ ସଂସଦୀୟ କମିଟିକୁ ଦେଇଥିବା ବୟାନରେ ସେ ଅଧିକ ଗୁରୁତର ଅଭିଯୋଗ ଆଣିଛନ୍ତି। ଏପଷ୍ଟିନଙ୍କ ସହ ଟ୍ରମ୍ପଙ୍କ ସମ୍ପର୍କକୁ ନେଇ ଆମେରିକାରେ ଚର୍ଚ୍ଚା ଜାରି ରହିଥିବାବେଳେ ଡେମୋକ୍ରାଟ୍ ସଦସ୍ୟମାନେ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ନ୍ୟାୟିକ କମିଟିର ଡେମୋକ୍ରାଟ୍ ସଦସ୍ୟ ଜେମି ରାସ୍କିନ୍ ଟ୍ରମ୍ପଙ୍କ ସହ ଏପଷ୍ଟିନଙ୍କ ସମ୍ପର୍କ ଏବଂ ଯୌନ ଶୋଷଣ ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ଜଣେ ସ୍ୱାଧୀନ ବିଶେଷ ଓକିଲ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ହ୍ୱାଇଟ୍ ହାଉସ୍ ଏହି ଅଭିଯୋଗଗୁଡ଼ିକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଛି। ଟ୍ରମ୍ପ ଏପଷ୍ଟିନଙ୍କ ସହ ଥିବା ସମ୍ପର୍କକୁ ନେଇ ଭୁଲ୍ କାର୍ଯ୍ୟ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଆସିଛନ୍ତି। କିଉଲଙ୍କ ଅଭିଯୋଗ ସଂକ୍ରାନ୍ତରେ ଟ୍ରମ୍ପଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇଥିବା ସୂଚନା ନାହିଁ।

ତୃତୀୟ ଟି -୨୦ : ମୁଣ୍ଡ ନୁଆଁଇଲା ନ୍ୟୁଜିଲାଣ୍ଡ

ଆଗୁଆ ଶୃଙ୍ଖଳା ଜିତିଲା ଭାରତ



କମାଲ କଲେ ଅଭିଷେକ -ବୈଭବ ଯୋଡ଼ି

ୱେଲିଂଟନ୍: ନ୍ୟୁଜିଲାଣ୍ଡକୁ ଭାରତ ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମୁକାବିଲାରେ ପରାସ୍ତ କରିଛି। ସ୍ଥାନୀୟ ହେନରୀ ଷ୍ଟାଡିୟମରେ ଭାରତୀୟ ଟିମ୍ ୫ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଆରମ୍ଭରୁ ୨ଟି ମ୍ୟାଚ୍ ଜିତି ସାରିଥିଲା ବେଳେ ତୃତୀୟ ମୁକାବିଲାରେ ଧାରା ଜାରି ରଖିଛି। ଫଳରେ ଭାରତ ୩-୦ରେ ଅଗ୍ରଣୀ ହାସଲ କରିଛି। ଆଜିର ମୁକାବିଲାରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ନ୍ୟୁଜିଲାଣ୍ଡର ଟିମ୍ ପ୍ରଥମେ ବ୍ୟାଟିଂ କରି ୩ଟି ୱିକେଟରେ ୧୯୮ ରନ୍ କରିଥିଲା। ଭାରତ ୧୩.୨ ଓଭରରେ ୪ଟି ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଛି। ଆଜିର ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଘରୋଇ ନ୍ୟୁଜିଲାଣ୍ଡ ଦଳ ୨୦ ଓଭରରେ ୩ଟି ୱିକେଟ୍ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା। ଡେରିଲ ମିଚେଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୨ଟି ବଲ୍ ସମ୍ମୁଖୀନ ହୋଇଥିଲେ। ୫ଟି ଚୌକା ଏବଂ ୫ଟି ଛକା ବଳରେ ୮୯ ରନ୍ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ଫିନ୍ ଏଲନ ୨୫ବଲ୍ ଖେଳି ୪୦ ରନ୍ କରିଥିଲେ। ପ୍ରଥମ ୱିକେଟର ପତନ ପରେ ମିଚେଲ ଏବଂ ଏଲନ ଦ୍ୱିତୀୟ ୱିକେଟ ପାଇଁ ୪୩ଟି ବଲରୁ ୮୬ ରନ୍ ସଂଗ୍ରହ କରିଥିଲେ। ଶେଷ ପର୍ଯ୍ୟନ୍ତ ଖେଳ ଜାରି ରଖିଥିବା ମିଚେଲ ଚତୁର୍ଥ ୱିକେଟ ପାଇଁ ବେୱାନ ଜେକବ୍ସଙ୍କ ସହିତ ୪୮ଟି ବଲରୁ ୭୫ ରନ୍ ସଂଗ୍ରହ କରିଥିଲେ। ଏହି ସମୟରେ ଭାରତ ପାଇଁ ଅର୍ଶଦୀପ ସିଂହ, ଅକ୍ଷର ପଟେଲ ଏବଂ ନିତୀଶ ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଭାରତୀୟ କ୍ରିକେଟ ଟିମ୍ ମଙ୍ଗଳବାର ଦିନ ନ୍ୟୁଜିଲାଣ୍ଡ ବିପକ୍ଷରେ ୱେଲିଂଟନରେ ଖେଳାଯାଇଥିବା ତୃତୀୟ ଟି୨୦ରେ ନୂଆ ବିଶ୍ୱ ରେକର୍ଡ କରିଛି। ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଯୋଡ଼ି ୬ ଓଭରରେ କୌଣସି ୱିକେଟ୍ ନହରାଇ ୧୧୮ ରନ୍ ସଂଗ୍ରହ କରିଛନ୍ତି। ଏହା କୌଣସି ପୂର୍ଣ୍ଣ ସଦସ୍ୟ ଟିମ୍ ପାଇଁ ପାୱାରପ୍ଲେର ସବୁଠାରୁ ବଡ଼ ସମୁଦାୟ ରନ୍। ଏହି ଭଳି ଭାବେ ଟିମ୍ ଇଣ୍ଡିଆ ନାମରେ ଏହା ବିଶ୍ୱ ରେକର୍ଡ ହୋଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ୨୦୨୪ରେ ସ୍କଟଲାଣ୍ଡ ବିପକ୍ଷରେ ଏଡିନବରାରେ ୧୧୩/୧ ରନ୍ କରିଥିଲା। ଏହା ଚତୁର୍ଥ ପାଇଁ ଦେଖିବାକୁ ମିଳିଛି ଯେ, କୌଣସି ଦଳ ଆରମ୍ଭରୁ ୬ ଓଭରରେ ୧୦୦ ରନ୍ ଅଥବା ତା'ଠାରୁ ଅଧିକ କରିପାରିଛି। ଟିମ୍ ଇଣ୍ଡିଆର ୧୧୮ ରନରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମାଙ୍କର ଅବଦାନ ରହିଛି। ଭାରତ ବିଦେଶ ମାଟିରେ ୧୯୯ ରନର ଲକ୍ଷ୍ୟକୁ ୪୦ ବଲ ପୂର୍ବରୁ ଜିତି ଟି-୨୦ କ୍ରିକେଟରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି। ୧୯୦ କିମ୍ବା ତା' ଠାରୁ ଅଧିକ ରନ ଲକ୍ଷ୍ୟକୁ ହାସଲ କରିବା ମାମଲାରେ ଇଷ୍ଟୋନିଆ ସବୁଠାରୁ ଆଗରେ ରହିଛି।



ଧ୍ୟାନମୁଦ୍ରାରେ ଅଭିଷେକ

ନୂଆଦିଲ୍ଲୀ, ୨୭।୧୦(ଏଜେନ୍ସି) : ୱେଲିଂଟନର ହେନିର ଷ୍ଟାଡିୟମରେ ନ୍ୟୁଜିଲାଣ୍ଡର ବୋଲରଙ୍କୁ ନିସ୍ତୁକ ପିଟିବା ପରେ ଭାରତୀୟ ଟିମର ଯୁବ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ନିଜର ଉତ୍ସାହ ଏକ ଭିନ୍ନ ଶୈଳୀରେ ଦର୍ଶକଙ୍କୁ ଦେଖାଇଛନ୍ତି। ମାତ୍ର ୩୫ଟି ବଲରେ ଆକର୍ଷଣୀୟ ଶତକ ହାସଲ କରିବା ପରେ ଅଭିଷେକ ଯେଉଁଭଳି ଭାବରେ ବସି ତପସ୍ୟା ମୁଦ୍ରାରେ ହାତଯୋଡ଼ିଲେ ଏବଂ 'ଓଁ ନମଃ ଶିବାୟ' ଜପ କଲେ, ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପାୱାରପ୍ଲେ'ରେ ବଡ଼ ସ୍କୋର

- ୧୧୮/୦: ଭାରତ ବନାମ ନ୍ୟୁଜିଲାଣ୍ଡ, ୱେଲିଂଟନ, ୨୦୨୬
- ୧୧୩/୧: ଅଷ୍ଟ୍ରେଲିଆ ବନାମ ସ୍କଟଲାଣ୍ଡ, ଏଡିନବର୍ଗ, ୨୦୨୪
- ୧୦୩/୧: ଜିମ୍ବାୱେ ବନାମ ଗାମ୍ବିଆ, ନାଇରୋବୀ, ୨୦୨୪
- ୧୦୨/୦: ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ, ସେଞ୍ଚୁରିଅନ, ୨୦୨୩
- ୧୦୦/୦: ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଓଲ୍ଡ ଟ୍ରାଫର୍ଡ, ୨୦୨୫
- ୧୦୦/୦: ଭାରତ ବନାମ ଆଫଗାନିସ୍ତାନ, ଦିଲ୍ଲୀ, ୨୦୨୬

ଆଇଓଏର ଏସ୍‌ଓମ୍ ନିର୍ବାଚନ ; ମାର୍ଗଦର୍ଶିକା ଜାରି

ନୂଆଦିଲ୍ଲୀ, ୨୭।୧୦(ଏଜେନ୍ସି) : ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ସ୍ପୋର୍ଟ୍ସପର୍ସନ୍ସ ଅଫ୍ ଆଉଟଷ୍ଟାଣ୍ଡିଂ ମେରିଟ୍ (ଏସ୍‌ଓଏମ୍) ନିର୍ବାଚନ ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ଆଇଓଏ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ଶ୍ରୀବାସ୍ତବ ମାର୍ଗଦର୍ଶିକା ଜାରି କରିଛନ୍ତି। ନିୟମ ପାଳନ ସହ ଶେଷ ତାରିଖ ଅକ୍ଟୋବର ୩୦ ତାରିଖ ଭିତରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପ୍ରାର୍ଥୀଙ୍କୁ କୁହାଯାଇଛି। ନିୟମ ଅନୁଯାୟୀ, ଜଣେ ସଦସ୍ୟ ପୁରୁଷ ଓ ମହିଳା ବର୍ଗରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କ ପ୍ରସ୍ତାବକ ରହିପାରିବେ। ଗୋଟିଏ ବର୍ଗରେ ଏକାଧିକ ପ୍ରାର୍ଥୀଙ୍କୁ ସମର୍ଥନ କଲେ ନାମାଙ୍କନ ପତ୍ର ନାକଚ ହେବ। ଏହି ନିର୍ବାଚନରେ ଆଇଓଏ ସାଧାରଣ ପରିଷଦ ପାଇଁ ୮ ଜଣ (୪ ଲେଖାଏଁ ପୁରୁଷ ଓ ମହିଳା) ପ୍ରତିନିଧି ନିର୍ବାଚିତ ହେବେ। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଜଣେ ମହିଳା ଆଇଓଏ କାର୍ଯ୍ୟକାରୀ ପରିଷଦକୁ ମନୋନୀତ ହେବେ। ପ୍ରାର୍ଥୀଙ୍କ ବୟସ ୨୫ରୁ ୭୦ ବର୍ଷ ମଧ୍ୟରେ ହେବା ସହ ଅତିକମରେ ବର୍ଷକ ପୂର୍ବରୁ ଅବସର ନେଇଥିବେ। ନାମାଙ୍କନ ଯାଞ୍ଚ ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ବନ୍ଧୁ କେନଙ୍କୁ ବିରାଟଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ, ୨୭।୧୦(ଏଜେନ୍ସି) : ସଦ୍ୟ ବାଲନ ଡି'ଓର୍ ପୁରସ୍କାର ପାଇଥିବା ଇଂଲଣ୍ଡ ଷ୍ଟ୍ରାଇକର୍ ହାରି କେନଙ୍କୁ ମଙ୍ଗଳବାର ଅଭିନନ୍ଦନ ଜଣାଇଛନ୍ତି ଭାରତର ତାରକା କ୍ରିକେଟର୍ ବିରାଟ କୋହଲି। ସାମାଜିକ ଗଣମାଧ୍ୟମରେ କୋହଲି ନିଜ 'ବନ୍ଧୁ' କେନଙ୍କ ପରିଶ୍ରମ, ଦୃଢ଼ ମନୋବଳ ଓ ସଚ୍ଚୋଟତାର ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, "ମୋ ବନ୍ଧୁ ହ୍ୟାରି, ତୁମର ଦୃଢ଼ ମନୋବଳ, କଠିନ ପରିଶ୍ରମ ଓ ସଚ୍ଚୋଟତା ପାଇଁ ତୁମେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ। ତୁମ ପାଇଁ ମୁଁ ବହୁତ ଖୁସି। ଈଶ୍ୱର ତୁମଙ୍କୁ ଓ ତୁମ ପରିବାରକୁ ଆଶୀର୍ବାଦ କରନ୍ତୁ। ତୁମର ଏହି ଯାତ୍ରା ପାଇଁ ତୁମ ପରିବାର ନିଶ୍ଚିତ ଗର୍ବ ଅନୁଭବ କରୁଥିବ। ମୋର ଶୁଭକାମନା ସବୁବେଳେ ତୁମ ସହ ରହିଛି। ଅଭିନନ୍ଦନ।" କେନେ ବିଶ୍ୱର ତାରକା ଖେଳାଳି ଲିଓନେଲ୍ ମେସି, କାଇଲିଆନ୍ ଏମ୍ବାପେ, ଲାମିନେ ୟାମାଲଙ୍କୁ ପଛରେ ପକାଇ ପ୍ରଥମ ଥର ଏହି ପୁରସ୍କାର ଜିତିଥିଲେ।



୧୯ ବର୍ଷରୁ କମ୍ ବିଶ୍ୱ ମୁଷ୍ଟିଯୁଦ୍ଧ : ଫାଇନାଲରେ ଆଦିତ୍ୟ

ବୁଦଭା, ୨୭।୧୦(ଏଜେନ୍ସି) : ଭାରତୀୟ ମୁଷ୍ଟିଯୋଦ୍ଧା ଆଦିତ୍ୟ ଚଳିତ ୧୯ ବର୍ଷରୁ କମ୍ ବିଶ୍ୱ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୫୫ କେଜି ସେମିଫାଇନାଲ୍‌ରେ ୧୯ ବର୍ଷରୁ କମ୍ ଏସୀୟ ରୌପ୍ୟ ବିଜେତା ଆଦିତ୍ୟ ୫-୦ରେ ଆଜରବୈଜାନର ନିହାତ ଗାସିମୋଭଙ୍କୁ ହରାଇ ଦ୍ୱିତୀୟ ଭାରତୀୟ ଭାବେ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଫାଇନାଲରେ ସେ ରୁଷିଆର ଇସ୍ଲାମ ମାଗୋମେଦଭଙ୍କୁ ଭେଟିବେ। ଆଦିତ୍ୟଙ୍କ ପୂର୍ବରୁ ମେଘା ସିଓକାନ୍ଦ ମହିଳା ୮୦ କେଜିର ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ଆର୍‌ଏସସିରେ କିର୍ଗିଜସ୍ତାନର ମୀରିମ ଜିନିବେକୋଭାଙ୍କୁ ପରାସ୍ତ କରିଥିଲେ। ତେବେ ମହିଳା ୬୫ କେଜି ସେମିଫାଇନାଲରେ ହର୍ଷିକା ଏବଂ ୮୦ କେଜିରେ ପ୍ରାଚୀ ତୋକାସ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି।



ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ 'ଏ' ଟେଷ୍ଟ୍ ଅମୀମାଂସିତ

ଲିନକନ୍: ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ପ୍ରଥମ ଅନୌପଚାରିକ ଟେଷ୍ଟକୁ ଭାରତ 'ଏ' ଜିତିବା ଆଶାରେ ଥିଲା। ହେଲେ ଏହି ୪ଦିନିଆ ମ୍ୟାଚ୍ର ଚତୁର୍ଥ ତଥା ଶେଷ ଦିନ ଖରାପ ଆଲୋକ ଯୋଗୁଁ ଦୃଢ଼ ସ୍ଥିତିରେ ଥିବା ଭାରତର ବିଜୟ ହାତଛଡ଼ା ହୋଇଛି। ୩୧୩ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଘରୋଇ ଦଳ ୧୮୭/୯ କରିଥିଲା। ଫଳରେ ବିଜୟ ଲାଗି ଭାରତକୁ ୧ ୱିକେଟ୍ ଏବଂ ନ୍ୟୁଜିଲାଣ୍ଡକୁ ୧୨୬ ରନର ଆବଶ୍ୟକ ଥିଲା। କର୍ଟିସ ହିଫି ୯୦* ଓ ଜୟଦେନ ଲେନକ୍ସ ୬ ରନ୍ କରି ବ୍ୟାଟିଂ କରୁଥିଲା ବେଳେ ଖରାପ ଆଲୋକ ଯୋଗୁଁ ଅମ୍ପାୟାର ଷ୍ଟମ୍ପ ଘୋଷଣା କରିଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତ ପକ୍ଷରୁ ଆକ୍ୱିବ ନବି ୩, ଦେବଦତ୍ତ ପଡ଼ିକଲ ୨, ଅଂଶୁଲ କମ୍ବୋଜ, ଆକାଶ ଦୀପ, ମୁକେଶ ଚୌଧୁରୀ ଓ ୱାସିଂଟନ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ମଙ୍ଗଳବାର ୪୮୮/୮ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେ ୨୮ ରନ୍ ଯୋଡ଼ି ୫୧୬ ରନ୍‌ରେ ଅଲଆଉଟ୍ ହୋଇ ନ୍ୟୁଜିଲାଣ୍ଡ ସମ୍ମୁଖରେ ଆହ୍ୱାନପୂର୍ଣ୍ଣ ବିଜୟ ଲକ୍ଷ୍ୟ ରଖିଥିଲା। ପୂର୍ବରୁ ଭାରତ ପ୍ରଥମ ପାଳିରେ ୧୧୩ ରନ୍ କରିଥିଲା ବେଳେ ନ୍ୟୁଜିଲାଣ୍ଡ ୩୧୭ ରନ୍ କରି ୨୦୪ ରନ୍‌ର ଅଗ୍ରଣୀ ନେଇଥିଲା। ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ଖ୍ରୀଷ୍ଟଚର୍ଚ୍ଚରେ ଚଳିତ ମାସ ୩୧ରୁ ଖେଳାଯିବ। ସଂକ୍ଷିପ୍ତ ସ୍କୋର୍: ଭାରତ 'ଏ' ପ୍ରଥମ ପାଳି ୧୧୩। ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପାଳି ୩୧୭। ଭାରତ 'ଏ' ଦ୍ୱିତୀୟ ପାଳି ୧୨୩.୧ ଓଭରରେ ୫୧୬ (ଦେବଦତ୍ତ ପଡ଼ିକଲ ୧୯୯, ସାଇ ସୁଦର୍ଶନ ୯୧, ଯଶ୍ ରାଠୋଡ଼ ୬୬, ୱାସିଂଟନ୍ ସୁନ୍ଦର ୫୨, ଜ୍ୟାକ୍ ଗିବ୍ସନ୍ ୩/୮୦, କ୍ରିଷ୍ଟିଆନ୍ କ୍ଲାର୍କ ୨/୯୯, ଜୟଦେନ ଲେନକ୍ସ ୨/୧୧୯)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳି ୬୫ ଓଭରରେ ୧୮୭/୯ (କର୍ଟିସ ହିଫି ୯୦, ଡିନ୍ ଫକ୍ସକ୍ରଫ୍ଟ ୪୨, ଆକ୍ୱିବ ନବି ୩/୨୮, ଦେବଦତ୍ତ ପଡ଼ିକଲ ୨/୧୧)।



ଗୋଆରେ ହେବ ଆଇପିଏଲ୍ ମିନି ନିଲାମ

ନୂଆଦିଲ୍ଲୀ, ୨୭।୧୦(ଏଜେନ୍ସି) : ଆସନ୍ତା ଡିସେମ୍ବର ୧୬ ତାରିଖରେ ଗୋଆରେ ବସିବ ଆଇପିଏଲ୍ ମିନି ନିଲାମର ଆସର। ଆସନ୍ତା ବର୍ଷ ଏକ ବଡ଼ ବା ମେଗା ନିଲାମ ହେବାକୁ ଥିବା ବେଳେ, ଏବର୍ଷ କେବଳ ଖାଲି ପଡ଼ିଥିବା ଜାଗା ପୂରଣ କରିବା ପାଇଁ ଛୋଟ ନିଲାମ ବା ମିନି ଅକ୍ସନ କରାଯାଉଛି। ୨୦୨୨ ପରେ ପ୍ରଥମ ଥର ପାଇଁ ଏହି ନିଲାମ ଭାରତରେ ହେବାକୁ ଯାଉଛି। କାରଣ ଗତ ତିନୋଟି ଯାକ ସିଜିନ୍ର ନିଲାମ ଭାରତ ବାହାରେ ଦୁବାଇ, ଜେଦା ଏବଂ ଆବୁଧାବିରେ ହୋଇଥିଲା। ଏବେ ଦୀର୍ଘ ଦିନ ପରେ ନିଜ ଦେଶରେ ନିଲାମ ହେଉଥିବାରୁ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏହି ନିଲାମ ଆରମ୍ଭ ହେବା ପୂର୍ବରୁ ସବୁ ଦଳକୁ ନଭେମ୍ବର ୧୫ ତାରିଖ ସୁଦ୍ଧା ଏକ ବଡ଼ କାମ ସାରିବାକୁ ପଡ଼ିବ। ନିୟମ ଅନୁସାରେ, ଏହି ତାରିଖ ଭିତରେ ୧୦ଟି ଯାକ ଟିମ୍ ଜଣାଇବେ ଯେ ସେମାନେ କେଉଁ ଖେଳାଳିଙ୍କୁ ନିଜ ପାଖରେ ରଖିବେ ଆଉ କାହାକୁ ଦଳରୁ ବାହାର କରିବେ। ନଭେମ୍ବର ୧୫ ପରେ ଆଇପିଏଲ୍ ପରିଚାଳନା କମିଟି ସବୁ ଫ୍ରାଞ୍ଚାଇଜିଙ୍କୁ ନିଲାମରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଅସଲ ତାଲିକା ଦେବେ। ସେହି ତାଲିକା ଦେଖିବା ପରେ କେଉଁ ଦଳ କାହା ଉପରେ କେତେ ଟଙ୍କା ଲଗାଇବେ, ତା'ର ପ୍ଲାନ୍ ତିଆରି କରିବେ। ନିଲାମ ତାରିଖ ଘୋଷଣା ହେବା ଆଗରୁ ହିଁ କିଛି ଦଳ ପରସ୍ପର ମଧ୍ୟରେ ଖେଳାଳି ଅଦଳବଦଳ କରି ଚର୍ଚ୍ଚାରେ ଅଛନ୍ତି। ୨୦୨୬ ଆଇପିଏଲ୍ ସରିବା ପରେ ଏପର୍ଯ୍ୟନ୍ତ ଦୁଇଟି ବଡ଼ ଟ୍ରେଡ୍ ବା ଅଦଳବଦଳ ହୋଇସାରିଛି। ଗତ ଜୁନ୍ ମାସରେ ଲକ୍ଷ୍ନୌ ସୁପରଜାୟାଣ୍ଟସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ସବୁଠାରୁ ବଡ଼ ଡିଲ୍ ହୋଇଥିଲା।

ଜାତୀୟ ବିଦ୍ୟାଳୟ କ୍ରୀଡ଼ା

ରେଫରି ଦାୟିତ୍ୱ ତୁଲାଇ ଗୌରବ ଆଣିଲେ ଏହେସାସ



ଜାତୀୟ କ୍ରୀଡ଼ା କ୍ଷେତ୍ରରେ ପୁଣି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ରାଜ୍ୟର ଜାତୀୟ ଟାଏକୋଣ୍ଡୋ ରେଫରି ଏହେସାସ୍ ହୋତା। ଜମ୍ମୁ କାଶ୍ମୀରରେ ଅନୁଷ୍ଠିତ ୭୦ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତାର ସହ ରେଫରି ଦାୟିତ୍ୱ ତୁଲାଇ ସେ ରାଜ୍ୟ ପାଇଁ ସମ୍ମାନ ଆଣିଛନ୍ତି। ଜାତୀୟସ୍ତରର ଏହି ପ୍ରତିଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ଓଡ଼ିଶା ଟାଏକୋଣ୍ଡୋ କ୍ଷେତ୍ର ପାଇଁ ଏକ ଗୌରବର ବିଷୟ ପାଲଟିଛି। ଅକ୍ଟୋବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଜମ୍ମୁ କାଶ୍ମୀରର ଗାନ୍ଦରବଲସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଟାଏକୋଣ୍ଡୋ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ମୁକାବିଲାଗୁଡ଼ିକରେ ଏହେସାସ୍ ରେଫରି ଭାବେ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ସୂଚନା ଅନୁସାରେ, ଏହି ପ୍ରତିଯୋଗିତାରେ ଏହେସାସଙ୍କୁ ରେଫରି ଭାବେ ନିୟୋଜିତ କରିବା ପାଇଁ କାଶ୍ମୀର ଯୁବ ସେବା ଓ କ୍ରୀଡ଼ା ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଟାଏକୋଣ୍ଡୋ ସଂଘର ସଭାପତିଙ୍କ ନିକଟକୁ ଏକ ଅନୁରୋଧ ପତ୍ର ପଠାଯାଇଥିଲା। ଏହି ଅନୁରୋଧକୁ ଗ୍ରହଣ କରି ରାଜ୍ୟ ସଂଘ ଏହେସାସଙ୍କୁ ଜମ୍ମୁ କାଶ୍ମୀର ପଠାଇଥିଲା। ଜାତୀୟସ୍ତରରେ ଏଭଳି ଦାୟିତ୍ୱ ପାଇବା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ହୋଇଥିବା ବେଳେ ଏହାକୁ ସେ ସଫଳତାର ସହ ସମ୍ପାଦନ କରିଥିବାରୁ ଖୁସି ପ୍ରକାଶ କରିଛନ୍ତି। ଏହି ସୁଯୋଗ ପାଇଁ ସେ ଓଡ଼ିଶା ଟାଏକୋଣ୍ଡୋ ସଂଘ, ସ୍କୁଲ୍ ଗେମ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଏବଂ ଜମ୍ମୁ କାଶ୍ମୀର ଯୁବ ସେବା ଓ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଏହେସାସଙ୍କ ଏହି ସଫଳ ଅଂଶଗ୍ରହଣ ଓଡ଼ିଶାର କ୍ରୀଡ଼ା ରେଫରିମାନଙ୍କ ଦକ୍ଷତା ଓ ଜାତୀୟସ୍ତରରେ ସେମାନଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରିଛି।

ସିଏସକେକୁ ଫେରିଲେ ମର୍କେଲ, ମୋହିତ

ଚେନ୍ନାଇ, ୨୭।୧୦(ଏଜେନ୍ସି) : ଆଗାମୀ ଆଇପିଏଲ୍ ଲାଗି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ମଙ୍ଗଳବାର ସପୋର୍ଟ ଷ୍ଟାଫଙ୍କ ନାଁ ଘୋଷଣା କରିଛି। ଏଥିରେ ଦଳର ଦୁଇ ପୂର୍ବତନ ଖେଳାଳି ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲ୍‌ରାଉଣ୍ଡର ଆଲ୍ବି ମର୍କେଲ ଓ ଭାରତର ପୂର୍ବତନ ଦ୍ରୁତ ବୋଲର ମୋହିତ ଶର୍ମାଙ୍କ ନାଁ ରହିଛି। ମର୍କେଲଙ୍କ ସହ ପୂର୍ବତନ ଇଂଲିସ୍ ଖେଳାଳି ଗାରେଥ୍ ବାଟିଙ୍କୁ ସହଯୋଗୀ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ତେବେ ମୋହିତଙ୍କୁ ବୋଲିଂ ପ୍ରଶିକ୍ଷକ ଭାବେ ଭାବେ ନିଯୁକ୍ତ କରାଯାଇଛି।ସିଏସ୍କେ ୨୦୧୦ ଓ ୨୦୧୧ରେ ଲଗାତାର ଦୁଇଥର ଆଇପିଏଲ୍ ମୁକୁଟ ଜିତିବାରେ ମର୍କେଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମର୍କେଲ ସଂପ୍ରତି ଏସ୍‌ଏ୨୦ରେ ଜୋବର୍ଗ ସୁପର କିଙ୍ଗ୍ସର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ବାଟି ହେଉଛନ୍ତି ସରେର ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ। ସିଏସ୍କେରୁ ୨୦୧୪, ୨୦୧୫ ଓ ୨୦୧୯ରେ ଖେଳିଥିଲେ ମୋହିତ। ୨୦୧୪ ସଂସ୍କରଣରେ ସେ ୧୬ ମ୍ୟାଚ୍ରୁ ୨୩ ୱିକେଟ୍ ନେଇ ବଇଗଣି ଟୋପି ପାଇଥିଲେ। ଜେମ୍ସ ଫୋଷ୍ଟର ଓ ଶ୍ରୀଧରନ ଶ୍ରୀରାମ ପୂର୍ବ ପରି ଦଳର ଫିଲ୍ଡିଂ ଓ ସହଯୋଗୀ ଦାୟିତ୍ୱରେ ରହିବେ। ଜାହିର ଖାନ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଅଛନ୍ତି।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୁଡ଼ାଲାଇ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

ରାଜ୍ୟଗୋଷ୍ଠୀ କବାଡ଼ିରେ ଭାରତର ଦମଦାର ପ୍ରଦର୍ଶନ

ଭୁବନେଶ୍ୱର, ୨୭।୧୦(ସବ୍ୟୁ) : ରାଜ୍ୟଗୋଷ୍ଠୀ କବାଡ଼ି ପ୍ରତିଯୋଗିତାରେ ଭାରତୀୟ ଦଳର ଦମଦାର ପ୍ରଦର୍ଶନ। ପ୍ରଥମ ଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅହମଦାବାଦରେ ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟ ମୁକାବିଲାରେ ନାଇଜେରିଆକୁ ଶୋଚନୀୟ ଭାବେ ପରାସ୍ତ କରି ଉଭୟ ଦଳ ନିଜର ଦବଦବା ଜାହିର କରିଛନ୍ତି। ଏହା ସହିତ ଲଗାତାର ଚତୁର୍ଥ ବିଜୟ ହାସଲ କରି ଭାରତ ସେମିଫାଇନାଲ୍ ଟିକେଟ୍ ହାତେଇଛି। ମହିଳା ବିଭାଗରେ ଭାରତୀୟ ଦଳ ନାଇଜେରିଆକୁ ୩୮-୧୦ ପଏଣ୍ଟରେ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୨୪-୬ ପଏଣ୍ଟରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୧୪ ପଏଣ୍ଟ ଯୋଡ଼ି ଦଳ ଏକପାଖିଆ ବିଜୟ ହାସଲ କରିଥିଲା। ଭାରତୀୟ ମହିଳା ଦଳ ପକ୍ଷରୁ ଅନୁ ଚମତ୍କାର ପ୍ରଦର୍ଶନ କରି ୧୭ଟି ରେଡ୍ରୁ ୧୧ ପଏଣ୍ଟ ସଂଗ୍ରହ କରିଥିଲେ। ସାକ୍ଷୀ ୪ ଏବଂ ନିଧି ଶର୍ମା ୨ ପଏଣ୍ଟ ହାସଲ କରିଥିଲେ। ସେହିପରି ରକ୍ଷଣଭାଗରେ ସାଭାଇ ଗଧାବୀ ୩ଟି ଟ୍ୟାକେଲ୍ ପଏଣ୍ଟ ଅର୍ଜନ କରିଥିବା ବେଳେ ରିତୁ ଓ ପ୍ରିୟା ୨ଟି ଲେଖାଏଁ ଟ୍ୟାକେଲ୍ ପଏଣ୍ଟ ହାସଲ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଅନ୍ୟପଟେ ପୁରୁଷ ବିଭାଗରେ ମଧ୍ୟ ଭାରତର ଜବରଦସ୍ତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ନାଇଜେରିଆକୁ ୫୦-୨୩ ପଏଣ୍ଟରେ ପରାସ୍ତ କରିଥିଲା ଭାରତୀୟ ପୁରୁଷ ଦଳ। ପ୍ରଥମାର୍ଦ୍ଧରେ ହିଁ ୨୫-୭ ପଏଣ୍ଟର ବିଶାଳ ଅଗ୍ରଣୀ ହାସଲ କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ଭାରତ। ପୁରୁଷ ଦଳ ପକ୍ଷରୁ ସଚିନ ଓ ଆଦିତ୍ୟ ସିନ୍ଦେ ଆକର୍ଷଣୀୟ ରେଡିଂ ପ୍ରଦର୍ଶନ କରିଥିଲେ। ପଙ୍କଜ ମୋହିତେ ୮ ରେଡ୍ ଓ ୨ ଟ୍ୟାକେଲ୍ ପଏଣ୍ଟ ହାସଲ କରିଥିବା ବେଳେ ସୁର୍ଜିତ ନରୱାଲ ୪ ଟ୍ୟାକେଲ୍ ପଏଣ୍ଟ ଯୋଡ଼ିଥିଲେ। ଉଭୟ ଦଳର ଏହି ଦମଦାର ବିଜୟ ପରେ ଏବେ ସେମିଫାଇନାଲ୍ ମୁକାବିଲା ଉପରେ ସମସ୍ତଙ୍କ ନଜର ରହିଛି। ପ୍ରତିଯୋଗିତାରେ ଅପରାଜେୟ ରହିଥିବା ଭାରତୀୟ ପୁରୁଷ ଓ ମହିଳା ଦଳ ଏବେ ଫାଇନାଲ୍‌ରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛନ୍ତି।





Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି